RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-259 ◆BHUBANESWAR ◆THURSDAY ◆14 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୯ ◆ଭୁବନେଶ୍ୱର ◆ଗୁରୁବାର ◆୧୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

ବାୟୋପିକ୍‌କୁ ନେଇ ବିମୁଖ ଜିନତ୍

▶ଭିତର ପୃଷ୍ଠାରେ...

ଆଉ ୨୨ ନୂଆ ଏନ୍‌ଏସି

ପୌରପାଳିକାକୁ ଉନ୍ନୀତ ହେଲା ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

ମୁଖ୍ୟମନ୍ତ୍ରୀଙ୍କ ବଡ଼ ନିଷ୍ପତ୍ତି

■ **ଭୁବନେଶ୍ୱର, ୧୩।୩ (ସମିସ):** ଜିଲ୍ଲାସ୍ତରରେ ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଗଠନ ସହ ଗଞ୍ଜାମର ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗତମାସରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନୂଆ ୩୫ଟି ଏନଏସି ଏବଂ ୫ଟି ନୂଆ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଆଜି ନୂତନ ଭାବରେ ଆଉ ୨୨ ନୂଆ ଏନ୍‌ଏସି ଘୋଷଣା ପରେ ନବଗଠିତ ଏନ୍‌ଏସି ସଂଖ୍ୟା ୫୭ ଓ ମ୍ୟୁନିସିପାଲଟି ସଂଖ୍ୟା ୬ରେ ପହଞ୍ଚିଛି ।

ଜିଲ୍ଲା ଗସ୍ତ ବେଳେ 'ଫ-ଟି' ଅଧ୍ୟକ୍ଷଙ୍କୁ ପ୍ରସ୍ତାବ ଆଧାରରେ ନିଷ୍ପତ୍ତି

ଗତମାସରେ ଘୋଷଣା ହୋଇଥିଲା ୩୫ ଏନ୍‌ଏସି, ୫ ମ୍ୟୁନିସିପାଲିଟି

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣୀ, ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଓ ସିନ୍ଧେକେଲା, ବରଗଡ ଜିଲ୍ଲାର ସୋହେଲା, ବାଲେଶ୍ୱର ଜିଲ୍ଲାର ବାଲିଆପାଲ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଲ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର ରାମପୁର ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲାର ବୋଲଗଡ, ନୟାଗଡ଼ର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା ,ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ଫ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଓ ଜନଶୁଣାଣି ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡ଼ିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଜ୍ୟବ୍ୟାପୀ ଖୁସିର ମାହୋଲ ଖେଳିଯାଇଛି। ନିଜ ଅଞ୍ଚଳର ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ସଂପୃକ୍ତ ଅଞ୍ଚଳର ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ 'ଫ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ବୁଦ୍ଧିଜୀବୀ ମହଲ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂଆ ଏନଏସି ଏବଂ ମୁନିସିପାଲଟିର ଯଥେଷ୍ଟ ଆବଶ୍ୟକତା ଥିଲାବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

କନିଷ୍ଠ ଶିକ୍ଷକଙ୍କ ଦରମା ୨୦ ହଜାର

ଉପକୃତ ହେବେ ସାରା ରାଜ୍ୟର ୧୨୭୮୪ କନିଷ୍ଠ ଶିକ୍ଷକ

ପିଛିଲା ଭାବେ ୨୦୨୩ ଜାନୁଆରୀ ପହିଲାରୁ ହେବ ଲାଗୁ

'ଫ-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ଅବସରରେ ମିଳିଥିଲା ପ୍ରସ୍ତାବ

■ **ଭୁବନେଶ୍ୱର, ୧୩।୩ (ସମିସ):** ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ରୂପାନ୍ତରଣ ସହ ଶିକ୍ଷକମାନଙ୍କର ହିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଏହିକ୍ରମରେ ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୧୨୭୮୪ ଜଣ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ନିୟୋଜିତ ହୋଇଥିବା କନିଷ୍ଠ ଶିକ୍ଷକ (ଯେଉଁମାନେ ଯୋଜନା ଭିତ୍ତିକ ପଦବୀରେ ୩ ବର୍ଷ କାର୍ଯ୍ୟ କରିସାରିଛନ୍ତି) ସେମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେଇ ସରକାର ତାଙ୍କ ମାସିକ ପାରିଶ୍ରମିକ ୧୩,୮୦୦ ପରିବର୍ତ୍ତେ ୨୦,୦୦୦ ଟଙ୍କା କରିବା ପାଇଁ ସ୍ଥିର କରିଛନ୍ତି । ଏହି ବୃଦ୍ଧି ପିଛିଲା ଭାବେ ୨୦୨୩ ମସିହା ଜାନୁଆରୀ ପହିଲାଠାରୁ ଲାଗୁ ହେବ। ଏହା ଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୨,୭୮୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ଅତିରିକ୍ତ ୯୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଫ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା କନିଷ୍ଠ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଫ-ଟି ଅଧ୍ୟକ୍ଷ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

ବଢ଼ିଲା ପୌର ପ୍ରତିନିଧିଙ୍କ ଭତ୍ତା ଓ ପାରିତୋଷିକ

ମେୟରଙ୍କୁ ୫୦ ହଜାର, ପୌରାଧ୍ୟକ୍ଷଙ୍କୁ ୧୫ ହଜାର

■ **ଭୁବନେଶ୍ୱର, ୧୩।୩ (ସମିସ):** ସହରାଞ୍ଚଳବାସୀଙ୍କୁ ଉତ୍ତମ ସେବା ଯୋଗାଇଦେବା କ୍ଷେତ୍ରରେ ସହରାଞ୍ଚଳର ଲୋକ ପ୍ରତିନିଧିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘଦିନ ହେଲା ସେମାନେ ସେମାନଙ୍କର ଭତ୍ତା ଓ ପାରିତୋଷିକ ବୃଦ୍ଧି ପାଇଁ ଦାବି କରି ଆସୁଥିଲେ। 'ଫ-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ସହରାଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି ଏ ଦିଗରେ ବିଚାରବିମର୍ଶ କରିବାକୁ ଅନୁରୋଧ କରିଥିଲେ। ହୋଲି ପୂର୍ବରୁ ସହରାଞ୍ଚଳର ଲୋକ ପ୍ରତିନିଧିମାନଙ୍କ ଭତ୍ତା ଓ ପାରିତୋଷିକ ବୃଦ୍ଧି ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଡେପୁଟି ମେୟରଙ୍କୁ ୨୦ ହଜାର, ପୌର ଉପାଧ୍ୟକ୍ଷଙ୍କୁ ୧୦ ହଜାର

ଏନ୍‌ଏସି ଅଧ୍ୟକ୍ଷଙ୍କୁ ମାସିକ ୧୦ ହଜାର, ଉପାଧ୍ୟକ୍ଷଙ୍କୁ ୭୫୦୦

ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି

ରାଜ୍ୟର ମହାନଗର ନିଗମ, ପୌର ପରିଷଦ ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ତଥା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ରୁଲ୍ସ- ୨୦୦୪ ଓ ଓଡ଼ିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ ରେ ସଂଶୋଧନ ଆଣି ଏହି ବୃଦ୍ଧି କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ମହାନଗର ନିଗମମାନଙ୍କର ମେୟରମାନେ ପାରିତୋଷିକ ଭାବରେ ପୂର୍ବରୁ ପାଉଥିବା ୮ ହଜାର ଟଙ୍କା ବଦଳରେ ଏଣିକି ମାସିକ ୫୦ ହଜାର ଟଙ୍କା ପାଇବେ। ସେହିପରି ଡେପୁଟି ମେୟରମାନଙ୍କ ପାରିତୋଷିକ ମାସିକ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କା, ପୌରପରିଷଦ ▶ପୃଷ୍ଠା-୮

ପଦ୍ମ ସମ୍ମାନପ୍ରାପ୍ତ ଓଡ଼ିଆଙ୍କୁ ମାସିକ ୨୫ ହଜାର ଟଙ୍କା

■ **ଭୁବନେଶ୍ୱର, ୧୩।୩ (ସମିସ):** ସମାଜକୁ ବଳିଷ୍ଠ ଅବଦାନର ସ୍ୱୀକୃତି ସ୍ୱରୂପ ପଦ୍ମ ସମ୍ମାନପ୍ରାପ୍ତ କୃତୀ ବ୍ୟକ୍ତି ବିଶେଷଙ୍କୁ ମାସକୁ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଚଳିତ ବର୍ଷ ଅପ୍ରେଲ ମାସ ଠାରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ। ବିଭିନ୍ନ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ମିଳିଥାଏ। ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନ ମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ତେଣୁ ସେମାନଙ୍କୁ ସମ୍ମାନ ସ୍ୱରୂପ ଏହି ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-259 ◆BHUBANESWAR ◆THURSDAY ◆14 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୯ ◆ଭୁବନେଶ୍ୱର ◆ଗୁରୁବାର ◆୧୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

ପୁଲିସ ସହ ଗୁଳିବିନିମୟ; ଜଣେ ମାଓବାଦୀ ମୃତ

■ **ମାଲକାନଗିରି,୧୩।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସକୁ ମିଳିଛି ବଡ଼ ସଫଳତା। ମାଓଦମନ ନିମନ୍ତେ ତଲାସୀ ଅଭିଯାନରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବାବେଳେ ଏଥିରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ଦାନ୍ତେୱାଡ଼ାର ପିଡ଼ିଆ ଜଙ୍ଗଲରେ ଡିଆରଜି, ବସ୍ତର ଫାଇଟର୍ସ, ଦାନ୍ତେୱାଡ଼ା, ବିଜାପୁର ଏବଂ ସୁକୁମା ସ୍ପେଶାଲ ଟାସ୍କଫୋର୍ସ ଏବଂ ସିଆରପିଏଫର କୋବ୍ରା ବାଟାଲିୟନ ମିଳିତ ଭାବେ ମାଓଦମନ ନିମନ୍ତେ ତଲାସୀ ଅଭିଯାନ କରୁଥିବାବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ତଲାସୀ ଅଭିଯାନକୁ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ପରେ ଯବାନମାନେ ମଧ୍ୟ ଏହାର ପ୍ରତି ଉତ୍ତର ଦେଇଥିବାବେଳେ ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ଗୁଳିବିନିମୟରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ଯବାନମାନେ ପୁନଃ ସର୍ଚ୍ଚ ଅପରେସନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଯବାନମାନେ ଜବତ କରିଥିଲେ। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣର ଗୁଳି, ବାରୁଦ ଇତ୍ୟାଦି ମଧ୍ୟ ଜବତ କରିଥିବା ବିଜାପୁର ଏସପି ଚନ୍ଦ୍ରକାନ୍ତ ଗବର୍ତ୍ତା ସୂଚନା ଦେଇଛନ୍ତି।



କ୍ରୀଡ଼ା କ୍ଷେତ୍ରରେ ସବୁ ରାଜ୍ୟ ପାଇଁ ଓଡ଼ିଶା ମଡେଲ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୧୩।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୧ ଏକର ପରିମିତ ଏହି ଜୟପୁରର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ପ୍ରାକୃତିକ ଫୁଟବଲ ପଡ଼ିଆ ଓ ସିନ୍ଥେଟିକ୍ ଆଥଲେଟିକ୍ ଟ୍ରାକ୍ ରହିଥିବା ବେଳେ ଏଠାରେ ୫୦୦ ଦର୍ଶକ ବସିବାର କ୍ଷମତା ରହିଛି। ଏଠାରେ ଅନ୍ତର୍ଜାତୀୟ ମାନର ଉପକରଣ ସହିତ ଏକ ଜିମ୍ନାଷ୍ଟିକ୍ ସେଣ୍ଟର, ଅଲିମ୍ପିକ୍ ଆକାରର ସୁଇମିଂ ପୁଲ୍, ଦୁଇଟି ସିନ୍ଥେଟିକ୍ ଟେନିସ୍ କୋର୍ଟ ଏବଂ ଗୋଟିଏ ବାସ୍କେଟବଲ୍ କୋର୍ଟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ୧୨ ଜିଲ୍ଲାରେ ୨୬ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଏହା ବ୍ୟତୀତ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ପରିବେଶ ସୃଷ୍ଟି ଦିଗରେ ଓଡ଼ିଶା ନିଜର ପ୍ରୟାସକୁ ଅଧିକ ସୁଦୃଢ଼ କରିବା ସହିତ ୧୨ଟି ଜିଲ୍ଲାରେ ୨୬ ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଯେଉଁଥିରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ଓ ଜିମ୍ ଆଦି କ୍ରୀଡ଼ା ପାଇଁ ସୁବିଧା ରହିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍ଥାନରେ ବୃତ୍ତିଗତ କ୍ରୀଡାର ବିକାଶ ପାଇଁ ୫-ଟି ଉପକ୍ରମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୟପୁରର ସ୍ପୋର୍ଟସ କମ୍ପ୍ଲେକ୍ସ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ କ୍ରୀଡା କ୍ଷେତ୍ରରେ ଉତ୍ସାହିତ କରିବ।

■ **ଜୟପୁରରେ ସ୍ପୋର୍ଟସ କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

■ **୧୨ଟି ଜିଲ୍ଲାରେ ୨୬ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମର ଶୁଭାରମ୍ଭ**

ଦକ୍ଷିଣ ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ ଏହି କମ୍ପ୍ଲେକ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏକ ଦକ୍ଷ ଯୁବ ସମାଜ ଗଠନ ପାଇଁ ଆମେ କ୍ରୀଡା ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ଏହା ଦ୍ୱାରା ଓଡ଼ିଶା ଆଜି ସାରା ବିଶ୍ୱରେ କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। କ୍ରୀଡା କ୍ଷେତ୍ରରେ ଆଜି ସବୁ ରାଜ୍ୟ ଓଡ଼ିଶା ମଡେଲକୁ ଅନୁସରଣ କରୁଛନ୍ତି। ଇନ୍‌ଡୋର ଷ୍ଟାଡିୟମ ଉଦଘାଟନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସବୁ ଇନଡୋର୍ ଷ୍ଟାଡିୟମ ରାଜ୍ୟରେ କ୍ରୀଡା ସଂସ୍କୃତିକୁ ଆହୁରି ଆଗକୁ ନେବ। ବିଶେଷ କରି ବୃତ୍ତିଗତ କ୍ରୀଡା କ୍ଷେତ୍ରରେ ଏହା ଆମ ପିଲାମାନଙ୍କ ପାଇଁ

ବହୁ ସୁଯୋଗ ସୃଷ୍ଟି କରିବ। ଗାଁ ଓ ଛୋଟ ସହରର ପିଲାମାନେ ବହୁ ସଂଖ୍ୟାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ପାରିବେ ଏବଂ ଓଡ଼ିଶାରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଆମର ପ୍ରୟାସ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ସବୁ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଗୁଡିକ ଓଡ଼ିଶାବାସୀଙ୍କ ଟଙ୍କାରେ ତିଆରି ହୋଇଛି। ଏହା ଆପଣମାନଙ୍କର ସମ୍ପତ୍ତି, ରାଜ୍ୟବାସୀଙ୍କ ସମ୍ପତ୍ତି। ଆପଣମାନଙ୍କ ସମ୍ପତ୍ତି ହୋଇଥିବାରୁ ଏଗୁଡିକୁ ସଠିକ୍ ଭାବେ ଉପଯୋଗ କରିବା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଜୟପୁରଠାରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡାକୁ ସର୍ବୋଚ୍ଚ ସ୍ତରକୁ ନେବା ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏବଂ ବିଭିନ୍ନ କ୍ରୀଡା ଭିତ୍ତିଭୂମି ନିର୍ମାଣ ଓ ଉନ୍ନତ ତାଲିମ ପ୍ରଦାନ ଜରିଆରେ ଓଡ଼ିଶା ଏକ କ୍ରୀଡା ପ୍ରୋତ୍ସାହକ ରାଜ୍ୟ ଭାବେ ଆଗ ଧାଡିରେ ରହି ଆସିଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ଆର. ଭିନୀଲ କ୍ରିଷ୍ଣା ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ଯୁଗପୋଯୋଗୀ

ସ୍ପୋର୍ଟସ୍ କମ୍ପ୍ଲେକ୍ସଗୁଡ଼ିକ ରାଜ୍ୟର ସମ୍ପତ୍ତି; ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର: ପାଣ୍ଡିଆନ

ମାର୍ଗ ଦର୍ଶନ ପାଇଁ ଓଡ଼ିଶା ଆଜି କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଛନ୍ତି। ଜୟପୁରଠାରେ କ୍ରୀଡା ବିଭାଗର କୋଚ ସୁମନ୍ତ ନାରାୟଣ ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ କ୍ରୀଡାବିତ ଅଭ୍ୟାସ ଜରିଆରେ ଉପକୃତ ହେବେ ଏବଂ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ପାଇଁ ସୁନାମ ଆଣିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବରଦାନ ସାଜିଲା ବିଏସ୍‌କେୱାଇ

ମହିଳାଙ୍କ ପେଟରୁ ବାହାରିଲା ୭ କେଜିର ଟ୍ୟୁମର୍

■ **ବାଲେଶ୍ୱର, ୧୩।୩(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ଜଣେ ମହିଳା ଏହି ବିଏସ୍‌କେୱାଇ କାର୍ଡ ଜରିଆରେ ଚିକିତ୍ସିତ ହୋଇ ପେଟ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ସୂଚନା ଅନୁସାରେ, ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ସଞ୍ଜୁଲତା ଘୋଷ ଦୀର୍ଘ ତିନିବର୍ଷ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସ୍ଥାନୀୟ ଆଇଟିଆଇସ୍ଥିତ ଜୟଶ୍ରୀ ହେଲଥ କେୟାରରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପେଟରେ ଟ୍ୟୁମର୍ ହୋଇଥିବା ଜଣାପଡ଼ିଥିଲା। ଡା. ଜ୍ୟୋତି ନାରାୟଣ ପୁହାଣ, ଡା. ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମେତ ସହଯୋଗୀମାନେ ଦୀର୍ଘ ୫ ଘଣ୍ଟା ଧରି ଉକ୍ତ ମହିଳାଙ୍କ ଅସ୍ତ୍ରୋପଚାର କରି ତାଙ୍କ ପେଟରୁ ୭ କେଜି ଓଜନର ଏକ ଟ୍ୟୁମର୍ ବାହାର କରିଥିଲେ। ଅସ୍ତ୍ରୋପଚାର ପରେ ସଞ୍ଜୁଲତା ସୁସ୍ଥ ରହିଥିବା ନେଇ ଜୟଶ୍ରୀ ହସପିଟାଲର ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ର କହିଛନ୍ତି।

ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରୁଛି 'ଲକ୍ଷ୍ମୀ' ବସ୍

■ **ମାଥିଲି,୧୩।୩(ସମିସ):** ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଗମନାଗମନରେ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରି ଗ୍ରାମାଞ୍ଚଳର

ବ୍ୟବସାୟ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି

ଲୋକଙ୍କ ଗମନାଗମନର ସୁବିଧା କରିବା ଦ୍ୱାରା ସେଠାକାର ଲୋକମାନଙ୍କ ଆର୍ଥିକ, ସ୍ୱାସ୍ଥ୍ୟ ଓ ଶିକ୍ଷା ସହିତ ବିଭିନ୍ନ ପ୍ରକାର ଉନ୍ନତି ହୋଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀ ବସ ସେବା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ୧୨ ଅକ୍ଟୋବର ୨୦୨୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉପାନ୍ତ ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ ହୋଇଥିଲା। ଜିଲ୍ଲାରେ ମୋଟ ୭ ବ୍ଲକ ପାଇଁ ୩୬ଟି ଲକ୍ଷ୍ମୀ ବସ୍ ଚାଲୁ ହୋଇଥିବାବେଳେ ଆଦିବାସୀ ବହୁଳ ମାଥିଲି ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୭ଟି ସାଧାରଣ ଲକ୍ଷ୍ମୀ ବସ୍ ଓ ବ୍ଲକ ସଦର ମହକୁମାରୁ ଜିଲ୍ଲା ମୁଖ୍ୟାଳୟକୁ ଗୋଟିଏ ଶୀତତାପ ନିୟନ୍ତ୍ରଣ ବସ୍ ଯୋଗାଇ ଦିଆଯାଇଥିଲା। ସୀମାନ୍ତ ଛତିଶଗଡ଼ ରାଜ୍ୟର ପଞ୍ଚାୟତ କମାରପାଲ୍ଲୀ, ମହୁପଦର, ଟେମ୍ରୁପାଲ୍ଲୀ, ସାଲିମି, କିଆଙ୍ଗ, କର୍ତ୍ତନପାଲ୍ଲୀ, କୁରୁଣୀପାଲ୍ଲୀ, ଧୁଙ୍ଗିଆପୁଟ, ଉଦୁଲିବେଡ଼ା, ଦଳପତିଗୁଡ଼ା ଚେଡ଼େଙ୍ଗା, ମେଙ୍କାର କାଳିଆଗୁଡ଼ା, ଚାଉଳମେନ୍ଦୀ, ଅମ୍ବାଗୁଡ଼ା, ପାଙ୍ଗାମ, ଭେଜାଗୁଡ଼ା, କଣ୍ଡାପଲ୍ଲୀ, ଭଣ୍ଡାରୀ ପାଙ୍ଗାମ ସମସ୍ତ ପଞ୍ଚାୟତ ସଦର ମହକୁମାରରୁ ଲକ୍ଷ୍ମୀ ବସ ଚାଲିବ। ଯାହାଦ୍ୱାରା ଉଚ୍ଚ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ସହଜ ଓ ସୁଲଭ ମୂଲ୍ୟରେ ନିଜ ବିଦ୍ୟାଳୟକୁ ପ୍ରତିଦିନ ଆସିପାରୁଛନ୍ତି । ଯାହା ଫଳରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ଦିନକୁ ଦିନ ବୃଦ୍ଧି ପାଇଛି ବୋଲି କର୍ତ୍ତୃପକ୍ଷମାନେ ମତପ୍ରକାଶ କରିଛନ୍ତି। ସେହିପରି ପୂର୍ବରୁ ଗମନାଗମନ ସୁବିଧାସୁଯୋଗ ନଥିବାରୁ ଗ୍ରାମାଞ୍ଚଳର ଲୋକମାନେ ରୋଗଗ୍ରସ୍ତ ହେଲେ ଗୁଣି ଓ ଦିଶାରୀ ଉପରେ ନିର୍ଭର କରୁଥିଲେ। ଯାହା ଫଳରେ ଅକାଳରେ ମୂଲ୍ୟବାନ ଜୀବନ ଚାଲି ଯାଉଥିଲା। କିନ୍ତୁ ବର୍ତ୍ତମାନ ଲକ୍ଷ୍ମୀ ବସ୍ ଚାଲିବା ଫଳରେ ଲୋକମାନେ ଆଉ ଗୁଣି ଦିଶାରୀ ପାଖକୁ ନଯାଇ ସିଧାସଳଖ ଏହି ବସରେ ବସି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଚାଲି ଆସୁଛନ୍ତି। ଲକ୍ଷ୍ମୀ ବସ୍ ଚାଲିବା ପୂର୍ବରୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସଂଖ୍ୟା ଦିନକୁ ୨୦୦ରୁ ୨୫୦ ଆସୁଥିବାବେଳେ ବର୍ତ୍ତମାନ ଲକ୍ଷ୍ମୀ ବସ ଚାଲିବା ପରେ ରୋଗୀ ସଂଖ୍ୟା ଦିନକୁ ୩୦୦ ରୁ ୩୫୦ କୁ ବୃଦ୍ଧି ପାଇଛି ବୋଲି ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଡା.ଅମୟକୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ମାଥିଲି ବଜାରରେ ବ୍ୟବସାୟୀମାନଙ୍କ ମଧ୍ୟ ବ୍ୟବସାୟ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି।

ଲୋକକଥା

ଭୋଅଟ ପୂର୍ବରୁ ମେଣ୍ଟ ଭାଙ୍ଗିଗଲା
ଖସିଲା ଖଙ୍ଗର ପଗଡ଼ି,
ହରିଆଣା ଦେଖେ ବିଜେପି-ଜେଜେପି
ହଉଚନ୍ତି ଗଡ଼ାଗଡ଼ି !
ସ୍ଥିତି ତ ଗଲା ବିଗିଡ଼ି,
ମାଉସୀ ଲୋ ଟିକେ ପିଣ୍ଡା ଦେ' କହି
ଘରକୁ ବସିଲେ ମାଡ଼ି !!

ଟ୍ରେଲରକୁ ଧକ୍କାଦେଲା ଗୋରୁ ଗାଡ଼ି; ୨ ମୃତ

■ **ବାଲେଶ୍ୱର/ବସ୍ତା,୧୩।୩(ସମିସ):** ୬୦ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ହଳଦୀପଦା ନିକଟରେ ବୁଧବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଗୋରୁ ବୋଝେଇ ପିକଅପ ଭ୍ୟାନ ସମ୍ମୁଖରୁ ଆସୁଥିବା ଏକ ୧୮ଚକିଆ ଟ୍ରେଲରକୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ଥିବା ବେଳେ ଅନ୍ୟ ଏକ ଗାଡ଼ିର ତେଲ ଟାଙ୍କି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ଯୋଗୁଁ ପିକ୍‌ଅପ ଭ୍ୟାନରେ ଥିବା ୩ଜଣ ବ୍ୟକ୍ତି ଗାଡ଼ି ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଦୀର୍ଘ ସମୟ ପରେ ତିନି ଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସୋର ଅଞ୍ଚଳର ସେକ ନବାବ ଧ୍ୱନୀ(୨୪) ଏବଂ ସେକ ସରୁଜୁ(୨୫)। ଅନ୍ୟ ଜଣେ ଗୁରୁତର ସେକ ବଗତାତ(୩୫)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ, ଭୋର ପ୍ରାୟ ୫ଟାରେ ସୋର ଅଞ୍ଚଳରୁ ଉକ୍ତ ପିକ୍‌ଅପ ଭ୍ୟାନ୍ ଗୋରୁ ବୋଝେଇ କରି ଦ୍ରୁତଗତିରେ ଜଳେଶ୍ୱର ଅଭିମୁଖେ ଯାଉଥିଲା। ହଳଦୀପଦା ରେଲୱେ ବାଇପାସ ପୋଲ ଉପରେ ରାସ୍ତାକାର୍ଯ୍ୟ ଚାଲୁଥିବା ବେଳେ ଡାଇଭର୍ସନ କରାଯାଇଥିଲା। ସେଠାରେ ପିକଅପ୍ ଭ୍ୟାନଟି ଜଳେଶ୍ୱର ପଟୁ ଆସୁଥିବା ଟ୍ରେଲରକୁ ଜେନା ଢାବା ସମ୍ମୁଖରେ ପିଟିଥିଲା। ଉକ୍ତ ପିକ୍‌ଅପ ଭ୍ୟାନରେ ଥିବା ଗୋରୁ ଗୁଡିକ ମଧ୍ୟ ଆହତ ହୋଇଛନ୍ତି। ଗୋରୁଗୁଡ଼ିକୁ ପୁଲିସ ଉଦ୍ଧାର କରି ନିକଟସ୍ଥ ଗୋଶାଳାକୁ ପଠାଇଛି।

ପୃଥକ୍ ଦୁର୍ଘଟଣାରେ ୩ ମୃତ

■ **ବାଙ୍ଗିରିପୋଷି/କଳାବାଡ଼ିଆ, ୧୩।୩ (ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ ୧୮ନମ୍ବର କଳାବାଡ଼ିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ସୁବର୍ଣ୍ଣରେଖା କେନାଲର

■ ସୁବର୍ଣ୍ଣରେଖା କେନାଲ ତଳକୁ ଖସିପଡ଼ିଲା ଟ୍ରକ୍

■ ଟ୍ରକ୍ ଡ୍ରାଇଭର୍, ହେଲ୍‌ପର ଓ ବାଇକ୍ ଚାଳକ ମୃତ

୨୫ ଫୁଟ୍ ତଳକୁ ଏକ ମାଲ୍‌ବୋଝେଇ ଟ୍ରକ୍ ବିଳମ୍ବିତ ରାତିରେ ଖସିପଡ଼ିବାରୁ ଚାଳକ ଓ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ଏହି ଟ୍ରକଟି ପ୍ଲାଏଉଡ୍ ନେଇ ବିଶାଖାପାଟଣାରୁ ନେପାଳ ଯାଉଥିବାବେଳେ ଭାରସାମ୍ୟ ହରାଇ ପ୍ରଥମେ ପୋଲର ଡିଭାଡର୍‌ରେ ଧକ୍କା ଦେଇ ୨୫ଫୁଟ ତଳ ସୁବର୍ଣ୍ଣରେଖା କେନାଲକୁ ଖସି ପଡ଼ିଥିଲା। ତେବେ ଚାଳକର ଆଖି ଲାଗିଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଦମକଳବାହିନୀ ଓ ପୁଲିସ ପହଞ୍ଚି ଚାଳକ ଏବଂ ହେଲ୍‌ପରକୁ ରାତି ୨.୩୦ ମିନିଟରେ ବାରିପଦା ପଠାଇଥିଲେ; ହେଲେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡ୍ରାଇଭର୍ ଆଜ୍ ନାରାୟଣା (୫୦), ହେଲ୍‌ପର କୟାନା ଚିନାରାଓ (୪୦)। ଉଭୟଙ୍କ ଘର ଆନ୍ଧ୍ର ପ୍ରଦେଶର ବସ୍ତୁନ୍ଧରା, ଶ୍ରୀକାକୁଲମ ବୋଲି ଜଣାପଡ଼ିଛି। ସେହିପରି ମଙ୍ଗଳବାର ରାତି ୯ଟାରେ ବାଙ୍ଗିରିପୋଷି ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥର କତରା ଛକ ନିକଟରେ ଏକ ଦ୍ରୁତଗାମୀ ମାଲବୋଝେ

ଅଗ୍ନି-୫କୁ ନେଇ ଚର୍ଚ୍ଚାରେ ଭାରତ

କ୍ଷେପଣାସ୍ତ୍ର ପ୍ରସ୍ତୁତି ପଛରେ ଡିଆରଡିଓ ମହିଳା ବୈଜ୍ଞାନିକ ସୀନା ରାଣୀ

ଦିବ୍ୟାସ୍ତ୍ର ହେଉଛି ଭଗବାନ ବା ଈଶ୍ୱର ଦତ୍ତ ଅସ୍ତ୍ର। ଯାହା କେବେ ବି ନିରସ୍ତ୍ର ହୁଏ ନାହିଁ। କିନ୍ତୁ ଦିବ୍ୟାସ୍ତ୍ର ମିଶନରେ ଭାରତକୁ ଗତ ୧୧ ତାରିଖରେ ଯେଉଁ ସଫଳତା ମିଳିଛି ତାହା ବହୁ ଦେଶର ଚିନ୍ତା ବଢାଇ ଦେଇଛି। ଆମେରିକା ଠାରୁ ଆରମ୍ଭ କରି ଚୀନ ଏବଂ ପାକିସ୍ତାନ ଭଳି ଦୁଇ ପଡୋଶୀ ଏବଂ ଆଣବିକ କ୍ଷମତାସମ୍ପନ୍ନ ରାଷ୍ଟ୍ର ଭାରତରଏହି ସଫଳତାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଦିବ୍ୟାସ୍ତ୍ର ମିଶନରେ ଭାରତ 'ଏମଆଇଆର୍‌ଭି(ମଲ୍ଟିପୁଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟବୁଲ ରି-ଏଣ୍ଟ୍ରି ଭେଇକିଲ' ବୈଷୟିକ ବିଦ୍ୟା ଆଧାରିତ ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରକୁ ନେଇ ବିଶ୍ୱର ଏକ ନିର୍ଦ୍ଦିଷ୍ଟ କ୍ଲବ୍‌ରେ ସାମିଲ ହେବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ବଢିଛି। ଭାରତର ଏଭଳି କ୍ଷେପଣାସ୍ତ୍ର ପରୀକ୍ଷଣ ପାକିସ୍ତାନକୁ ନିରସ୍ତ୍ର କରି ଦେଇପାରେ ବୋଲି ମଧ୍ୟ ଜଣେ ଆମେରିକୀୟ ବୈଜ୍ଞାନିକ କହିଛନ୍ତି। ତେବେ ଅଗ୍ନି-୫ର ସଫଳତା ପଛରେ ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂଗଠନ) ର ଯେଉଁ ମହିଳା ବୈଜ୍ଞାନିକ ଜଣଙ୍କ ପ୍ରଚ୍ଛଦ ଭୂମିକା ରହିଛି ତାହା ମଧ୍ୟ ଆହୁରି ଚର୍ଚ୍ଚିତ ହେବାରେ ଲାଗିଛି। ଅତ୍ୟାଧୁନିକ ବୈଷୟିକ

ବିଦ୍ୟାରେ ଅଗ୍ନି-୫ର ପରିବର୍ତ୍ତିତ ମଡେଲ ପ୍ରସ୍ତୁତି ପଛରେ ରହିଛନ୍ତି ମହିଳା ବୈଜ୍ଞାନିକ ସୀନା ରାଣୀ। କେରଳ ତିରୁଅନନ୍ତପୁରମର ଏହି ମହିଳା ବୈଜ୍ଞାନିକ ଡିଆରଡିଓର ଜଣେ ବରିଷ୍ଠ ଅଧିକାରୀ ଭାବେ ଏବେ ହାଇଦରାବାଦସ୍ଥିତ ଆଡଭାନ୍ସଡ୍ ସିଷ୍ଟମସ୍ ଲାବୋଣେଟୋରୀ(ଏଏସଏଲ)ର ମିସାଇଲ ପ୍ରୋଗ୍ରାମ୍ ନିର୍ଦ୍ଦେଶକ ରହିଛନ୍ତି। ପୂର୍ବରୁ ସେ ତିରୁଅନନ୍ତପୁରମରେ ବିକ୍ରମ ସରାଭାଇ ସ୍ପେଶ୍ ସେଣ୍ଟରରେ ୮ ବର୍ଷ ଧରି କାର୍ଯ୍ୟ କରିବା ପରେ ୧୯୯୯ରେ ଡିଆରଡିଓରେ ଯୋଗ ଦେଇଥିଲେ। ଇଲେକ୍‌ଟ୍ରୋନିକ୍ସ ଓ ଯୋଗାଯୋଗ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ପ୍ରବୀଣ ଇଞ୍ଜିନିୟର ଭାବେ ସେ ଏହି ସମୟରୁ ଦେଶର କ୍ଷେପଣାସ୍ତ୍ର ପ୍ରକଳ୍ପ ମିଶନରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ୫୭ ବର୍ଷୀୟା ଏହି ବୈଜ୍ଞାନିକ ଜଣକ ୧୦ମ ଶ୍ରେଣୀ ପଢିବା ବେଳେ ନିଜ ବାପାଙ୍କୁ ହରାଇଥିଲେ। ତେବେ ମାଆଙ୍କ ସୀମିତ ସମ୍ବଳ ମଧ୍ୟରେ ସେ ତ୍ରିଭେନ୍ଦ୍ରମ ଇଞ୍ଜିନିୟରିଂ କଲେଜରୁ ଇଞ୍ଜିନିୟରିଂ ଶେଷ କରିଥିଲେ। ତାଙ୍କ ସ୍ୱାମୀ ମଧ୍ୟ ଜଣେ ବୈଜ୍ଞାନିକ ଏବଂ ସେ ଡିଆରଡିଓ କ୍ଷେପଣାସ୍ତ୍ର ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି।

ଭାରତକୁ ଟକ୍କର ଦେଉଛନ୍ତି ମୁଇଜୁ !

ତୁର୍କୀ ଡ୍ରୋନ୍ ଦ୍ୱାରା ଭାରତୀୟ ନୌସେନାର ଚାଲିଛି ଗୁପ୍ତଚରୀ

ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଚାଲିଥିବା ବିବାଦ ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଯାହାକୁ ନେଇ ମାଳଦ୍ୱୀପର ପର୍ଯ୍ୟଟନ କ୍ଷେତ୍ର ଭାରୀ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, ଏଠାକାର ପର୍ଯ୍ୟଟନ ବଜାର ଶେୟାରରେ ଭାରତର ଅଂଶ ଅନ୍ୟୂନ ୩୫ ପ୍ରତିଶତ ହ୍ରାସ ପାଇଛି। ଫଳରେ ମାଳଦ୍ୱୀପ ହୋଟେଲ ଶିଳ୍ପ ଠାରୁ ଆରମ୍ଭ କରି ସାଧାରଣ ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତ ହେବାରେ ଲାଗିଛି। ଗୋଟିଏ ପକ୍ଷରେ ଚୀନ୍ ଋଣରେ ନିଜକୁ ବଳିୟାନ ମନେ କରୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଏଭଳି ଘଟଣାକୁ ନେଇ ବିରୋଧୀ ଦଳଙ୍କ ଆକ୍ରୋଶର



ଶିକାର ହୋଇଛନ୍ତି ସତ ; କିନ୍ତୁ ଅନ୍ୟପକ୍ଷରେ ତାଙ୍କର ଭାରତ ବିରୋଧୀ ମାନସିକତାରେ କୌଣସି ପରିବର୍ତ୍ତନ ଘଟି ନାହିଁ। ବରଂ ସେ ଭାରତକୁ ଟକ୍କର ଦେବା ଆଭିମୁଖ୍ୟ ନେଇ ଭାରତ ବିରୋଧୀ ଷଡଯନ୍ତ୍ର କରିବା ଆରମ୍ଭ କରିଦେଇଛନ୍ତି।ମାଳଦ୍ୱୀପ ଏହାମଧ୍ୟରେ ତୁର୍କୀଠାରୁ ବେକରଟାର ଟିବି-୨ ଯୁଦ୍ଧ ଡ୍ରୋନ୍ କିଣିଛି। ଯାହାକୁ ଭାରତ ମହାସାଗରରେ ମୁତୟନ କରାଯିବ ବୋଲି ସୂଚନା ମିଳିଛି। ଚୀନ୍ ବୁଦ୍ଧିରେ ପଡ଼ି ମାଳଦ୍ୱୀପ ଭାରତୀୟ ନୌସେନାର ଗୁପ୍ତଚରୀ କରିବାକୁ ଷଡ଼ଯନ୍ତ୍ର ରଚିଥିବା ଭାରତ ଆଶଙ୍କା କରୁଛି। ମୁଇଜୁ ସରକାର 'ସର୍ଭେଲାନ୍ସ' ପାଇଁ ଏଭଳି କରୁଥିବା କହୁଥିଲେ ହେଁ ପ୍ରକୃତରେ ଏହାର ଉଦ୍ଦେଶ୍ୟ ମନ୍ଦ ଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ନଭେମ୍ବରରେ ମୁଇଜୁଙ୍କ ତୁର୍କୀ ଗସ୍ତ ସମୟରେ ସେ ସେଠାକାର ଏକ ଡ୍ରୋନ୍ କମ୍ପାନୀ ସହିତ ଚୁକ୍ତି କରିଥିଲେ। ତେବେ ମାଳଦ୍ୱୀପ ସରକାର ଏହି ଚୁକ୍ତି ସମ୍ପର୍କରେ ତଥ୍ୟ ପ୍ରକାଶ କରି ନାହାନ୍ତି। ତୁର୍କୀ ମିଡ଼ିଆ ଏହା ପ୍ରକାଶ କରିଥିଲା।ଚୁକ୍ତି ଅନୁସାରେ ମାଳଦ୍ୱୀପର ସାମୁଦ୍ରିକ କ୍ଷେତ୍ରରେ ସର୍ଭେଲାନ୍ସ ପାଇଁ ନୁନୁ ଏଟୋଲ ମାଫାରୁଠାରେ ଏକ ଡ୍ରୋନ୍ ଘାଟି ସ୍ଥାପନ ପାଇଁ ପ୍ରୟାସ କରାଯାଉଛି। ଏହା ମାଳଦ୍ୱୀପର ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ୯ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ସର୍ଭେଲାନ୍ସ କରିବ।ଭାରତ ମିନିକୟ ଦ୍ୱୀପ ମାଳଦ୍ୱୀପର ଡ୍ରୋନ୍ ଘାଟି ଠାରୁ ୨୭ ୫ କିଲୋମିଟର ଦୂରରେ ରହିଛି। ଫଳରେ ଏହି ଘାଟି ଦ୍ୱାରା ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।ଏନେଇ ମନୋହର ପାରିକର ଇନଷ୍ଟିଚ୍ୟୁଟ ଫର୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ୍ ଆନାଲିସିସର ବରିଷ୍ଠ ଫେଲୋ ମେଜର ଜେନେରାଲ ଡ. ମନଦୀପ୍ ସିଂ ମାଳଦ୍ୱୀପକୁ ଚେତାବନୀ ଦେଇଛନ୍ତି।

ଆଣବିକ ପରୀକ୍ଷଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ଅନେକ ଦେଶ

● ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟିଷ୍ଟ ଜର୍ଣ୍ଣାଲର ରିପୋର୍ଟ

ଆଣବିକ ଶକ୍ତି ସଂପନ୍ନ ଅନେକ ଦେଶ ପରମାଣୁ ବୋମାର ପରୀକ୍ଷାମୂଳକ ବିସ୍ଫୋରଣ ଘଟାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟ ପରମାଣୁ ବୋମା ପରୀକ୍ଷଣ ନିମନ୍ତେ ସୁଯୋଗ ଅପେକ୍ଷାରେ ଥାଇପାରନ୍ତି। ପରମାଣୁ ପରୀକ୍ଷଣ ବ୍ୟାନ୍ ନିମନ୍ତେ ଏକ ଅନ୍ତର୍ଜାତୀୟ ରାଜିନାମା(କମ୍ପ୍ରିହେନସିଭ୍ ଟେଷ୍ଟ ବ୍ୟାନ୍ ଟ୍ରିଟି ବା ସିଟିବିଟି) ଥିବା ସତ୍ତ୍ୱେ ବିଭିନ୍ନ ଦେଶର ପରମାଣୁ ପରୀକ୍ଷଣ ସ୍ଥଳର ଉପଗ୍ରହ ଚିତ୍ରରୁ ଜଣାପଡୁଛି ଯେ ଆମେରିକା, ରୁଷ ଓ ଚୀନ ୨୦୨୧ ପରଠାରୁ ସେମାନଙ୍କ ଟେଷ୍ଟ ସାଇଟରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଭାରତ ଓ ପାକିସ୍ତାନ ଶେଷଥର ପାଇଁ ମେ ୧୯୯୮ରେ ପରମାଣୁ ବୋମା ପରୀକ୍ଷଣ କରିଥିଲେ। ଭାରତ ଓ ପାକିସ୍ତାନ ସିଟିବିଟିରେ ସ୍ୱାକ୍ଷର କରିନାହାନ୍ତି। ୧୯୯୮ରେ ପରମାଣୁ ବୋମାର ସଫଳ ପରୀକ୍ଷଣ ପରେ ଅନିର୍ଦ୍ଦିଷ୍ଟକାଳ ଯାଏ ପରମାଣୁ ପରୀକ୍ଷଣ ବନ୍ଦ ରଖିବାକୁ ଭାରତ ନିଷ୍ପତ୍ତି ନେଇଛି। କିନ୍ତୁ ତରବରରେ ନିଆଯାଇଥିବା ଏହି ଅଦରକାରୀ ନିଷ୍ପତ୍ତି ନେଇ ଭାରତୀୟ ବୈଜ୍ଞାନିକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦରକାର ପଡ଼ିଲେ କିମ୍ବା ସେଭଳି ପରିସ୍ଥିତି ଆସିଲେ ଭାରତ ତା'ର ନିଷ୍ପତ୍ତି ବଦଳାଇ ପୁଣି ପରମାଣୁ ବୋମା ପରୀକ୍ଷା କରିପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ବର୍ତ୍ତମାନ ରୁଷ ଓ ଚୀନ ସେମାନଙ୍କ ପରମାଣୁ ପରୀକ୍ଷା ସ୍ଥଳରେ ଭୂତଳ ଟନେଲ ସମ୍ପ୍ରସାରଣ କାର୍ଯ୍ୟ ଚଳାଇଛନ୍ତି। ରୁଷ ୨୦୨୩ ନଭେମ୍ବରରେ ସିଟିବିଟିରୁ ଓହରିଯାଇଛି। ଆମେରିକା ମଧ୍ୟ ନେଭାଡା ଟେଷ୍ଟ ସାଇଟରେ ତାହାର ପରମାଣୁ ଅସ୍ତ୍ର ଭଣ୍ଡାରରେ ଗଚ୍ଛିତ ଥିବା ୱାରହେଡସବୁ ବ୍ୟବହାରଯୋଗ୍ୟ ଅବସ୍ଥାରେ ରହିଛି କି ନାହିଁ, କିପରି ସେସବୁର ସୁପରିଚାଳନା କରିହେବ ତାହା ପରଖୁଛି। ପରମାଣୁ ପରୀକ୍ଷଣ ପାଇଁ ଆମେରିକାର ଏବେ କୌଣସି ଯୋଜନା ନାହିଁ। କିନ୍ତୁ ଶତ୍ରୁଭାବାପନ୍ନ କୌଣସି ଦେଶ ପରମାଣୁ ପରୀକ୍ଷଣ କଲେ ଆମେରିକା ମଧ୍ୟ ନୂଆ ପରମାଣୁ ବୋମା ପରୀକ୍ଷା କରିବ, ଏଥିରେ ସନ୍ଦେହ ନାହିଁ। ଏକବିଂଶ ଶତାବ୍ଦୀରେ ଅର୍ଥାତ୍ ୨୦୦୦ ମସିହା ପରଠାରୁ ଉତ୍ତରକୋରିଆ ହିଁ ଏକମାତ୍ର ଦେଶ ଯିଏ ପରମାଣୁ ବୋମା ପରୀକ୍ଷା କରିଛି ଓ ପୁଣି କରିବାକୁ ପ୍ରସ୍ତୁତି ଚଳାଇଛି। ଆଗାମୀ ଦିନରେ ଉତ୍ତରକୋରିଆ ତାହାର ସପ୍ତମ ପରମାଣୁ ବୋମା ପରୀକ୍ଷା କରିବାକୁ ଯାଉଛି। ବୁଲେଟିନ୍ ଅଫ୍ ଦି ଅଟମିକ୍ ସାଇଣ୍ଟିଷ୍ଟ ନାମକ ଜର୍ଣ୍ଣାଲର ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ ହୋଇଛି। ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଓ ମାନହଟାନ୍ ପ୍ରୋଜେକ୍ଟ ସହ ସଂପୃକ୍ତ ବୈଜ୍ଞାନିକମାନେ ଏହି ଜର୍ଣ୍ଣାଲର ପ୍ରକାଶନ ୧୯୪୫ରେ ଆରମ୍ଭ କରିଥିଲେ। ମାନହଟାନ୍ ପ୍ରୋଜେକ୍ଟରେ ପ୍ରଥମ ପରମାଣୁ ବୋମାର ଡିଜାଇନ ପ୍ରସ୍ତୁତ ହୋଇ ତାହାକୁ ବିକଶିତ କରାଯାଇଥିଲା।

ବୃହସ୍ପତିର ଚନ୍ଦ୍ରରେ ଦିନକୁ ପ୍ରସ୍ତୁତ ହେଉଛି ହଜାରେ ଟନ୍ ଅମ୍ଳଜାନ

ନାସାର 'ଜୁନୋ ମିଶନ'କୁ ବଡ଼ ସଫଳତା ମିଳିଛି। ବୃହସ୍ପତିର ଉପଗ୍ରହ ତଥା ଚନ୍ଦ୍ର 'ୟୁରୋପା' ବିଷୟରେ ଏହି ଯାନ ରୋଚକ ତଥ୍ୟ ଦେଇଛି। ଏହି ଚନ୍ଦ୍ରରେ ୨୪ ଘଣ୍ଟାରେ ଏକ ହଜାର ଟନ୍ ଅମ୍ଳଜାନ ପ୍ରସ୍ତୁତ ହେଉଛି। ଏହି ଅମ୍ଳଜାନରେ ଲକ୍ଷେ ଲୋକ ଦିନକ ପାଇଁ ନିଶ୍ୱାସପ୍ରଶ୍ୱାସ ନେଇପାରିବେ। ତେବେ ଏହି ତଥ୍ୟ ପୂର୍ବରୁ ବୈଜ୍ଞାନିକମାନେ କରିଥିବା ଆକଳନ ତୁଳନାରେ ବହୁତ କମ୍। ନେଚର ଆଷ୍ଟ୍ରୋନମିରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ୟୁରୋପାରେ ପ୍ରତି ସେକେଣ୍ଡରେ ୧୨ କେଜି ଅମ୍ଳଜାନ ପ୍ରସ୍ତୁତ ହେଉଛି। ୟୁରୋପାରେ ଅମ୍ଳଜାନ ମିଳିବା ଆଶ୍ଚର୍ଯ୍ୟର ବିଷୟ। କାରଣ ବିଶ୍ୱର ବରଫ ପରସ୍ତ ତଳେ ଏବଂ ପଥର ପରସ୍ତ ଉପରେ ଏକ ମହାସାଗର ରହିଛି ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏବେ ସମୁଦ୍ର ତଳେ ଜୀବନଦାୟୀ ଉପାଦାନ ରହିଛି କି ନାହିଁ ତାହା ଜାଣିବାକୁ ଚାହୁଁଛନ୍ତି। ନାସା ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ୟୁରୋପାକୁ ଅନ୍ୟ କେଉଁ ଉତ୍ସରୁ ଅମ୍ଳଜାନ ମିଳୁଥାଇପାରେ। ବୃହସ୍ପତିର ବରଫ ଖଣ୍ଡ ମଧ୍ୟରେ ଧକ୍କା, ପାଣିର କଣିକା ୨ ଭାଗରେ ବିଭକ୍ତ ହେବାରୁ କିମ୍ବା ଅମ୍ଳଜାନ ଉତ୍ପନ୍ନ ପ୍ରକ୍ରିୟା ଦ୍ୱାରା ଏହା ମିଳୁଥାଇପାରେ। ପ୍ରିନ୍ସଟନ ୟୁନିଭର୍ସିଟିର ବୈଜ୍ଞାନିକ ଜାମେ ଜାଲେ କହିଛନ୍ତି ଯେ ୟୁରୋପା ଏକ ବରଫ ବଲ୍ ଭଳି। ଏହା ଧିରେ ଧିରେ ଜଳ ଧାରା ହରାଇବାରେ ଲାଗିଛି। ବୃହସ୍ପତିର ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଆକର୍ଷିତ ହୋଇ ଏକ ତରଳ ପଦାର୍ଥ ୟୁରୋପା ଚାରିପଟେ ଘୂରି ବୁଲୁଛି।

ବୈଜ୍ଞାନିକ ଖୋଜିଲେ ନୂଆ ଗ୍ରହ

ରହିଛି ଉତ୍ତପ୍ତ ମହାସାଗରର

ସର୍ବାଧିକ ତାପମାତ୍ରା ୪ ହଜାର ଡିଗ୍ରୀ ସେଲ୍‌ସିୟସ ଆଶଙ୍କା

ପୃଥିବୀ ବାହାରେ ଜୀବନର ସନ୍ଧାନ କରୁଥିବା ବୈଜ୍ଞାନିକଙ୍କୁ ସଫଳତା ମିଳିଛି। ପ୍ରଥମ ଥର ପାଇଁ ଏକ ବାହ୍ୟ ଗ୍ରହର ସନ୍ଧାନ କରାଯାଇଛି। ଏହି ଗ୍ରହରେ ଜୀବନ ସମ୍ଭବ ହେବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଫୁଟୁଥିବା ପାଣିର ମହାସାଗର ଥିବା ସମ୍ଭାବନା ରହିଛି। ଆମେରିକା ମହାକାଶ ଏଜେନ୍ସି ନାସାର ଜେମ୍ସ ୱେବ୍ ଟେଲିସ୍କୋପ ଏହି ଗ୍ରହର ସନ୍ଧାନ କରିଛି। ବୈଜ୍ଞାନିକମାନେ ଏହାର ନାମ ଟିଓଆଇ-୨୭୦ ରଖିଛନ୍ତି। ତଥ୍ୟ ବିଶ୍ଳେଷଣ ପରେ ଏହି ଗ୍ରହର ବାୟୁମଣ୍ଡଳରେ ମିଥେନ ଏବଂ ଅଙ୍ଗାରକାମ୍ଳ ସହିତ ପାଣି ବାଷ୍ପ ଆକରରେ ରହିଛି ବୋଲି ବୈଜ୍ଞାନିକମାନେ ଆଶଙ୍କା କରିଛନ୍ତି। କେମ୍ବ୍ରିଜ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି ଯେ ଏହି ଗ୍ରହର ଗଠନ ଭିନ୍ନ ରହିଛି। ମହାସାଗରର ଚାରିପଟେ ହାଇଡ୍ରୋଜେନ ଭର୍ତ୍ତି ହୋଇଥିବା ବାୟୁମଣ୍ଡଳର ପରସ୍ତ ଅଛି। ଏହି ବିଶ୍ଳେଷଣର ନେତୃତ୍ୱ ନେଇଥିବା ପ୍ରଫେସର ନିକୁ ମଧୁସୂଦନ କହିଛନ୍ତି ଯେ ଏହି ଗ୍ରହରେ ଥିବା ମହାସାଗରର ତାପମାତ୍ରା ୧୦୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହୋଇପାରେ। ଏଠାକାର ପରିବେଶ ବାସପଯୋଗୀ ନୁହେଁ। ତେବେ ଏହା ଉପରେ ଅଧ୍ୟୟନ ଜାରି ରହିଛି।

କାନାଡ଼ା ଗବେଷକଙ୍କ ଟିମ୍ ପକ୍ଷରୁ କୁହାଯାଇଛି ଯେ ଏହି ଗ୍ରହର ତାପମାତ୍ରା ବହୁତ ଅଧିକ ରହିଛି। ଏଠାରେ ପାଣି ତୁରନ୍ତ ବାଷ୍ପ ପାଲଟି ଉଡ଼ିଯିବ। ଏହାର ସର୍ବାଧିକ ତାପମାତ୍ରା ୪ ହଜାର ଡିଗ୍ରୀ ସେଲସିୟସ ହୋଇପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ଏବେ ବୈଜ୍ଞାନିକମାନେ ଗ୍ରହର ଆଲୋକ ଉପରେ ଗବେଷଣା ଜାରି ରଖିଛନ୍ତି। ଏହା ପରେ ଏ ବିଷୟରେ ଅଧିକ ସୂଚନା ମିଳିପାରିବ ବୋଲି କୁହାଯାଉଛି। ଏଥିରୁ ଗ୍ରହରେ ଜୀବନ ସମ୍ଭବ କି ନୁହେଁ ତାହା ଜଣାପଡ଼ିବ। ଟିଓଆଇ-୨୭୦ ଗ୍ରହରେ ଆମୋନିଆ ନାହିଁ। କାରଣ ହାଇଡ୍ରୋଜେନ ପୂର୍ଣ୍ଣ ବାୟୁମଣ୍ଡଳ ତଳେ ମହାସାଗର ରହିଛି।

ଆର୍କଟିକ ପାଇଁ ବିପଦ

୧୦ ବର୍ଷରେ ଶେଷ ହୋଇଯିବ ବରଫ

ବରଫ ପାହାଡ଼ ଆର୍କଟିକ ପ୍ରତି ବିପଦ ବଢ଼ିବାରେ ଲାଗିଛି। ଖୁବଶୀଘ୍ର ଆର୍କଟିକରୁ ବରଫ ପାହାଡ଼ ନିଶ୍ଚିହ୍ନ ହୋଇଯିବା ଭଳି ସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଜଳ ବାୟୁ ପରିବର୍ତ୍ତନର ବର୍ତ୍ତମାନର ଧାରା ଜାରି ରହିଲେ ଆଗାମୀ ୧୦ ବର୍ଷରେ ଆର୍କଟିକ ବରଫ ଶୂନ୍ୟ ହୋଇଯିବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଧ୍ୟୟନ 'ନେଚର ରିଭ୍ୟୁ ଆର୍ଥ ଆଣ୍ଡ ଏନଭାରମେଣ୍ଟ' ପତ୍ରିକାରେ ପ୍ରକାଶ ପାଇଛି। ଏହା ପଛରେ ସବୁଜ କୋଠରି ଗ୍ୟାସ (ଗ୍ରୀନହାଉସ ଗ୍ୟାସ)ର ପ୍ରମୁଖ ଭୂମିକା ରହିଛି। ଏହା ପୂର୍ବରୁ ପ୍ରକାଶ ପାଇଥିବା ଅଧ୍ୟୟନରେ କୁହାଯାଇଥିଲା ଯେ ୨୦୫୦ ସେପ୍ଟେମ୍ବର ସୁଦ୍ଧା ଆର୍କଟିକରୁ ବରଫ ଉଭାନ ହୋଇପାରେ। ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ବର୍ଷଯାକ ଏହି ସ୍ଥିତି ରହିବାର ସମ୍ଭାବନା ମଧ୍ୟ ରହିଛି।

ଆମେରିକା କୋଲରାଡୋ ୟୁନିଭର୍ସିଟିର ଗବେଷକଙ୍କ ଅନୁଯାୟୀ ୨୦୩୦ ଅଗଷ୍ଟ ଶେଷ ସୁଦ୍ଧା କିମ୍ବା ସେପ୍ଟେମ୍ବର ପ୍ରାରମ୍ଭରେ ଆର୍କଟିକ ସାଗର ବରଫ ମୁକ୍ତ ହୋଇପାରେ। ତେବେ ବରଫ ସମ୍ପୂର୍ଣ୍ଣ ଭାବେ ଶେଷ ହେବ ନାହିଁ। ସମୁଦ୍ରର ୧୦ ଲକ୍ଷ ବର୍ଗ କିମିରୁ କମ୍ ଅଂଶରେ ବରଫ ରହିଲେ ତାହାକୁ 'ବରଫ ମୁକ୍ତ' କୁହାଯାଇଥାଏ। ଗତ କିଛି ବର୍ଷ ହେଲା ସେପ୍ଟେମ୍ବର ମାସରେ ବରଫ ସ୍ତର ହ୍ରାସ ପାଇ ଚାଲିଛି। ଆର୍କଟିକରେ ୩୩ ଲକ୍ଷ ବର୍ଗ କିମି କ୍ଷେତ୍ରରେ ବରଫ ଥିବା ରେକର୍ଡ କରାଯାଇଥିଲା। ଏପରି ହେଲେ ସ୍ଥିତି ଭୟଙ୍କର ହୋଇଯିବ। ଧଳା ଚାଦର ବିଛାଇ ହୋଇ ରହୁଥିବା ଆର୍କଟିକ ସମ୍ପୂର୍ଣ୍ଣ ନୀଳ ପାଲଟି ଯିବ। ଏହି ସ୍ଥିତିରୁ ମୁକୁଳିବାକୁ ହେଲେ ସବୁଜ କୋଠରି ଗ୍ୟାସର ନିର୍ଗମନ ହ୍ରାସ କରିବାକୁ ପଡ଼ିବ। ବରଫ ହ୍ରାସ ହେଲେ ସାମୁଦ୍ରିକ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିବ। ସମୁଦ୍ର ବରଫ ଉପରେ ନିର୍ଭରଶୀଳ ଆର୍କଟିକ ଭାଲୁ, ସିଲ ଆଦିର ଜୀବନ ପ୍ରତି ବିପଦ ଦେଖାଦେବ। ଏହା ସହିତ ସମୁଦ୍ର ପଛକୁ ଘୁଞ୍ଚି ଘୁଞ୍ଚି ଚାଲିବ। ସମୁଦ୍ର ଲହରି ବୃଦ୍ଧି ପାଇବ। ଏହା ଦ୍ୱାରା ଏଠାରେ ରହୁଥିବା ଜୀବଙ୍କ ଉପରେ ସଙ୍କଟ ଦେଖାଦେବ। ତେବେ ଯଦି ପାଣିପାଗ ଶୀତଳ ରହେ, ପୁଣିଥରେ ବରଫ ଜମା ହୋଇଯିବ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-259 ◆BHUBANESWAR ◆THURSDAY ◆14 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୯ ◆ଭୁବନେଶ୍ୱର ◆ଗୁରୁବାର ◆୧୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

ତାପମାତ୍ରା ୩୯ ଡିଗ୍ରୀ ଟପିଲା

ବର୍ଷା ଯୋଗୁଁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି

■ **ଭୁବନେଶ୍ୱର, ୧୩।୩(ସମିସ):** ରାଜ୍ୟରେ ତାପମାତ୍ରା ଉପର ମୁହାଁ ହୋଇଛି । ଫଳରେ ବୁଧବାର ପ୍ରଥମଥର ପାଇଁ ରାଜ୍ୟରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଛି । ଗତ ୨-୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଯାହାର ପରିଣାମ ସ୍ୱରୂପ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ଫସିୟସ ରେକର୍ଡ ହୋଇଥିବା ବେଳେ ଭବାନୀପାଟଣାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ ହୋଇଛି । ଏହି ଦୁଇ ସହର ବ୍ୟତୀତ ରାଜ୍ୟର ଅନ୍ୟ ୬ ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି । ଏଥିରେ ବଲାଙ୍ଗୀରରେ ୩୮.୯, ସୋନପୁର ୩୮.୭, ଝାରସୁଗୁଡ଼ା ୩୮.୬, ଟିଟଲାଗଡ଼ ୩୮.୫ ଡିଗ୍ରୀ ରହିଥିବା ବେଳେ ମୋଟ୍ ୧୪ଟି ସହରରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କାରଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆହୁରି ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି । ମାତ୍ର ଏହା ପରେ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି । ବର୍ତ୍ତମାନ ଆଭ୍ୟନ୍ତରୀଣ ଓଡ଼ିଶାରୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ଏକ ଟ୍ରଫଲାଇନ ପଡ଼ିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କିଛି କିଛି ବର୍ଷା ଜାରି ରହିଛି ।



'ସୁରକ୍ଷିତ ଓଡ଼ିଶା' ପାଇଁ ଆଉ ଏକ ପଦକ୍ଷେପ

୨୯ ଥାନା, ଫାଣ୍ଡି ଓ ଏସ୍‌ଡିପିଓ ବିଲ୍ଡିଂ ଉଦ୍‌ଘାଟିତ

■ **ଭୁବନେଶ୍ୱର,୧୩।୩(ସମିସ):** ରାଜ୍ୟରେ ୨୯ ଟି ଥାନା, ଫାଣ୍ଡି ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟର ନୂଆ ବିଲ୍ଡିଂ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବୁଧବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ନବ ନିର୍ମିତ ବିଲ୍ଡିଂଗୁଡ଼ିକର ଉଦ୍‌ଘାଟନ କରି ଓଡ଼ିଶା ପୁଲିସକୁ ଲୋକଙ୍କ ସହ ବୃତ୍ତିଗତ ବ୍ୟବହାର ପ୍ରଦର୍ଶନ ସହ ଉତ୍ତମ ସେବା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଥାନା, ଫାଣ୍ଡିଗୁଡ଼ିକର ଭିତ୍ତିଭୂମି ବିକାଶ ସହ ବୈଷୟିକ ଭାବେ ଦକ୍ଷ କରାଯାଇଛି । ଏଥିପାଇଁ ରାଜ୍ୟରେ ସୁରକ୍ଷା ସୁନିଶ୍ଚିତ ହେବା ସହ 'ସୁରକ୍ଷିତ ଓଡ଼ିଶା'କୁ ବାସ୍ତବରେ ପରିଣତ କରିବା ପାଇଁ ପ୍ରୟାସ କରୁଥିବା ସମସ୍ତ ପୁଲିସ ଫୋର୍ସ ଓ ଏଥିରେ ନିୟୋଜିତ ସମସ୍ତ କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇନ୍ତି ।

ବୁଧବାର ଉଦ୍‌ଘାଟିତ ହୋଇଥିବା ଏହି ବିଲ୍ଡିଂଗୁଡ଼ିକ ପାଇଁ ୫୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହା ନାଗରିକ-କୈନ୍ଦ୍ରିକ ଓଡ଼ିଶା ଗଠନ ପାଇଁ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । '୫-ଟି' ପଦକ୍ଷେପ ଗ୍ରହଣ କରି ଏହି ଭିତ୍ତିଭୂମି ଲୋକମାନଙ୍କ ପାଇଁ ଏକ ନିରାପଦ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ସହାୟକ ହେବ । ଏହାସହିତ ଆମର ପ୍ରତିବଦ୍ଧତା ଓ ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସକରାତ୍ମକ

ସମ୍ପର୍କ ସ୍ଥାପନ କରିବ । ସେହିପରି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବକୁ ମଧ୍ୟ ପ୍ରତିପାଦିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୋ ସରକାର ସର୍ବଦା ଲିଙ୍ଗଗତ ସମ୍ବେଦନଶୀଳତାର ଗୁରୁତ୍ୱକୁ ସ୍ୱୀକୃତି ଦେଇଛି । ଏଥିପାଇଁ ପ୍ରତ୍ୟେକ ବିଲ୍ଡିଂରେ ପୀଡିତାଙ୍କ ପାଇଁ କାଉନସେଲିଂ ରୁମ୍ ସହିତ ମହିଳା ଏବଂ ଶିଶୁଙ୍କ ପାଇଁ ପୃଥକ

■ ଅତ୍ୟାଧୁନିକ ସେବା ସହ ବିଲ୍ଡିଂ ପାଇଁ ଖର୍ଚ୍ଚ ହୋଇଛି ୫୩ କୋଟି ଟଙ୍କା
■ ବୃତ୍ତିଗତ ବ୍ୟବହାର ସହ ଲୋକଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
■ 'ମୋ ସରକାର' ନୀତିର ଉତ୍ତମ ପାଳନ କରୁଛି ଓଡ଼ିଶା ପୁଲିସ: ପାଣ୍ଡିଆନ୍

ଡେସ୍କ ବ୍ୟବସ୍ଥା କରାଯାଇଛି । ଓଡ଼ିଶାରେ ରାଜ୍ୟ ସରକାର "ଅନ୍ତର୍ଭୁକ୍ତୀକରଣ'କୁ ମୌଳିକ ନୀତି ଭାବେ ଗ୍ରହଣ କରୁଛନ୍ତି । ତେଣୁ ଉଦ୍‌ଘାଟିତ ହୋଇଥିବା ପ୍ରତ୍ୟେକ ଅଟ୍ଟାଳିକାରେ "ସମସ୍ତଙ୍କ ପାଇଁ ଉପଲବ୍ଧତା'କୁ ସୁନିଶ୍ଚିତ କରାଯାଇ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯିବା ଖୁସିର କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କ୍ରାଇମ୍ ଏବଂ କ୍ରାଇମବ୍ରାଞ୍ଚ ଟ୍ରାକିଂ ନେଟୱାର୍କ ସହିତ ସମନ୍ୱିତ ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା ଭଳି ଅତ୍ୟାଧୁନିକ ସୁବିଧା ଉପରେ ଗୁରୁତ୍ୱ ଦେଉଛନ୍ତି । ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଦକ୍ଷ ତଥା ପ୍ରଭାବଶାଳୀ ଆଇନ ପ୍ରଣୟନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇ କହିଛନ୍ତି ଯେ 'ମୋ ସରକାର' ନୀତିକୁ ଓଡ଼ିଶା ପୁଲିସ ଆନ୍ତରିକତାର ସହ ଅନୁପାଳନ କରୁଛି । ବିଭିନ୍ନ ସ୍ଥାନରୁ ସଂଗ୍ରହ ହେଉଥିବା ମତାମତ ବହୁତ ଭଲ ରହୁଛି । ଏହା ବ୍ୟତୀତ ଆଗାମୀ ଦିନରେ ମଧ୍ୟ ପୁଲିସ ପ୍ରଶାସନ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ରଖି କାର୍ଯ୍ୟ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ଏବଂ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-259 ◆BHUBANESWAR ◆THURSDAY ◆14 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୯ ◆ଭୁବନେଶ୍ୱର ◆ଗୁରୁବାର ◆୧୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

‘ଝ-ଟି’ ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇଲେ ୧୯ ସଂଗଠନ

ମିଳିମିଶି ଗଢ଼ିବା ନୂଆ ଓଡ଼ିଶା: ପାଣ୍ଡିଆନ

■ **ଭୁବନେଶ୍ୱର,୧୩।୩(ସମିସ):** ଦେଶର ସବୁଠାରୁ ପଛୁଆ ରାଜ୍ୟ ଥିବା ଓଡ଼ିଶା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶିଖର ଛୁଇଁଛି। ‘ଝ-ଟି’ ଉପକ୍ରମରେ ରାଜ୍ୟର ପ୍ରତି କ୍ଷେତ୍ରରେ ରୂପାନ୍ତରଣ ସୁନିଶ୍ଚିତ କରାଯାଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ‘ଝ-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ବିଭିନ୍ନ ସଂଘ ଓ ସଙ୍ଗଠନର କର୍ମକର୍ତ୍ତା।

ଆଜି ପ୍ରାୟ ୧୯ଟି ସରକାରୀ ଏବଂ ବେସରକାରୀ ସଂଗଠନ ‘ଝ-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ସେମାନଙ୍କର ଦାବି ପୂରଣ କରିଥିବାରୁ ସାଧୁବାଦ ଜ୍ଞାପନ

ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଆମକୁ କଠିନ ପରିଶ୍ରମ ପାଇଁ ପ୍ରେରଣା ଯୋଗାଇଛି

କରିଛନ୍ତି। ଅପରପକ୍ଷେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ ‘ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା’ ଗଠନ ନିମନ୍ତେ ମିଳିତ ଭାବେ ଉଦ୍ୟମ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟକୁ ପ୍ରତିଟି କ୍ଷେତ୍ରରେ ମଡେଲ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ଆମେ ସମସ୍ତେ ହାତକୁ ହାତ ମିଶାଇ, କାନ୍ଧକୁ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ଶ୍ରୀ ପାଣ୍ଡିଆନ କହିଛନ୍ତି।

କଟକ ମହାନଗର ନିଗମ ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଏଆଇଟିୟୁସି, ସିଟୁ ଏବଂ ବିଏମଏସ(ସ୍ୱାସ୍ଥ୍ୟ କ୍ଷେତ୍ର)ର ପ୍ରତିନିଧିମାନେ ନବୀନ ନିବାସରେ ଶ୍ରୀ ପାଣ୍ଡିଆନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ସୁବାସ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର କର୍ମକର୍ତ୍ତା ‘ଝ-ଟି’ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ। ସୁବୋଧ ରଣାଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା

ସରପଞ୍ଚ ସଂଘ, ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା ଜିଲ୍ଲା ପରିଷଦ ସଦସ୍ୟ ସଂଘର କର୍ମକର୍ତ୍ତାମାନେ ‘ଝ-ଟି’ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ସହ ସେମାନଙ୍କର ବହୁଦିନର ଦାବି ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରପକ୍ଷେ ରଞ୍ଜିତ ନାୟକଙ୍କ ନେତୃତ୍ୱରେ ଓଡ଼ିଶା ପୁଲିସ ସେବା ସଂଘ, ଏସ୍‌କେ ନିଜାମୁଦ୍ଦିନଙ୍କ ନେତୃତ୍ୱରେ ଭୁବନେଶ୍ୱର କବରସ୍ଥାନ କମିଟି ସହ ଖୋର୍ଦ୍ଧା ଜିଲ୍ଲା ତରାରୁଆ ଏବଂ ସରହଦପୁରର ଏମପିସିସି ଲାଭାର୍ଥୀ, ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ମାଣିକପାଟଣା ଓ ପଲଙ୍କ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଅନ୍ତର୍ଗତ ମାଣିକଗୋଡ଼ା, ପୁରୀ ଜିଲ୍ଲା ପିପିଲି ଅନ୍ତର୍ଗତ ଗୁଆଳସାହି, ଖୋର୍ଦ୍ଧା ମେଣ୍ଟାଶାଳର ଏମପିସିସି ଲାଭାର୍ଥୀ ଏବଂ କେନ୍ଦ୍ରାପଡ଼ା ମୁସଲିମ ସଂଖ୍ୟାଲଘୁ ନେତାମାନେ ଯେଉଁମାନେ ଏମପିସିସିର ଲାଭ ପାଉଛନ୍ତି, ଏମାନେ ସମସ୍ତେ ‘ଝ-ଟି’ ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟ ସରକାର କାମ କରୁଛନ୍ତି। ‘ଝ-ଟି’ ଅଧ୍ୟକ୍ଷ ଜିଲ୍ଲା ପରିଦର୍ଶନ କରି ଜନସାଧାରଣ ଏବଂ ବିଭିନ୍ନ ସଂଗଠନର ସମସ୍ୟା ଶୁଣିଥିଲେ ଆଉ ସେହି ଅନୁସାରେ ସମସ୍ୟା ଦୂର ପାଇଁ ସରକାର ପ୍ରତି ଦିନ ନୂଆ ନୂଆ ଘୋଷଣା କରୁଛନ୍ତି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଗ୍ରାମାଞ୍ଚଳରୁ ନେଇ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ, ସରକାରୀ ଅନୁଷ୍ଠାନରୁ ନେଇ ବେସରକାରୀ ଅନୁଷ୍ଠାନଙ୍କ ଦାବି ପୂରଣ ତଥା ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନ ମୂଳକ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ରାଜ୍ୟର ବୃହତ୍ତର ସ୍ୱାର୍ଥ ହାସଲ ନିମନ୍ତେ ଆମ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ଦେଇଛି ବୋଲି ନବୀନ ନିବାସ ଆସିଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

ଭି-ସାଟ୍ ନଜରରେ ରହିବ ଶିମିଳିପାଳ

■ **ବାରିପଦା, ୧୩।୩(ସମିସ):** ପ୍ରାକୃତିକ ସୁଷମାରାଜିରେ ଭରପୂର ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାରେ ଗୋଟିଏ ପରେ ଗୋଟିଏ ନୂତନ ଫର୍ଦ୍ଦ ଯୋଡ଼ି ହେଉଛି। ସେହି କ୍ରମରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଉପଗ୍ରହ ‘ଭି-ସାଟ୍’ ନଜରରେ ରହିବ। ଏ ନେଇ ବନ ବିଭାଗ

ଶିକାରୀଙ୍କ ପ୍ରାଦୁର୍ଭାବରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ପଦକ୍ଷେପ

ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ୱାଇଲ୍ଡ ଲାଇଫ୍ ସୁଶାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦୁଇଟି ଅଭୟାରଣ୍ୟ ଯୋଡ଼ି ହୋଇଥିବା ବେଳେ ସେଥିରେ ଶିମିଳିପାଳ ରହିଛି। ସମ୍ପ୍ରତି ବନ୍ୟପ୍ରାଣୀ ସୁରକ୍ଷା ଲାଗି ଡିଜିଟାଲ ଅଭିନବତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସୂଚନା ଅନୁଯାୟୀ, ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ସମ୍ପ୍ରତି ନୂତନ ବୈଷୟିକ ଜ୍ଞାନକୌଶଳ ଉପଯୋଗିତାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଚଳିତ ମାସରେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ‘ଭି-ସାଟ୍’ ବ୍ୟବସ୍ଥା କରାଯିବା ସହ ୨୩ଟି ସେଣ୍ଟରକୁ ଯୋଡ଼ାଯିବ। ଏ ନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିମିଳିପାଳ ଅଭୟାରଣ୍ୟର ବଫର ଜୋନରୁ କୋର୍ ଜୋନକୁ ପ୍ରବେଶ ନିମନ୍ତେ ଥିବା ପ୍ରବେଶ ପଥ ଓ ଅନ୍ୟାନ୍ୟ ସ୍ଥାନ ପ୍ରମୁଖରେ ‘ଉପଗ୍ରହ’ ସହିତ ଯୋଡ଼ାଯିବାର ବ୍ୟବସ୍ଥା କରାଯିବ। ଯଦ୍ୱାରା ଶିମିଳିପାଳର ପ୍ରତି ମୁହୂର୍ତ୍ତରେ କ’ଣ ସବୁ ଘଟୁଛି, ତାହାର ଟିକିନିଖି ଖବର ରଖାଯିବ। ଏଥିସହିତ ‘ଭିଓଆଇପି ଫୋନ୍’ ବ୍ୟବସ୍ଥା କରାଯିବ। ଶିମିଳିପାଳର ବହୁତ ଅଞ୍ଚଳରେ ମୋବାଇଲ ନେଟୱାର୍କ ବ୍ୟବସ୍ଥା ଠିକ୍‌ଭାବେ ପହଞ୍ଚି ପାରୁନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ଫୋନ ବ୍ୟବସ୍ଥା କରାଯାଇଛି। ଏହି ଫୋନ ଦ୍ୱାରା ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହିତ ଶିକାରୀଙ୍କ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଏସ୍‌ଟିପିଏଫ ମୁତୟନ ସମେତ ବନ କର୍ମଚାରୀଙ୍କୁ ବନ୍ଧୁକ ଦିଆଯିବା ପରେ ଏହା ଆଉ ଏକ ପଦକ୍ଷେପ ଭାବେ ବନବିଭାଗ ଗ୍ରହଣ କରିବାକୁ ଯାଉଛି। ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଏହାର ମୂଳଲକ୍ଷ୍ୟ ରହିଛି। ଅନ୍ୟପଟେ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ କରାଯାଉଥିବା ପ୍ରୟାସ ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ ବୋଲି ପରିବେଶପ୍ରେମୀମାନେ ମତପ୍ରକାଶ କରିଛନ୍ତି।

ବିବାହ ଶୋଭାଯାତ୍ରାରେ ଛୁରାମାଡ଼; ଯୁବକ ମୃତ

■ **ମୋହନା,୧୩।୩(ସମିସ):** ବିବାହ ଶୋଭାଯାତ୍ରା ଛୁରାମାଡ଼ରେ ଚନ୍ଦ୍ରଗିରି ଗାଁର ପ୍ରଶାନ୍ତ ପ୍ରଧାନ (୩୨)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତର ଘର ପୋଡ଼ିଦେବା ସହ ତାର ଭାଇ ଓ ସମ୍ପର୍କୀୟଙ୍କ ଗାଡି, ଦୋକାନ ମଧ୍ୟ ଜାଳି ଦେଇଛନ୍ତି। ଛୁରାମାଡ଼ କରିଥିବା ଅଭିଯୁକ୍ତ ଶ୍ରୀହରି ପ୍ରଧାନକୁ ପୁଲିସ ଗିରଫ କରିଛି।

ମଙ୍ଗଳବାର ରାତିରେ ଚନ୍ଦ୍ରଗିରିରେ ଜଣେ ଯୁବକଙ୍କ ବିବାହ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଚନ୍ଦ୍ରଗିରିର

■ ଅଭିଯୁକ୍ତଙ୍କ ଘର ଜାଳିଦେଲେ ଉତ୍ତ୍ୟକ୍ତ
■ ୧୯ ଘଣ୍ଟା ପରେ ହଟିଲା ରାସ୍ତାରୋକ

ପ୍ରଶାନ୍ତ ପ୍ରଧାନଙ୍କୁ ଅତର୍କୀତ ଭାବେ ଛୁରାମାଡ କରିଥିଲା ଶ୍ରୀହରି ପ୍ରଧାନ। ଗୁରୁତର ଅବସ୍ଥାରେ ପ୍ରଶାନ୍ତକୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଗାଁ ଲୋକେ। ହେଲେ ଡାକ୍ତର ପ୍ରଶାନ୍ତକୁ ମୃତ ଘୋଷଣା କରିଥିଲେ। ହତ୍ୟାକାରୀ ଯୁବକଙ୍କୁ ହସ୍ତାନ୍ତର ଦାବି ସହ ୮ ଦଫା ଦାବିରେ ମଙ୍ଗଳବାର ରାତି ଠାରୁ ଚନ୍ଦ୍ରଗିରିରେ ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ। ଏଥିଯୋଗୁଁ ମୋହନା - ପାରଳାଖେମୁଣ୍ଡି ୩୨୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଥିଲେ ଆନ୍ଦୋଳନକାରୀ। ମୃତ ଯୁବକ ପ୍ରଶାନ୍ତ ଗତ ଫେବୃଆରୀ ୨୭ ତାରିଖରେ ବିବାହ କରିଥିଲେ। ତାଙ୍କ ବିବାହକୁ ମାତ୍ର ୧୫ଦିନ ହୋଇଛି। ତେଣୁ ତାଙ୍କ ପରିବାର ଉଜୁଡ଼ି ଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ ଦାବି କରିଛନ୍ତି ମୃତକଙ୍କ ପରିବାର ଲୋକେ। ରାତିରେ ହତ୍ୟା ଖବର ପାଇ ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଆର.ଉଦୟଗିରି ଏସ୍‌ଡିପିଓ ଅଶ୍ୱିନୀ ନାୟକ, ତହସିଲଦାର ସତ୍ୟବାନ ନାୟକ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି

ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାଟି ଅତି ସମ୍ବେଦଶୀଳ ଥିବା ଯୋଗୁଁ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଅଭିଯୁକ୍ତ ଶ୍ରୀହରୀ ପ୍ରଧାନଙ୍କୁ ପୁଲିସ ଗିରଫ କରିଥିବା ବେଳେ ଘଟଣାରେ ଯିଏ ସମ୍ପୃକ୍ତ ଥିଲେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

ଅନ୍ୟ ପକ୍ଷରେ ସ୍ଥିତି ଜଟିଳ ହେଉଥିବା ଦେଖି ଗଜପତି ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ରାସ୍ତାରୋକରୁ ହଟିଥିଲେ। ଫଳରେ ଦୀର୍ଘ ୧୯ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।

କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ
କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗରେ

କନ୍ଧମାଳ ସଂସଦୀୟ କ୍ଷେତ୍ରରେ
ମେଗା ନିଯୁକ୍ତି ମେଳା ୨୦୨୪

- ୨୦୦୦୦ ପ୍ରାର୍ଥୀଙ୍କ ଯୋଗଦାନ
- ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ ୧୦, ୦୦୦ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ
- ମାସିକ ବେତନ ୧୨,୦୦୦/- ରୁ ୩୫,୦୦୦/- ଟଙ୍କା

ବିଭିନ୍ନ ଭାରତୀୟ କମ୍ପାନୀ ଦ୍ୱାରା
୧୦ ହଜାର ପ୍ରାର୍ଥୀ ମନୋନୀତ

- ୨୦୨୪ ଜାନୁଆରୀ ୨୧ରେ ବିରାଟ ନିଯୁକ୍ତି ମେଳା ଆୟୋଜିତ
- ୧୦୦ରୁ ଊର୍ଦ୍ଧ୍ୱ କମ୍ପାନୀଙ୍କ ଯୋଗଦାନ
- ୨୦ ହଜାର ଯୁବକଯୁବତୀଙ୍କ ପଞ୍ଜୀକରଣ

ଓଡ଼ିଶା କମ୍ପାନୀ ଦ୍ୱାରା
୩୫୦୦ ପ୍ରାର୍ଥୀ ମନୋନୀତ

- ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ
- ଦ୍ୱିତୀୟ ପର୍ଯ୍ୟାୟରେ ୩ ହଜାର ୫ଶହ ଜଣଙ୍କୁ ବଣ୍ଟନ ହେବ
- କୌଣସି ସାଂସଦଙ୍କ ବ୍ୟକ୍ତିଗତ ପ୍ରୟାସରେ ଏଭଳି ପଦକ୍ଷେପ ବିରଳ

- ଗୋଟିଏ ଦିନରେ ୧୦ ହଜାର ଯୁବକଯୁବତୀଙ୍କ ତତ୍‌କାଳ ସାକ୍ଷାତକାର (Walk-in-Interview) ଓ ନିଯୁକ୍ତି ହେବା ଭାରତରେ ପ୍ରଥମ
- ଏହି ପ୍ରୟାସ ପାଇଁ ସାଂସଦ ସାମନ୍ତଙ୍କୁ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ପିତାମାତା ଓ ଅଭିଭାବକଙ୍କ ଧନ୍ୟବାଦ

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା-ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟଏକ ପ୍ରୟାସ। ଯୁବକଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି। ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ। ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ଏହା ଏକ ପ୍ରଚେଷ୍ଟା। ନିଯୁକ୍ତି ପତ୍ର ପାଇଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅନୁରୋଧ ସେମାନେ ନିଜନିଜ କମ୍ପାନୀରେ ଯୋଗଦେଇ ଚାକିରି କଲେ ସେମାନେ ଓ ସେମାନଙ୍କ ପରିବାର ପାଇଁ ଭଲ ହେବ।

– ଅଚ୍ୟୁତ ସାମନ୍ତ

ବି.ଦ୍ର.: କନ୍ଧମାଳ ସଂସଦୀୟ କ୍ଷେତ୍ରର ୪ଟି ଜିଲ୍ଲାର ୨୦ଟି ବ୍ଲକ୍‌ରେ ବିଡିଓମାନଙ୍କ ଜରିଆରେ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି।

ବିହାରରେ ୨୪ଲକ୍ଷ ଭୂତ ଛାତ୍ର

ପାଟନା, ୧୩।୩(ଏଜେନ୍ସି): ବିହାରର ଶିକ୍ଷା ବିଭାଗ ୨୦୨୩-୨୪ରେ ସ୍କୁଲ ରେଜିଷ୍ଟାରରୁ ୨୩ ଲକ୍ଷ ୯୭ହଜାର ଛାତ୍ରଛାତ୍ରୀଙ୍କ ନାମ କାଟିଛି। ଏହି ଛାତ୍ରଛାତ୍ରୀମାନେ ଦୀର୍ଘ ଦିନ ଧରି ସ୍କୁଲ ଆସିନଥିଲେ। ଏମାନେ ଲଗାତାର ଅନୁପସ୍ଥିତ ରହୁଥିଲେ। ନାମ କଟିଯିବା ପରେ ଏମାନଙ୍କ ମଧ୍ୟରୁ ମାତ୍ର ୩ଲକ୍ଷ ୯୮ ହଜାର ଛାତ୍ରଛାତ୍ରୀ ପୁଣି ନାମଲେଖାଇବାକୁ ଆସିଥିବା ବେଳେ ନାମ କଟିଥିବା ପ୍ରାୟ ୨୦ଲକ୍ଷ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକ ପ୍ରଧାନଶିକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ କୌଣସି ଯୋଗାଯୋଗ କରିନାହାନ୍ତି। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡିଇଓମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଦେଖାଇବା ପାଇଁ ଅସଲରେ ନଥିବା ପିଲାଙ୍କ ନାମ ସ୍କୁଲ ରେଜିଷ୍ଟାରରେ ଲେଖାଯାଉଛି। ଯାଞ୍ଚରୁ ଜଣାପଡ଼ିଛି ଯେ ପାଖାପାଖି ୨୪ଲକ୍ଷ ଛାତ୍ରଛାତ୍ରୀ ସ୍କୁଲକୁ ଆଦୌ ଆସୁନଥିଲେ। ସେମାନେ ଅନ୍ୟତ୍ର ନାମ ଲେଖାଇଥାଇପାରନ୍ତି କିମ୍ବା କେବଳ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫରର ଲାଭ ଉଠାଇବାକୁ ନାମ ଲେଖାଇଥିଲେ। ତେଣୁ ସ୍କୁଲରେ ପିଲାଙ୍କ ନାମ ଲେଖା ବେଳେ ଜନ୍ମ ପ୍ରମାଣପତ୍ର, ଅଙ୍ଗନବାଡ଼ି ରେକର୍ଡ ଓ ପିତାମାତାଙ୍କ ଅଣ୍ଡରଟେକିଂ ଯାଞ୍ଚ କରାଯିବା ଆବଶ୍ୟକ। ଆଧାର କାର୍ଡକୁ ମଧ୍ୟ ନାମଲେଖା ପାଇଁ ପରିଚୟ ପ୍ରମାଣ ଭାବେ ଗ୍ରହଣ କରାଯାଇପାରେ। ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ, ସାଇକେଲ, ଖାତା ପୁସ୍ତକ, ପୋଷାକ ଆଦି ମାଗଣାରେ ଦିଆଯାଉଥିବାରୁ ସ୍କୁଲଗୁଡ଼ିକର ରେଜିଷ୍ଟରରେ ଅଧିକ ସଂଖ୍ୟକ ପିଲାଙ୍କ ନାମ ଯୋଡ଼ିଦିଆଉଛି ଓ ସେହି କାଳ୍ପନିକ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯୋଗାଉଥିବା ଖାଦ୍ୟଦ୍ରବ୍ୟ, ଉପକରଣ ତଥା ଅନ୍ୟ ପ୍ରୋତ୍ସାହନ ସାମଗ୍ରୀ ସ୍କୁଲର ଶିକ୍ଷକ ଓ କର୍ମଚାରୀ ଆତ୍ମସାତ କରୁଛନ୍ତି।

ବଣ୍ଡ ତଥ୍ୟ ଠିକ୍ ସମୟରେ ପ୍ରକାଶ କରିବୁ: ସିଇସି

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ନିର୍ବାଚନୀ ବଣ୍ଡଜନିତ ସମସ୍ତ ତଥ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିସାରିଛି। ତେବେ ଠିକଣା ସମୟରେ ଏହାର ତଥ୍ୟ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ବୁଧବାର କହିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଏହି ତଥ୍ୟ ସାର୍ବଜନୀନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଠିକଣା ସମୟରେ ଏହାକୁ ଦେଶବାସୀଙ୍କ ଲାଗି ଉନ୍ମୁକ୍ତ କରାଯିବ ବୋଲି ରାଜୀବ କୁମାର କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ତଥ୍ୟ ଦାଖଲ କରିବା ନେଇ ଏସବିଆଇ ବୁଧବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି।

ନିର୍ବାଚନୀ ବଣ୍ଡଜନିତ ସମସ୍ତ ତଥ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିସାରିଛି। ତେବେ ଠିକଣା ସମୟରେ ଏହାର ତଥ୍ୟ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ବୁଧବାର କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ତଥ୍ୟ ଦାଖଲ କରିବା ନେଇ ଏସବିଆଇ ବୁଧବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏସ୍‌ବିଆଇ ଅଧ୍ୟକ୍ଷ କହିଛନ୍ତି ଯେ ଇସିଆଇଙ୍କୁ ପେନ୍‌ଡ୍ରାଇଭରେ ୨ଟି ଫାଇଲ ଦିଆଯାଇଛି। ଗୋଟିଏ ଫାଇଲରେ ବଣ୍ଡ କିଣିଥିବା ଲୋକଙ୍କ ତଥ୍ୟ ରହିଛି। ଅନ୍ୟ ଫାଇଲରେ ବଣ୍ଡକୁ କ୍ୟାସ୍‌ରେ ପରିବର୍ତ୍ତନ କରିଥିବା ଦଳଙ୍କ ତଥ୍ୟ ଅଛି। ଏସ୍‌ବିଆଇ ସତ୍ୟପାଠ ଅନୁଯାୟୀ ୨୦୧୯ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୫ ପର୍ଯ୍ୟନ୍ତ ୨୨, ୨୧୭ ଇଲେକ୍ଟୋରାଲ ବଣ୍ଡ କିଣା ଯାଇଛି। ଏଥିରୁ ୨୨, ୦୩୦ ବଣ୍ଡର ଟଙ୍କାକୁ ରାଜନୈତିକ ଦଳ କ୍ୟାସ୍‌ରେ ବଦଳାଇ ଦେଇଛନ୍ତି।

କିଣାଯାଇଛି ୨୨,୨୧୭ ବଣ୍ଡ

ଜାପାନର ପ୍ରଥମ ଘରୋଇ ମହାକାଶ ଅଭିଯାନ ବିଫଳ

ଟୋକିଓ, ୧୩।୩ (ଏଜେନ୍ସି): ଜାପାନର ପ୍ରଥମ ଘରୋଇ ମହାକାଶ ଅଭିଯାନ ବିଫଳ ହୋଇଛି। ଉଡ଼ାଣ ଆରମ୍ଭ କରିବାର ୫ ସେକେଣ୍ଡ ପରେ ଘରୋଇ କମ୍ପାନୀ 'ସ୍ପେସ୍ ୱାନ'ର ରକେଟ୍‌ରେ ବିସ୍ଫୋରଣ ହୋଇଛି। ଗତ ସପ୍ତାହରେ ଅଭିଯାନର ସମସ୍ତ ପରୀକ୍ଷଣ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ବୃତ୍ତାନ୍ତ ପର୍ଯ୍ୟାୟକୁ ଅପେକ୍ଷା କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହି ରକେଟ 'କାଇରୋସ'ର ଲମ୍ବ ୫୯ ଫୁଟ ଥିଲା। ବୁଧବାର ସକାଳ ୧୧ଟା ୧ ମିନିଟ୍‌ରେ କାଏ କ୍ଷେତ୍ରର ସମୁଦ୍ର କୂଳରେ ଥିବା ଲଞ୍ଚ ପ୍ୟାଡ୍‌ରୁ ଏହାର ଉତ୍କ୍ଷେପଣ କରାଯାଇଥିଲା। କିଛି କ୍ଷଣ ପରେ ବିସ୍ଫୋରଣ ହୋଇ ରକେଟ ସମୁଦ୍ରରେ ଖସି ପଡ଼ିଥିଲା। ଏହି ରକେଟ ସବୁଠାରୁ ଉନ୍ନତ ଥିଲା ବୋଲି କୁହାଯାଇଥିଲା। ଏବେ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଭାରତ ମହାସାଗରରୁ ବାଂଲାଦେଶ ଜାହାଜ ହାଇଜାକ୍

ମୋଗାଦିଶୁ, ୧୩।୩ (ଏଜେନ୍ସି): ଭାରତ ମହାସାଗରରୁ ଏକ ବାଂଲାଦେଶୀ ଜାହାଜକୁ ସୋମାଲିଆ ଜଳଦସ୍ୟୁ ହାଇଜ୍ୟାକ କରିନେଇଛନ୍ତି। ମୋଗାଦିଶୁରୁ ପ୍ରାୟ ୧୧୦୦ କିମି ଦୂରରେ ଥିବାବେଳେ ଏହି ଜାହାଜ 'ଅବଦୁଲ୍ଲାହ' ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାକୁ ସୋମାଲିଆ ଅଭିମୁଖେ ନିଆଯାଇଥିଲା। ଏହା ମୋଜାମ୍ବିକରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଯାଉଥିଲା। ଏଥିରେ ୫୦ ହଜାର ଟନ୍ କୋଇଲା ଥିଲା। ରିପୋର୍ଟ ଅନୁଯାୟୀ ମଙ୍ଗଳବାର ପ୍ରାୟ ୧୫-୨୦ ସଶସ୍ତ୍ର ଲୁଟେରା ଜାହାଜ ଉପରେ ଆକ୍ରମଣ କରିଥିଲେ। ଏ ସମୟରେ ଜାହାଜରେ ୨୩ ଜଣ ବାଂଲାଦେଶୀ କ୍ରୁ ସଦସ୍ୟ ଥିଲେ। ଏବେ ସମସ୍ତେ ସୁରକ୍ଷିତ ଅଛନ୍ତି। ସମସ୍ତଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଉଛି ବୋଲି ଜାହାଜର ମାଲିକ କମ୍ପାନୀ 'କବିର ଷ୍ଟିଲ ରି-ରୋଲିଂ' ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ୪ ମାସରେ ୨୦ ଜାହାଜକୁ ଅପହରଣ ଉଦ୍ୟମ କରାଗଲାଣି।

● କଂଗ୍ରେସ ବିରୋଧରେ ଜାରି ରହିବ ଆଇଟି କାର୍ଯ୍ୟାନୁଷ୍ଠାନ

୨୧୦ କୋଟିର ଜରିମାନା ଉପରେ କଟକଣାକୁ ନା

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): କଂଗ୍ରେସ ଦଳକୁ ବଡ଼ ଝଟ୍‌କା ଲାଗିଛି। ବ୍ୟାଙ୍କ ଖାତା ଉପରେ ଆୟକର ବିଭାଗ (ଆଇଟି)ର କାର୍ଯ୍ୟାନୁଷ୍ଠାନ ଉପରେ କଟକଣା ଲଗାଇବାର ଆବେଦନକୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଇନକମ୍ ଟ୍ୟାଙ୍କ ଅପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ର ନିଷ୍ପତ୍ତିକୁ ଏଡ଼ାଇଦେବାର କୌଣସି କାରଣ ନାହିଁ। ଏଥିରେ କୌଣସି ତ୍ରୁଟି ନାହିଁ ବୋଲି ଜଷ୍ଟିସ ଯଶୋବନ୍ତ ବର୍ମା ଏବଂ ଜଷ୍ଟିସ ପୁରୁଷେନ୍ଦ୍ର କୁମାର କୌରବଙ୍କ ଖଣ୍ଡପୀଠ କହିଛନ୍ତି। ସୂଚନା ଅନୁଯାୟୀ ଫେବୃଆରୀ ୧୩ରେ ବକେୟା ଟିକସ ବାବଦକୁ ୨୦୫ କୋଟି ଟଙ୍କା ପୈଠ କରିବା ପାଇଁ ଆଇଟି ବିଭାଗ କଂଗ୍ରେସକୁ ନୋଟିସ ଜାରି କରିଥିଲା। ଏହା ସହିତ ବିଭାଗ କଂଗ୍ରେସ ଉପରେ ୨୧୦ କୋଟି ଟଙ୍କାର ଜରିମାନା ଲଗାଇ ବ୍ୟାଙ୍କ ଖାତାକୁ ଜବତ କରିନେଇଥିଲା।

ବିଜେପିର ୨ୟ ପର୍ଯ୍ୟାୟ ତାଲିକାରେ ୭୨ ପ୍ରାର୍ଥୀ

ନାଗପୁରରୁ ଗଡ଼କରୀ, କର୍ଣ୍ଣଲରୁ ଲଢ଼ିବେ ଖଟ୍ଟର

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି)

ଭାରତୀୟ ଜନତା ପାର୍ଟି(ବିଜେପି) ତାହାର ପ୍ରଥମ ପ୍ରାର୍ଥୀ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସମେତ ୧୯୫ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିସାରିଥିବା ବେଳେ ବୁଧବାର ଦ୍ୱିତୀୟ ତାଲିକା ଘୋଷଣା କରିଛି। ଏଥିରେ ବହୁ ପ୍ରମୁଖ ନେତାଙ୍କ ସହ ୭୨ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି। ପ୍ରକାଶିତ ୨ୟ ତାଲିକାରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ, ପୀୟୂଷ ଗୋୟେଲ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମଏଲ ଖଟ୍ଟରଙ୍କ ନାମ ରହିଛି। ବିଜେପି ଏଯାଏ ଉତ୍ତରପ୍ରଦେଶର ୫୧, ପଶ୍ଚିମବଙ୍ଗର ୨୦, ମଧ୍ୟପ୍ରଦେଶର ୨୪, ଗୁଜରାଟର ୧୫, ରାଜସ୍ଥାନର ୧୫, କେରଳର ୧୨, ତେଲେଙ୍ଗାନାର ୯, ଆସାମର ୧୧, ଝାରଖଣ୍ଡର ୧୧, ଛତିଶଗଡ଼ର ୧୧, ଦିଲ୍ଲୀର ୫, ଉତ୍ତରାଖଣ୍ଡର ୩, ଜମ୍ମୁ-କଶ୍ମୀରର ୨, ଅରୁଣାଚଳ ପ୍ରଦେଶର ୨ ଓ ଗୋଆ, ଡାମନ ଡିଉ, ଆଣ୍ଡାମାନ ନିକୋବର ଏବଂ ତ୍ରିପୁରର ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିସାରିଲାଣି।

ଏଲଜେପି ସହ ଆସନ ବୁଝାମଣା ଚୂଡ଼ାନ୍ତ

୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ଚିରାଗ ପାଶୱାନଙ୍କ ନେତୃତ୍ୱାଧୀନ ଦଳ ଏଲଜେପି(ରାମ ବିଳାସ) ସହ ବୁଝାମଣା ଚୂଡ଼ାନ୍ତ କରିଛି। ବୁଧବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ସହ ଆଲୋଚନା କରି ଚିରାଗ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ସେ ଏକ୍ସ'ରେ ସୂଚନା ଦେଇଥିଲା ବେଳେ ବିଜେପି ସହ ହୋଇଥିବା ବୁଝାମଣାକୁ ନେଇ ବସ୍ତୃତ ଭାବେ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି ସେ କହିଛନ୍ତି।

ଆସ୍ଥା ଭୋଟ ଜିତିଲେ ନାୟବ ସିଂ



ଚଣ୍ଡିଗଡ଼,୧୩।୩(ଏଜେନ୍ସି): ହରିୟାଣାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଗତକାଲି ଶପଥ ନେଇଥିବା ନୟାବ ସିଂ ସାଇନି ବୁଧବାର ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ସ୍ୱତନ୍ତ୍ର ବିଧାନସଭା ଅଧିବେଶନରେ ନୟାବ ସିଂ ସରକାରଙ୍କ ପାଇଁ ଆସ୍ଥା ଭୋଟ୍ ପ୍ରସ୍ତାବ ଅଣାଯାଇଥିଲା। ଏଥିରେ ସରକାରଙ୍କ ସପକ୍ଷରେ ୪୮ ଭୋଟ୍ ମିଳିଥିଲା। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ବିଜେପିର ୪୧ ଜଣ ବିଧାୟକ ରହିଥିଲା ବେଳେ ୭ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ସରକାରଙ୍କ ସପକ୍ଷରେ ୬ ବିଧାୟକ ଭୋଟ୍ ଦେଇଥିଲେ। ସେହିପରି ହରିୟାଣା ଲୋକହିତ ପାର୍ଟିର ଜଣେ ବିଧାୟକ ମଧ୍ୟ ନୟାବ ସିଂଙ୍କ ସମର୍ଥନରେ ଭୋଟ୍ ଦେଇଥିଲେ। ଅନ୍ୟପକ୍ଷରେ ମେଣ୍ଟରୁ ଓହରିଯାଇଥିବା ଜନନାୟକ ଜନତା ପାର୍ଟିର ବିଧାୟକମାନେ ଭୋଟ୍ ଦେବାରୁ ନିବୃତ ରହିଥିଲେ। ବିଧାୟକମାନଙ୍କ ଉପରେ ଦଳୀୟ ହ୍ୱିପ୍‌କୁ ନେଇ ସେମାନେ ବିଧାନସଭା ଆସି ନଥିଲେ। ଏହାସତ୍ତ୍ୱେ ନୟାବ ସିଂ ସରକାର ସହଜ ବିଜୟଲାଭ କରିଛି।

● ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଦାବି

ଆଜି 'କିଷାନ ମହାପଞ୍ଚାୟତ'

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଏମଏସପି ଗ୍ୟାରେଣ୍ଟି ଦାବିରେ ପଞ୍ଜାବ-ହରିୟାଣା ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଆସନ୍ତାକାଲି ଦିଲ୍ଲୀ ରାମଲୀଳା ମଇଦାନ ଠାରେ କିଷାନ ମହାପଞ୍ଚାୟତ କରିବେ। ଏହି ମହାସଭାରେ ପଞ୍ଜାବରୁ ୫୦ ହଜାରରୁ ଅଧିକ ଚାଷୀ ଯୋଗ ଦେବା ସହିତ ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ହରିୟାଣାରୁ ମଧ୍ୟ ଚାଷୀମାନେ ବହୁ ସଂଖ୍ୟାରେ ଯୋଗ ଦେବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ତେବେ ଚାଷୀଙ୍କ ଏହି ମହାସଭାକୁ ନେଇ ଦିଲ୍ଲୀରେ ଟ୍ରାଫିକ୍ ବ୍ୟବସ୍ଥା ବ୍ୟାହତ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ଦିଲ୍ଲୀ ଟ୍ରାଫିକ୍ ପୁଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। କୌଣସି କାରଣରୁ ଯେଭଳି ଟ୍ରାଫିକ୍ ସମସ୍ୟା ନ ଉପୁଜେ ଏବଂ ସାଧାରଣ ଲୋକ ହଇରାଣ ନ ହୁଅନ୍ତି ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ଏହାବ୍ୟତୀତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।

ରାଜନୀତି ପାଇଁ ଭାଇ ସହ ସମ୍ପର୍କ ଛିନ୍ନ କଲେ ମମତା

କୋଲକାତା, ୧୩।୩ (ଏଜେନ୍ସି)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ରାଜନୀତି ପାଇଁ ତାଙ୍କ ସାନ ଭାଇ ବାବୁନ ବାନାର୍ଜୀଙ୍କ ସହ ସବୁ ସମ୍ପର୍କ ଛିନ୍ନ କରିଦେଇଛନ୍ତି। ପରିବାର ସହର ତାଙ୍କର ସମ୍ବନ୍ଧ ତୁଟି ଯାଇଛି ବୋଲି କହିଛନ୍ତି। ହାୱଡ଼ା ଆସନର ଟିଏମ୍‌ସି ପ୍ରାର୍ଥୀ ପ୍ରସୁନ ବାନାର୍ଜୀଙ୍କୁ ବିରୋଧ କରିବା ପରେ ଦିଦି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଦି କ୍ରୋଧ ପ୍ରକାଶ କରି କହିଛନ୍ତି ଯେ ପ୍ରତି ଥର ନିର୍ବାଚନ ପୂର୍ବରୁ ବାବୁନ ସମସ୍ୟା ସୃଷ୍ଟି କରନ୍ତି। ସେ ଲୋଭୀଙ୍କୁ ପସନ୍ଦ କରନ୍ତି ନାହିଁ। ବଂଶବାଦ ରାଜନୀତିରେ ବିଶ୍ୱାସ ରଖନ୍ତି ନାହିଁ। ସେଥିପାଇଁ ସେ ତାଙ୍କୁ ନିର୍ବାଚନରେ ଟିକଟ ଦେଇଥିଲେ। ଏବେ ସେ ବାବୁନଙ୍କ ସହ ସବୁ ସମ୍ପର୍କ ତୁଟାଇ ଦେଇଛନ୍ତି। ଏହା ପୂର୍ବରୁ ବାବୁନ କହିଥିଲେ ଯେ ପ୍ରସୁନ ହାୱଡ଼ା ପାଇଁ ସଠିକ୍ ବିକଳ୍ପ ନୁହେଁ। ଅନେକ ଭଲ ପ୍ରାର୍ଥୀ ଥିଲେ। ମାତ୍ର ସମସ୍ତଙ୍କୁ ଅଣଦେଖା କରାଯାଇଛି। ଦଳ ଆଦୌ ଠିକ୍ କରିନାହିଁ। ସେ ଟିଏମ୍‌ସି ଛାଡ଼ିବେ ନାହିଁ କି ବିଜେପିରେ ସାମିଲ ହେବନି। ମାତ୍ର ଆବଶ୍ୟକତା ପଡ଼ିଲେ ଟିଏମ୍‌ସି ପ୍ରାର୍ଥୀଙ୍କ ବିରୋଧରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟିଏମ୍‌ସି ଏବେ ମେଘାଳୟରେ ତୁରା ସଂସଦୀୟ ଆସନରୁ କଂଗ୍ରେସ ବିରୋଧରେ ପ୍ରାର୍ଥୀ ଦେଇଛି। କଂଗ୍ରେସ ପ୍ରାର୍ଥୀ ସାଲେଙ୍ଗ ଏ ସାଙ୍ଗମାଙ୍କ ବିରୋଧରେ ପୂର୍ବତନ ମନ୍ତ୍ରୀ ଜେନିଥ ସାଙ୍ଗମାଙ୍କୁ ଛିଡ଼ା କରାଇଛି।

'ନାରୀ ନ୍ୟାୟ' ଗ୍ୟାରେଣ୍ଟି ଯୋଜନା ଘୋଷଣା କଲା କଂଗ୍ରେସ

ମହିଳାଙ୍କୁ ବର୍ଷକୁ ଲକ୍ଷେ ଟଙ୍କା ଦେବାକୁ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି)

ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ବୁଧବାର କଂଗ୍ରେସ ୫ଟି ଗ୍ୟାରେଣ୍ଟି ଦେଇଛି। ନିର୍ବାଚନ ଜିତିଲେ 'ନାରୀ ନ୍ୟାୟ' ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଘୋଷଣା କରିଛନ୍ତି। ଏହା ଅଧିନରେ ଥିବା 'ମହାଲକ୍ଷ୍ମୀ ଗ୍ୟାରେଣ୍ଟି' ଯୋଜନାରେ ଗରିବ ମହିଳାଙ୍କୁ ବର୍ଷକୁ ଲକ୍ଷେ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ 'ଅଧା ଜନସଂଖ୍ୟା-ସମ୍ପୂର୍ଣ୍ଣ ହକ୍'ରେ ମହିଳାଙ୍କୁ ସରକାରୀ ଚାକିରିରେ ଅଧା ହକ୍ ଦିଆଯିବ ବୋଲି କୁହାଯାଇଛି। ସେହିପରି 'ଶକ୍ତିର ସମ୍ମାନ' ଯୋଜନାରେ ଅଙ୍ଗନବାଡ଼ି, ଆଶା, ମଧ୍ୟାହ୍ନ-ଭୋଜନ କର୍ମଚାରୀଙ୍କ ମାସିକ ଦରମାରେ କେନ୍ଦ୍ର ସରକାରଙ୍କ ଯୋଗଦାନକୁ ଦ୍ୱିଗୁଣିତ କରାଯିବ। 'ଅଧିକାର ମୈତ୍ରି' ଯୋଜନାରେ ପ୍ରତି ପଞ୍ଚାୟତର ମହିଳାଙ୍କୁ ତାଙ୍କ ହକ୍ ପାଇଁ ସଚେତନ କରାଯିବ। ଜରୁରୀ ସହାୟତା ପାଇଁ ପାରା-ଲିଗାଲ ଅର୍ଥାତ୍ ଆଇନ ସହାୟକ ନିଯୁକ୍ତି କରାଯିବ। ଏହା ବ୍ୟତୀତ 'ସାବିତ୍ରୀ ବାଇ ଫୁଲେ ହଷ୍ଟେଲ' ଯୋଜନାରେ କର୍ମଜୀବୀ ମହିଳାଙ୍କ ପାଇଁ ସବୁ ଜିଲ୍ଲା ମୁଖ୍ୟାଳୟରେ ଅତିକମରେ ଗୋଟିଏ ଲେଖାଏଁ ହଷ୍ଟେଲ ବନାଯିବ। ସାରା ଦେଶରେ ଏହି ହଷ୍ଟେଲ ସଂଖ୍ୟା ଦ୍ୱିଗୁଣିତ କରାଯିବ। ଏହି ସବୁ ଘୋଷଣା କରି କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ଫମ୍ପା ନୁହେଁ ବୋଲି ଖଡଗେ କହିଛନ୍ତି।

ରାମେଶ୍ୱରମ୍ କାଫେ ବିସ୍ଫୋରଣ

ଏନଆଇଏ ହାତରେ ମୁଖ୍ୟ ଅଭିଯୁକ୍ତ !

ବେଙ୍ଗାଲୁରୁ,୧୩।୩(ଏଜେନ୍ସି)

ରାମେଶ୍ୱରମ୍ କାଫେରେ ଗତ ୧ ତାରିଖରେ କମ୍ ଶକ୍ତିଶାଳୀ ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ୍ ଡିଭାଇସ୍(ଆଇଇଡି) ବିସ୍ଫୋରଣ ଘଟାଇଥିବା ସାବିର ନାମକ ସନ୍ଦିଗ୍ଧ ବ୍ୟକ୍ତିକୁ ଆଜି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) କର୍ଣ୍ଣାଟକର ବେଲାରୀ ଜିଲ୍ଲାରୁ ଧରିଛି। ବର୍ତ୍ତମାନ ତାକୁ ଅଟକ ରଖାଯାଇ ପଚରାଉଚୁରା ଚାଲିଛି ଓ ତା'ର ପରିଚୟ ଯାଞ୍ଚ କରାଯାଉଛି। ଅଟକ ଯୁବକ ଜଣକ ହିଁ ସିସିଟିଭି ଫୁଟେଜରେ ଥିବା ବ୍ୟକ୍ତି ଏହା ଏପର୍ଯ୍ୟନ୍ତ ସାବ୍ୟସ୍ତ ହୋଇନାହିଁ। ଏନଆଇଏ ପକ୍ଷରୁ କିଛି ଦିନ ତଳେ ସନ୍ଦିଗ୍ଧ ବିସ୍ଫୋରଣକାରୀର ସ୍କେଚ ଓ ସିସିଟିଭି ଫୁଟେଜରୁ ପ୍ରାପ୍ତ ଫଟୋ ଜାରି କରାଯାଇଥିଲା। ସେଥିରେ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତି ଜଣକ ଟୋପି, ଚଷମା, କଳା ପ୍ୟାଣ୍ଟ ଓ କଳା ସୁ' ପିନ୍ଧିଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣକାରୀ ଅପରାଧୀ ସମ୍ପର୍କରେ ଖବର ଦେଲେ ଖବରଦାତାଙ୍କ ପରିଚୟ ଗୋପନ ରଖାଯିବ ଓ ତାଙ୍କୁ ୧୦ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନଆଇଏ ପକ୍ଷର

‘ସମସ୍ତଙ୍କୁ ଉନ୍ନତମାନର ଚିକିତ୍ସା ଉପଲବ୍ଧ କରାଇବା ଲକ୍ଷ୍ୟ’

ବୃକ୍କ ବା କିଡ୍‌ନି ମନୁଷ୍ୟ ଶରୀରର ମୁଖ୍ୟ ଅଙ୍ଗ । ଏହା ରକ୍ତକୁ ଶୁଦ୍ଧିକରଣ କରିବା ସହ ଶରୀରରୁ ବର୍ଜ୍ୟ ନିଷ୍କାସନ କରିବା ଆଦି ବିଭିନ୍ନ କାର୍ଯ୍ୟ କରିଥାଏ । ତେଣୁ ସୁସ୍ଥ ଓ ନିରୋଗ ରହିବା ପାଇଁ ବୃକ୍କକୁ ସୁସ୍ଥ ରଖିବା ବେଶ୍ ଜରୁରି । ଏବେ କିନ୍ତୁ ବ୍ୟସ୍ତବହୁଳ ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ପ୍ରାୟତଃ ଲୋକ ବୃକ୍କଜନିତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି । ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଅଧିକ ଯତ୍ନଶୀଳ ହେବା ସହ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରରେ ବିଶ୍ୱ ବୃକ୍କ ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷ ୧୪ ମାର୍ଚ୍ଚରେ ବିଶ୍ୱ ବୃକ୍କ ଦିବସର ବାର୍ତ୍ତା ହେଉଛି ‘କିଡ୍‌ନି ରୋଗର ଚିକିତ୍ସା ସମସ୍ତଙ୍କ ପାଇଁ ଏବଂ ଉନ୍ନତମାନର ଚିକିତ୍ସା ସମସ୍ତଙ୍କ ପାଖେ ଉପଲବ୍ଧ କରାଇବା ।’

ଡ.ଅରୁଣା ଆଚାର୍ଯ୍ୟ
ବିଭାଗୀୟ ମୁଖ୍ୟ, ନେଫ୍ରୋଲୋଜି, ଏସ୍‌ସିବି ମେଡିକାଲ କଲେଜ

ବୃକ୍କ ଜନିତ ସମସ୍ୟା ବୃଦ୍ଧି ପାଇବାର ମୂଳ କାରଣ ହେଲା, ମଧୁମେହ, ଉଚ୍ଚ ରକ୍ତଚାପ, ମାତ୍ରାଧିକ ପେନ୍ କିଲର ସେବନ, ମେଦ ବହୁଳତା, ଦେହର ଜଳୀୟ ଅଂଶ କମିବା ଇତ୍ୟାଦି । ତେଣୁ ଏହି ରୋଗର ଚିକିତ୍ସା ଅପେକ୍ଷା ପ୍ରତିକାର ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍କ ରୋଗର ଲକ୍ଷଣ, ଭୟାବହତା ଏବଂ ପ୍ରତିକାର ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରି । ତେବେ ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ ନିରୂପଣ ଏବଂ ଚିକିତ୍ସା ହୋଇପାରିଲେ ଏହି ଜଟିଳ ଏବଂ ମାରାତ୍ମକ ରୋଗରୁ ରକ୍ଷା ମିଳିପାରିବ । ବୃକ୍କ ରୋଗୀ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ କଲେଜ ନେଫ୍ରୋଲୋଜି ବିଭାଗର ସମସ୍ତ ପ୍ରକାର ଚିକିତ୍ସା ମଧ୍ୟ ମାଗଣାରେ ଉପଲବ୍ଧ ଅଛି ।

ବିଶେଷ କରି ଭାରତରେ କ୍ରୋନିକ୍ କିଡ୍‌ନି ଡିଜିଜ୍ (ସିକେଡି) ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହି ରୋଗର ପ୍ରତିକାର ସୋପାନ ୪ କିମ୍ବା ୫ରେ ହୋଇଥାଏ । ଷ୍ଟେଜ୍ ୫ ରୋଗୀଙ୍କୁ ଚିକିତ୍ସା ଦୁଇ ପ୍ରକାରରେ ହୋଇଥାଏ । ପ୍ରଥମତଃ ଡାୟଲିସିସ୍ ଏବଂ ଦ୍ୱିତୀୟ ବୃକ୍କ ପ୍ରତିରୋପଣ । କିଡ୍‌ନି ରୋଗ ସମୟ ସାପେକ୍ଷ । ବ୍ୟୟ ବହୁଳ । କିଡ୍‌ନି ବାୟୋପ୍ସି ଭଳି ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ ହେବା ଫଳରେ ରୋଗର ପ୍ରାରମ୍ଭିକ ଅବସ୍ଥାରେ ନିରୂପଣ ଏବଂ ସଠିକ୍ ଚିକିତ୍ସା ହୋଇପାରୁଛି ।

ଡାଇଲିସିସ୍ କରୁଥିଲେ ସତର୍କତା

କିଡ୍‌ନି ରୋଗୀଙ୍କୁ ସପ୍ତାହକୁ ଦୁଇରୁ ତିନି ଥର ଡାଇଲିସିସ୍ କରାଇବାକୁ ପଡ଼ିଥାଏ । ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀ ପାଣି ପିଇବା ଉଚିତ । ପୁଷ୍ଟିସାର ଖାଦ୍ୟ ଆବଶ୍ୟକ ହୁଏ । ନିୟମିତ ଆଇରନ, କ୍ୟାଲସିୟମ୍ ଓ ଶରୀରର ରକ୍ତ ବୃଦ୍ଧି ପାଇଁ ନିୟମିତ ଭାବେ ଆଇରନ, ଏରିଥ୍ରୋପୋଇଟିନ ଇଞ୍ଜେକସନ୍ ନେବାକୁ ପଡ଼ିଥାଏ । ବୃକ୍କ ପ୍ରତିରୋପଣ ରୋଗୀଙ୍କ ଅପେକ୍ଷା ଡାଇଲିସିସି ରୋଗୀଙ୍କର ଅଧିକ ହୃଦ୍‌ଜନିତ ସମସ୍ୟା ଦେଖାଯାଉଥିବାରୁ ଏଥିପ୍ରତି ସତର୍କ ରୁହନ୍ତୁ ।

ବୃକ୍କ ପ୍ରତିରୋପଣ ପରେ ସତର୍କତା

କିଡ୍‌ନି ଫେଲ୍ୟୁୟର ରୋଗୀଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ହେଉଛି ବୃକ୍କ ପ୍ରତିରୋପଣ । ଜଣେ ସୁସ୍ଥ ଲୋକଙ୍କଠାରୁ ବୃକ୍କ ଗ୍ରହଣ କରିବା ଅନ୍ୟଟି ମସ୍ତିଷ୍କ ମୃତ ବ୍ୟକ୍ତିଙ୍କଠାରୁ ବୃକ୍କ ନେଇ ପ୍ରତିରୋପଣ କରାଯାଇ ପାରୁଛି । ଏହି ରୋଗୀ ଔଷଧ ଉପରେ ନିର୍ଭରଶୀଳ ଥିବାରୁ ଅଧିକ ପରିଷ୍କାର ଓ ପରିଚ୍ଛନ୍ନ ରହିବା ଜରୁରି । ନିୟମିତ ନିର୍ଦ୍ଦିଷ୍ଟ ପରିମାଣରେ ପାଣି ପିଇବା ସହ ବାହାରେ ବୁଲାବୁଲି ନ କରିବା ଉଚିତ । ସଂକ୍ରମିତ ନ ହେବାକୁ ପଶୁ, ପକ୍ଷୀ ଆଦିଙ୍କ ଠାରୁ ଦୂରେଇ ରହିବା ଭଲ ।

ବୃକ୍କ ରୋଗର କାରଣ ଓ ନିରାକରଣ

ପ୍ରଫେସର ଡା.ଦେବ ପ୍ରସାଦ କର
ନେଫ୍ରୋଲୋଜି ବିଭାଗ
ଆଇଏମ୍‌ଏସ୍‌ଆଣ୍ଡ ସମ୍ ହସ୍‌ପିଟାଲ, ଭୁବନେଶ୍ୱର

ବିଶ୍ୱ କିଡ୍‌ନି ଦିବସର ଲକ୍ଷ୍ୟ ହେଲା ଶରୀର ପାଇଁ କିଡ୍‌ନିର ପ୍ରାଧାନ୍ୟ ଏବଂ କିଡ୍‌ନି ରୋଗକୁ କିପରି ଚିକିତ୍ସା କରିପାରିବା । ତେଣୁ କିଡ୍‌ନି ରୋଗର ଲକ୍ଷଣ ଓ ରୋଗ ନିରାକରଣ ସଂପର୍କରେ ଜାଣିବା ଉଚିତ ।

କାରଣ : କିଡ୍‌ନିର ଗଠନ ଠିକ୍ ଭାବେ ହୋଇନଥିବା, ବଂଶଗତ କିଡ୍‌ନି ରୋଗ ଥିଲେ, ନିଶା ସେବନ ଯଥା- ସିଗାରେଟ୍, ବିଡ଼ି, ତମାଖୁ, ଅତ୍ୟଧିକ ମଦ୍ୟପାନ, ଫାଷ୍ଟଫୁଡ୍, ପ୍ରିଜରଭେଟିଭରେ ଥିବା ଖାଦ୍ୟ, ପ୍ୟାକେଜଡ୍ ଆଣ୍ଡ ପ୍ରୋସେସ୍‌ଡ ଖାଦ୍ୟ ନିୟମିତ ଗ୍ରହଣ, ମେଦବହୁଳତା, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ଥିଲେ, ଡାକ୍ତରଙ୍କ ବିନା ପରାମର୍ଶରେ ଏନ୍‌ଏସ୍‌ଏଆଇଡିଏସ୍ ଏବଂ ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସେବନ ଦ୍ୱାରା ବୃକ୍କ ରୋଗ ବୃଦ୍ଧି ପାଇଥାଏ ।

ଲକ୍ଷଣ

ପାଦ, ମୁହଁ, ପେଟ ଫୁଲିବା, ଧଇଁସଇଁ ଲାଗିବା, ଦୁର୍ବଳତା, ରକ୍ତହୀନତା, ପରିସ୍ରା କମିଯିବା, ବାନ୍ତି ଲାଗିବା, ବାନ୍ତି ଭୋକ କମିଯିବା, ଚର୍ମ ଶୁଷ୍କ ହେଇଯିବା, ପରିସ୍ରାରେ ରକ୍ତ ପଡ଼ିବା, ଫିଟ୍‌ସ ମାରିବା ଇତ୍ୟାଦି ବୃକ୍କ ରୋଗର ଲକ୍ଷଣ । ଶରୀର ମଧ୍ୟରେ ମେଟାବୋଲିକ୍ ଟକ୍‌ସିନ୍ ସବୁ ଜମା ହୁଏ । ବୃକ୍କ ସମସ୍ୟା ଯୋଗୁଁ ଶରୀରରେ ରକ୍ତ କମିଯାଏ, ହୃଦ୍‌ରୋଗ ହେବାର ଆଶଙ୍କା ବୃଦ୍ଧିପାଏ ।

ବୃକ୍କ ରୋଗ ହ୍ରାସ କରିବା କିପରି

ଦୈନନ୍ଦିନ ଖାଦ୍ୟପେୟରେ ନିୟନ୍ତ୍ରଣ, ଫାଷ୍ଟଫୁଡ୍, ଫ୍ରିଜରଭ୍‌ଡ ଓ କେନ୍‌ଡ ଖାଦ୍ୟଠାରୁ ଦୂରେଇ ରହିବା, କମ୍ ଲୁଣ ଖାଇବା, ସପ୍ତାହକୁ ଛଅ ଦିନ ୩୦ ମିନିଟ୍ ବ୍ୟାୟାମ କରିବା କିମ୍ବା ଦ୍ରୁତ ଗତିରେ ଚାଲିବା ଜରୁରି । ଶରୀରର ଓଜନକୁ ସୀମିତ ରଖିବା, ମଧୁମେହରେ ପୀଡ଼ିତ ବ୍ୟକ୍ତି ନିୟମିତ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବା କିମ୍ବା ଇନ୍‌ଶୁଲିନ ନେଇ ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖିବା । ଯେଉଁମାନଙ୍କୁ ଉଚ୍ଚ ରକ୍ତଚାପ ଅଛି, ସେମାନେ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ଉଚିତ ।

ବୃକ୍କ ସୁରକ୍ଷାରେ ଆୟୁର୍ବେଦ ଉପଚାର

ଡା. ପ୍ରଦୀପ କୁମାର ମିଶ୍ର
ମାଛରଙ୍କା, ବାଲେଶ୍ୱର

ଅନିୟମିତ ଜୀବନ ଶୈଳୀ, ଫାଷ୍ଟଫୁଡ୍ ଓ ଜଙ୍କଫୁଡ୍ ସେବନ, ପ୍ରଦୂଷିତ ବାତାବରଣ, ମଧୁମେହ, ଉଚ୍ଚ ରକ୍ତଚାପ ଆଦି କାରଣରୁ ବୃକ୍କ ପ୍ରଭାବିତ ହୁଏ । ଏହାର ସୁରକ୍ଷା ପାଇଁ ରାସାୟନିକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ବିଶୁଦ୍ଧ ଜଳପାନ କରିବା ଉଚିତ । ତେବେ ବୃକ୍କଜନିତ ସମସ୍ୟାର ଆୟୁର୍ବେଦ ଉପଚାର ପାଇଁ ଗୁଖୁରୁ, ଗିଲୟ ବା ଗୁଡୁଚି, ମକାଜଟା, କୁଇଲେଖା ପତ୍ରର ମିଶ୍ରିତ ୧୦ ଗ୍ରାମକୁ ୪୦୦ ମିଲି ପାଣିରେ ସିଝାଇ ଶହେ ମିଲି ଅବଶେଷ ରଖି ଥରକୁ ୫୦ ମିଲି ପର୍ଯ୍ୟନ୍ତ ଦୁଇବେଳା ପାନକଲେ, ଉପକାର ମିଳେ ।

କୁଇଲେଖା ପତ୍ରକୁ ଛେଚି ରସ ବାହାର କରି ୧୦ ମିଲି ପର୍ଯ୍ୟନ୍ତ ରସରେ ଟିକେ ମିଶ୍ରି ପ୍ରକ୍ଷେପ ଦେଇ ଦୁଇ ବେଳା ସେବନ କରିବା ଦ୍ୱାରା ଉପଶମ ମିଳେ ।

୧୦ ଗ୍ରାମ ଗୁଖୁରୁ ବୀଜକୁ ଖଦଡ଼ିଆ ଚୂର୍ଣ୍ଣ କରି ୧ ଲିଟର ପାଣିରେ ସିଝାଇ ଅଧଲିଟର ଅବଶେଷ ରଖି ଆବଶ୍ୟକ ସମୟରେ ଦିନ ମଧ୍ୟରେ ଏହି ପାଣିକୁ ପାନ କଲେ ହିତକର ହୋଇଥାଏ । ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଚନ୍ଦ୍ରପ୍ରଭା ବଟି, ଗୁଖୁରୁ, ଗୁଗୁଲୁ ଆଦି ଉପଯୁକ୍ତ ମାତ୍ରା ଏବଂ ସମୟରେ ସେବନ କଲେ ଉପକାର ହୋଇଥାଏ ।



ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ: 'ୟ-ଟି' ଅଧ୍ୟକ୍ଷ

ଓୟୁପିପି ପ୍ରଶିକ୍ଷାର୍ଥୀଙ୍କ ସହ 'ୟ-ଟି' ଅଧ୍ୟକ୍ଷଙ୍କ ଭାବ ବିନିମୟ

ଭୁବନେଶ୍ୱର,୧୩।୩(ସମିସ): ରାଜ୍ୟର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଯୁବକ ଯୁବତୀଙ୍କୁ ମାଗଣାରେ ସର୍ବୋତ୍କୃଷ୍ଟ ତାଲିମ ପ୍ରଦାନ ସହ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ୟ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଅପ-ସ୍କିଲିଂ ଆଣ୍ଡ ପ୍ଲେସମେଣ୍ଟ ପ୍ରୋଗ୍ରାମ (ଓୟୁପିପି) ଅଧୀନରେ ୧୮୧ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନିଯୁକ୍ତି ପର୍ବ ସମାରୋହରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ ଭାବ ବିନିମୟ କରିବା ସହ ପ୍ରଶିକ୍ଷାର୍ଥୀମାନେ ଖୁବ୍ ଭଲ ପ୍ରଦର୍ଶନ କରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷାର୍ଥୀ ମାନଙ୍କୁ ଉନ୍ନତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କରି ସେମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଶତପ୍ରତିଶତ ନିଯୁକ୍ତି ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କହିଛନ୍ତି 'ୟ-ଟି' ଅଧ୍ୟକ୍ଷ ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମନୋନୀତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ୬ ମାସର ପାଠ୍ୟକ୍ରମ ଅବଧି ମଧ୍ୟରେ ମାଗଣା ବୋର୍ଡିଂ ସୁବିଧା ମଧ୍ୟ ଉପଲବ୍ଧ କରାଯାଏ। କାର୍ଯ୍ୟକ୍ରମଟି ଆର୍ଟିଡି ବା ନିଯୁକ୍ତି, ପ୍ରଶିକ୍ଷଣ ଏବଂ ନିୟୋଜନ ଆଭିମୁଖ୍ୟ ଉପରେ ଆଧାରିତ । ଏହା ଅଧୀନରେ ବି.ଟେକ୍, ଏମସିଏ ଏବଂ

ଟେକ୍ ମହିନ୍ଦ୍ରାରେ ବାର୍ଷିକ ୪.୨୫ ଲକ୍ଷ ପ୍ୟାକେଜରେ ସବୁ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି

ପ୍ରଥମ ବ୍ୟାଚ୍ ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଥିବାରୁ ଖୁସିବ୍ୟକ୍ତ କଲେ 'ୟ-ଟି' ଅଧ୍ୟକ୍ଷ

ଏମଏସସି ପଢୁଥିବା ଆର୍ଥିକସ୍ତରରେ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତା ଆଧାରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମନୋନୀତ କରାଯାଇ ପ୍ରଶିକ୍ଷଣ ଦିଆଯାଉଛି। ତାଲିମ କାର୍ଯ୍ୟକ୍ରମ ଯୋଗାଇବା ପାଇଁ ଉନ୍ନତ ଜ୍ଞାନକୌଶଳ ସହିତ ତିନୋଟି ଅତ୍ୟାଧୁନିକ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଶାଳା ପ୍ରତିଷ୍ଠା କରାଯାଇଥିବା ବେଳେ ଟେକ୍ ମହିନ୍ଦ୍ରା ଭଳି ସୁପ୍ରତିଷ୍ଠିତ ସଂସ୍ଥା ଏହି କାର୍ଯ୍ୟକ୍ରମର ବୈଷୟିକ ଭାଗିଦାରୀ ଭାବରେ ମନୋନୀତ ହୋଇଛି। ସେହିପରି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସ୍କିଲିଂ ପାର୍ଟନର ଭାବରେ ସାମାଜିକ ଦାୟିତ୍ୱ ଅନ୍ତର୍ଗତ ସହାୟତା ପ୍ରଦାନ କରିଛି। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସଫଳତାର ସହିତ ଟେକ୍ ମହିନ୍ଦ୍ରାରେ ବାର୍ଷିକ ୪.୨୫ ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପ୍ରଦାନ କରାଯାଇଛି । ଯୁବ ସଶକ୍ତିକରଣ ଏବଂ ନିଯୁକ୍ତି ଦିଗରେ ଏଭଳି ସହଭାଗିତା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଟେକ୍ ମହିନ୍ଦ୍ରା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ପ୍ରତିନିଧି ମାନେ ପ୍ରଶଂସା କରିଛନ୍ତି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ କରି ସେମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବା ୟ-ଟି ପଦକ୍ଷେପ ଅନୁଯାୟୀ ଏକ ସ୍ୱପ୍ନର ପ୍ରକଳ୍ପ ଅଟେ। ପ୍ରଥମ ବ୍ୟାଚ୍ ଅତ୍ୟନ୍ତ ଭଲ ପ୍ରଦର୍ଶନ କରି ଭବିଷ୍ୟତ ବ୍ୟାଚ୍ ପାଇଁ ପଥ ସ୍ଥିର କରିବା ଅତ୍ୟନ୍ତ ଖୁସିର କଥା। ପରବର୍ତ୍ତୀ ବ୍ୟାଚ୍ ଖୁବ ଶୀଘ୍ର ଆରମ୍ଭ ହେବ ଓ ସରକାର ଏହି କାର୍ଯ୍ୟକ୍ରମକୁ ବିସ୍ତାର କରବାକୁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏପରି ଏକ ଅଭିନବ ପଦକ୍ଷେପ ଏବଂ ସହଯୋଗ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ନିଶ୍ଚିତ କରିଥିବାରୁ ପ୍ରଶିକ୍ଷାର୍ଥୀମାନେ ମୁଖ୍ୟମନ୍ତ୍ରୀ ଓ 'ୟ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଟେକ୍ ମହିନ୍ଦ୍ରା ପରି ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ।

ମେଣ୍ଟ ନିଷ୍ପତ୍ତି ଆଜି!

ଭୁବନେଶ୍ୱର,୧୩।୩(ସମିସ): ଓଡ଼ିଶାରେ ମେଣ୍ଟ ହେବ ନା ନାହିଁ? ରାଜ୍ୟର ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ । ଗତ ୪ ଦିନ ହେଲା ଓଡ଼ିଶାର ବିଜେପି ନେତାମାନେ ଦିଲ୍ଲୀରେ ଡେରା ପକାଇଛନ୍ତି । ସମ୍ଭାବ୍ୟ ମେଣ୍ଟକୁ ନେଇ ଘନଘନ ବୈଠକ ହେଉଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂହ ତୋମାର, ଉପ ପ୍ରଭାରୀ ଲତା ଉସେଣ୍ଡି ଓ ରାଜ୍ୟ ବିଜେପି ନେତୃତ୍ୱଙ୍କ ସହ ବୈଠକ ହୋଇଛି। ସେହିପରି ଜାତୀୟସ୍ତରର ନେତାଙ୍କ ସହ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ଅନେକ ଥର ଆଲୋଚନା କରିଛନ୍ତି । ମାତ୍ର ଓଡ଼ିଶାରେ ବିଜେଡି ସହ ମେଣ୍ଟ ଏଯାଏ ସ୍ପଷ୍ଟ ହୋଇନାହିଁ ।

ମେଣ୍ଟ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ବୁଧବାର ଅପରାହ୍ନରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷନେତା ଅମିତ୍ ଶାହାଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ବୈଠକ ଆହ୍ୱାନ କରାଯାଇଥିଲା। ମାତ୍ର ମନ୍ତ୍ରୀ ପରିଷଦ ବୈଠକ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ଯୋଗୁଁ ଏହାକୁ ବାତିଲ କରାଯାଇଛି। ଦଳୀୟ ମୁଖ୍ୟାଳୟରେ ଆଜି ରାତିରେ ରାଜ୍ୟ ବିଜେପି ସଭାପତି, ସଙ୍ଗଠନ ସମ୍ପାଦକ, ପ୍ରଭାରୀ ଓ ରାଜ୍ୟର ଅନ୍ୟ କିଛି ନେତାଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି । ସମ୍ଭବତଃ ଆଜି ରାତିରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ପରେ ଆସନ୍ତାକାଲି ନିଷ୍ପତ୍ତି ନିଆଯାଇପାରେ ବୋଲି ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି ।

ରାଜ୍ୟ ଓ ଜାତୀୟସ୍ତରର ଗଣମାଧ୍ୟମରେ ମେଣ୍ଟକୁ ନେଇ ବିଭିନ୍ନ କଥା ଆଲୋଚିତ ହେଉଛି । ମାତ୍ର ବାସ୍ତବରେ ସତ୍ୟ କ'ଣ ତାହା ଏଯାଏ ଅସ୍ପଷ୍ଟ । ବିଜେପି ଇତି ମଧ୍ୟରେ ଲୋକସଭା ପାଇଁ ଦୁଇ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ପ୍ରଥମ ପର୍ଯ୍ୟାୟରେ ୧୯୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ସୂଚୀ ଜାତୀୟ ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି । ମାତ୍ର ଏହି ଦୁଇ ପର୍ଯ୍ୟାୟରେ ଓଡ଼ିଶାର ଜଣେ ବି ପ୍ରାର୍ଥୀଙ୍କ ନାମ ସ୍ଥାନ ପାଇନାହିଁ । ବିଜେପି ଆଗାମୀ ନିର୍ବାଚନ ନିମନ୍ତେ ଆସନଗୁଡ଼ିକୁ ୪ ବର୍ଗରେ ବର୍ଗୀକରଣ କରିଛି । ନିଶ୍ଚିତ ବିଜୟ ଓ ବୃହତ୍ ବ୍ୟବଧାନ ସମ୍ଭାବନା ଥିବା ଆସନକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ କରିଛି । ଏହାବ୍ୟତୀତ ଦ୍ୱିମୁଖୀ, ତ୍ରିମୁଖୀ ଲଢ଼େଇ ସମ୍ଭାବନା ଥିବା ଆସନଗୁଡ଼ିକୁ ୩ୟ ପର୍ଯ୍ୟାୟରେ ରଖିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୌଣସି ଆସନ ପାଇଁ ଦଳ ଏଯାଏ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବା ଅନେକ ଦିଗକୁ ଇଙ୍ଗିତ କରିଛି ।

'ୟ-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ପବିତ୍ର ମୋହନ ପ୍ରଧାନଙ୍କ ନାତୁଣୀ

ସ୍ମୃତିରକ୍ଷା ପାଇଁ ସରକାରଙ୍କୁ ଧନ୍ୟବାଦ

ଭୁବନେଶ୍ୱର, ୧୩।୩(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜା ମଣ୍ଡଳ ଆନ୍ଦୋଳନର ପୁରୋଧା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ନେଇଛନ୍ତି। ତାଳଚେରରେ ପବିତ୍ର ମୋହନ ମେଡିକାଲ କଲେଜ, ବ୍ରାହ୍ମଣୀ ନଦୀ ଉପରେ ତାଙ୍କ ନାମରେ ସେତୁ ପ୍ରତିଷ୍ଠା ସହିତ ସ୍ମୃତି ସଂଗ୍ରହାଳୟ ଏବଂ ଭୁବନେଶ୍ୱରରେ ତାଙ୍କର ଏକ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। 'ୟ-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟ କରାଯାଇଛି। ଏଥିପାଇଁ ପବିତ୍ର ମୋହନ ସ୍ମୃତି ପରିଷଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ 'ୟ-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛି । ଆଜି ପବିତ୍ର ମୋହନଙ୍କ ନାତୁଣୀ ରଞ୍ଜିତା ରାଣୀ ପ୍ରଧାନ ଓ ସ୍ମୃତି ପରିଷଦର ଅନ୍ୟ ସଦସ୍ୟମାନେ ନବୀନ ନିବାସ ଠାରେ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେମାନେ କହିଛନ୍ତି ଯେ ପବିତ୍ର ମୋହନଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହାର ଉତ୍ତରରେ 'ୟ-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ବରପୁତ୍ରମାନଙ୍କ ପ୍ରତି ଗଭୀର ସମ୍ମାନ କରନ୍ତି। ସେମାନଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ସବୁବେଳେ ପଦକ୍ଷେପ ନେଇଛନ୍ତି। ପବିତ୍ର ମୋହନ ରାଜ୍ୟର ଯୁବ ସମାଜ ପାଇଁ ଆଦର୍ଶ। ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପାନୀୟ ନିଗମ ଦେଲା ୫ କୋଟି ଟଙ୍କା

ଭୁବନେଶ୍ୱର, ୧୩।୩(ସମିସ): ଓଡ଼ିଶା ରାଜ୍ୟ ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆଜି ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ, ପାନୀୟ ଜଳ ତଥା ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନିମନ୍ତେ ଏହି ଅର୍ଥରାଶି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ପ୍ରଦାନ କରିଛନ୍ତି।

ଓଡ଼ିଶା ରାଜ୍ୟ ପାନୀୟ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୭୪୫୬. ୬୪ କୋଟି ଟଙ୍କା (ଭାଟ ୨୫୧୨.୮୩ କୋଟି କୁ ଛାଡି) କାରବାର କରିଛି। ନିଗମ ତରଫରୁ ରାଜ୍ୟ ସରକାରଙ୍କୁ ୫୨୬୭.୬୯ କୋଟି ଟଙ୍କା ଉତ୍ପାଦ ଶୁଳ୍କ ଓ ମୂଲ୍ୟ ଯୁକ୍ତ କର (ଭାଟ) ଆକାରରେ ୨୫୧୨.୮୩ କୋଟି ଟଙ୍କା ଦାଖଲ କରିଛି। କର ଦେୟ ପରେ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧.୩୮ କୋଟି ଟଙ୍କା ନିଟ୍‌ଲାଭ କରିଛି। ନିଗମ ତରଫରୁ ଗତ ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଆଜି ଆଉ ୫କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶି ପ୍ରଦାନ ସମୟରେ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର , ମୁଖ୍ୟ ସାଧାରଣ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସିରିଜ୍ ଦୁର୍ଘଟଣା: ୨ ମୃତ, ଦୁଇ ଗୁରୁତର

ବେଲବାହାଳି,୧୩।୩(ସମିସ): କେନ୍ଦୁଝର ଜିଲ୍ଲା ୨୦ନଂ ଜାତୀୟ ରାଜପଥ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ମଧ୍ୟାହ୍ନରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଯାଜପୁର ପଟରୁ ଆସୁଥିବା କାର୍ ପ୍ରଥମେ ଏକ ବାଇକ୍‌କୁ ଧକ୍କା ଦେବାଫଳରେ ବାଇକ୍ ଆରୋହୀ ନିୟନ୍ତ୍ରଣ ହରାଇ ଅନ୍ୟ ଏକ ବାଇକ୍ ସହ ପିଟି ହୋଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ଦୁଇ ବାଇକ୍ ଉପରେ ଚଢ଼ିଯାଇ ଥିଲା। ଫଳରେ ଆନନ୍ଦପୁର ବଡ଼ଦାଣ୍ଡର କାର୍ତ୍ତିକ ସେଠୀ (ଛୁନି)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ରାଇତଳା ଗ୍ରାମର ଭରତରଣାଙ୍କୁ କଟକ ନେବା ବାଟରେ ମୃତ୍ୟୁ ଘଟିଥିଲା। ସାଇଁକୁଳ ଗ୍ରାମର ଅଭିମନ୍ୟୁ ସ୍ୱାଇଁ ଏବଂ ରାଜକିଶୋର ପରିଡ଼ାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

କଠିନ ପରିଶ୍ରମ, ଲକ୍ଷ୍ୟ ଓ ଶୃଙ୍ଖଳା ସିଦ୍ଧି ଆଣେ

ଭୁବନେଶ୍ୱର, ୧୩।୩(ସମିସ): ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଏମ୍), ସମ୍ବଲପୁରର ବିଜ୍ଞ ଶିକ୍ଷାନବୀସମାନଙ୍କୁ ଜୀବନରେ ବଡ଼ ହେବାର ମନ୍ତ୍ର ଦେଇଛନ୍ତି ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। କଠିନ ପରିଶ୍ରମ, ଧାର୍ଯ୍ୟ ଲକ୍ଷ୍ୟ ଓ ଗଭୀର ଶୃଙ୍ଖଳା ଜ୍ଞାନ ରହିଲେ ଜୀବନର ସିଦ୍ଧି ମିଳିବ ବୋଲି ନିଜ ଅଭିଜ୍ଞତାରୁ ତାଙ୍କ ଉତ୍ସାହଜନକ ବକ୍ତବ୍ୟରେ ଶ୍ରଦ୍ଧାଞ୍ଜଳି କହିଛନ୍ତି। ୧୯୯୨ରେ କିଛି ପ୍ରୋତ୍ସାହନ ନଥାଇ ସେମାନେ କିପରି ଶୂନ୍ୟ (ଜିରୋ)ରୁ ଓଡ଼ିଶାରେ ମହିଳା ଫୁଟବଲ ଆରମ୍ଭ କରିଥିଲେ ତାହାର ସୂଚନା ଦେଇଥିଲେ। ସେହିପରି କଠିନ ପରିଶ୍ରମ କରି ସେ କିପରି ଜାତୀୟ ସ୍ତରରେ ଶୀର୍ଷସ୍ଥାନ ପହଞ୍ଚିପାରିଥିଲେ ତାହା ପ୍ରକାଶ କରିବାରୁ ବେଶ ଗ୍ରହଣୀୟ ହୋଇଥିଲା। ଏହି ଅବକାଶରେ ଶିକ୍ଷା ପ୍ରତିଷ୍ଠାନ ଆଇଆଇଏମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ତାଙ୍କ ଉତ୍‌ଥାନର ସମସ୍ତ ଶ୍ରେୟ ରାଜ୍ୟ କ୍ରୀଡ଼ା ବିଭାଗ, ଫାଓ ଓ ତାଙ୍କ ନିଯୁକ୍ତିଦାତା ନାଲକୋକୁ ଦେଇଛନ୍ତି।

ଇଣ୍ଡିଆନ୍ ୱେଲ୍ସ ଟେନିସ୍

କ୍ୱାର୍ଟରରେ ଆଲକାରାଜ, ସିନର

ଇଣ୍ଡିଆନ ୱେଲ୍ସ,୧୩।୩(ଏଜେନ୍ସି): ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ତୃତୀୟ ସିଡ୍ ଇଟଲୀର ଜାନିକ ସିନର, ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଆଲକାରାଜ ୬-୩, ୬-୩ ସିଧାସଳଖ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଜ୍ୱେରେଭ ୫-୭, ୬-୨, ୬-୩ ସେଟ୍‌ରେ ୧୦ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅନ୍ୟପଟେ ସିନର ୭-୬, ୬-୧ ସେଟ୍‌ରେ ଆମେରିକାର ବେନ୍ ସେଲଟନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସ୍ୱିଆଟେକ, ଓଜ୍ନିଆକି କ୍ୱାର୍ଟରକୁ ଉନ୍ନୀତ

ସେହିପରି ମହିଳା ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ, ଡେନମାର୍କର କାରୋଲିନ୍ ଓଜ୍ନିଆକି, ୟୁକ୍ରେନର ମାର୍ଟା କୋଷ୍ଟିଉକ କ୍ୱାର୍ଟର ଫାଇନାଲକୁ ଉତୀର୍ଣ୍ଣ ହୋଇଛନ୍ତି। ସ୍ୱିଆଟେକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୬-୧, ୬-୨ ସିଧାସଳଖ ସେଟ୍‌ରେ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଓଜ୍ନିଆକି ୬-୪, ୬-୨ ସିଧାସଳଖ ସେଟ୍‌ରେ ଜର୍ମାନୀ ଆଞ୍ଜେଲିକ କରବରଙ୍କୁ ଓ କୋଷ୍ଟିଉକ ୬-୪, ୬-୧ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

ଏନସିଏ ଶିବିରରେ ଅଭିନୀତ

କଟକ,୧୩।୩(ସମିସ): ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ର ୧୬ବର୍ଷରୁ କମ୍ ବାଳକ ଶିବିରରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଅଭିନୀତ ପଟ୍ଟନ

ଆମ ପର୍ଦ୍ଦାରେ 'କୱାଲି'

ସୂର୍ଯ୍ୟ ଦେଓ

ଆପଣଙ୍କ ମନେଥିବ ଗତ ଅଧ୍ୟାୟରେ ଭାରତୀୟ ସଂଗୀତରେ କୱାଲିର ପ୍ରବେଶ ସଂପର୍କରେ ଚର୍ଚ୍ଚା ହୋଇଥିଲା । ତ୍ରୟୋଦଶ ଶତାବ୍ଦୀରେ ସୁଫି ସନ୍ଥ ଶେଖ୍ ନିଜାମୁଦ୍ଦିନ ଓ୍ୱଲିୟାଙ୍କ ଦ୍ୱାରା ଭାରତରେ ଧର୍ମସଭା 'ସମା' ଓ 'କୱାଲି' ଭାରତରେ ପ୍ରସାର ହେଲା । ପରେ ସନ୍ଥ ତଥା ସଂଗୀତଜ୍ଞ ଅମୀର ଖୁସ୍ରୋ 'କୱାଲି'ରେ ଭାରତୀୟ ସଙ୍ଗୀତ ଓ ଲୋକଭାଷାର ସମାୟୋଜନ କଲେ ଓ ଭାରତୀୟ ସଙ୍ଗୀତ ଶୈଳୀର ଏକ ଅଂଶ ରୂପେ ଏହା ବିସ୍ତାରିତ ହେଲା । ପ୍ରାରମ୍ଭିକ ସ୍ତରରେ 'କୱାଲି'ର ଉଦ୍ଦେଶ୍ୟ ଥିଲା ଈଶ୍ୱରଙ୍କ ବନ୍ଦନା ଗାନ । କିନ୍ତୁ ସମୟାନୁସାରେ ଏହାର ଭାବରେ ମୁକ୍ତ ଶୈଳୀର ଅନୁପ୍ରବେଶ ଘଟିଲା । ଅର୍ଥାତ୍ ପ୍ରେମ, ବିରହ ଓ ସାମାଜିକ ସ୍ଥିତାବସ୍ଥା ଭାବ ମଧ୍ୟ ଭାରତୀୟ 'କୱାଲି'ରେ ପ୍ରସାରିତ ହେଲା ।

୧୯୩୫ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ବାରିଷ୍ଟର ୱାଇଫ୍'ରେ 'ନଜରିଆ ତାନେ ହେ ତୀର୍ କମାନ୍' କୱାଲିକୁ ସଂଯୋଗ କରାଗଲା । ନୁର ମହମ୍ମଦ ଚାର୍ଲିଙ୍କ ଗାୟନରେ ଗୃହୀତ ଭାରତୀୟ ଚଳଚ୍ଚିତ୍ର ପ୍ରଥମ କୱାଲିକୁ ଲେଖିଥିଲେ ପଣ୍ଡିତ ନାରାୟଣ ପ୍ରସାଦ ବେତାବ୍ । ଚାଳିଶ ଓ ପଚାଶ ଦଶକରେ ହିନ୍ଦୀ ଚଳଚ୍ଚିତ୍ର ସଂଗୀତ ପାଇଁ କୱାଲି ଏକ ବିଶେଷ ଅଂଶ ଭାବରେ ଗୃହୀତ ହେଲା । ୧୯୪୫ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ଜୀନତ୍' ପାଇଁ ନଖଶାବ୍ ଜରଚବିକ୍‌ଙ୍କ ଉର୍ଦ୍ଦୁରେ ଲେଖା 'ଆହେଁ ନା ଭରି ସିକୱେ ନା କିୟା', ୧୯୪୯ ମସିହାର 'ମେଳା'ରେ ଶକିଲ ବଦାୟୁନୀଙ୍କ ରଚିତ 'ଫିର୍ ଆହ ଦିଲ୍ ସେ ନିକଲି ଟପ୍‌କା ଲହୁ ଜିଗର୍ ସେ' ଏବଂ 'ସାଧନା' ଚଳଚ୍ଚିତ୍ରରେ ସାହିର୍ ଲୁଧିଆନ୍‌ବିଙ୍କ ରଚିତ 'ଆଜ୍ କୁଁୟ ହମ୍ ସେ ପରଦା ହେଁ'ର ଲୋକପ୍ରିୟତା ହେତୁ ବିଭିନ୍ନ ପ୍ରାନ୍ତୀୟ ଚଳଚ୍ଚିତ୍ରରେ ମଧ୍ୟ କୱାଲିର ସଂଯୋଗ ଘଟିଲା । ଏକ କ୍ଷୁଦ୍ର ପଦ ଉପରେ 'କୱାଲି'ର ସମଗ୍ର ରଚନା ଆଧାରିତ ହୋଇଥାଏ । ଅର୍ଥାତ ସେହି କ୍ଷୁଦ୍ର ପଦ ବାରମ୍ବାର ପ୍ରତି ପଙ୍‌କ୍ତିରେ ଆସେ ଓ କ୍ଷୁଦ୍ର ପଦର ବର୍ଣ୍ଣନା ବିସ୍ତାରିତ ହୁଏ । ୧୯୫୮ ମସିହାରେ 'ଅଲ୍ ହିଲାଲ୍' ହିନ୍ଦୀ ଚଳଚ୍ଚିତ୍ରରେ ସ୍ଥାନିତ ଶେବନ୍ ରିଜବିକ୍‌ଙ୍କ ରଚିତ କୱାଲି 'ହମେ ତୋ ଲୁଟ୍ ଲିୟା ମିଲକେ ହୁସ୍ନୋ ୱାଲୋନେ' ଲୋକପ୍ରିୟତାର ଶୀର୍ଷକୁ ସ୍ପର୍ଶ କରିଥିଲା । ପ୍ରାନ୍ତୀୟ ଚଳଚ୍ଚିତ୍ରର ସଂଗୀତ ହିନ୍ଦୀ ଚଳଚ୍ଚିତ୍ରର ସଙ୍ଗୀତ ଧାରା ଦ୍ୱାରା ପ୍ରଭାବିତ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି କ୍ରମରେ ଓଡ଼ିଆ ଚଳଚ୍ଚିତ୍ର 'ସୂର୍ଯ୍ୟମୁଖୀ'ରେ କୱାଲିର ପ୍ରବେଶ ହେଲା । ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମ କୱାଲି ଗୀତର ରଚୟିତା ହେଲେ ଗୁରୁକୃଷ୍ଣ ଗୋସ୍ୱାମୀ । 'ଆରେ ଅଳତା ଢାଳିଲେ ଧଳା ଗୋଲାପରେ/ ଯିବ କି ଏ ଫୁଲ/ ରକ୍ତଗୋଲାପ ହୋଇ/ଏ ରଙ୍ଗ ରହିବ ନାହିଁ' 'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ରର ଏହି ଓଡ଼ିଆ କୱାଲିରେ 'ଏ ରଙ୍ଗ ରହିବ ନାହିଁ' ହେଉଛି କ୍ଷୁଦ୍ର ପଦ ଓ ସେହି ଭାବ ଆଧାରିତ ବର୍ଣ୍ଣନା ସଂପୂର୍ଣ୍ଣ କୱାଲିରେ ବିସ୍ତାରିତ ହୋଇଛି । ଓଡ଼ିଆ ଚଳଚ୍ଚିତ୍ରକୁ 'କୱାଲି' ଆସିବା ପୂର୍ବରୁ ଓଡ଼ିଆ ଗୀତି ସାହିତ୍ୟରେ ଅବଶ୍ୟ ଏହାର ପ୍ରବେଶ ହୋଇସାରିଥିଲା । ୧୯୩୩ ମସିହାରେ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ରଚିତ ଏବଂ ନିଜେ କବି ଓ ଲକ୍ଷ୍ମୀଧର ସାହୁଙ୍କ ମିଳିତ କଣ୍ଠରେ ହିଜ୍ ମାଷ୍ଟର୍ସ ଭଏସ୍ (ଏଚ୍‌ଏମ୍‌ଭି) ଗ୍ରାମୋଫୋନ୍ କମ୍ପାନି ପାଇଁ ଗୃହୀତ

କୱାଲି ଗୀତଦୃଶ୍ୟରେ ବାମରୁ ଦ୍ୱିତୀୟରୁ ନାୟକ ସୌମେନ୍ଦ୍ର ଓ ସଙ୍ଗୀତକାର ଶାନ୍ତନୁ

'ଆରେ ଏ ବାୟାଟା, ଫେରିଆ ଫେରିଆ'କୁ ପ୍ରଥମ ଓଡ଼ିଆ କୱାଲିର ମାନ୍ୟତା ଦିଆଯାଏ । ପରେ ୧୯୫୩ ମସିହାରେ 'ବସୁ ସାହିତ୍ୟ ମନ୍ଦିର' ପ୍ରକାଶିତ ଓ ପ୍ରଦୀପ୍ତ କିଶୋର ଦାସଙ୍କ ଦ୍ୱାରା କୃଷକ ପ୍ରେସ୍‌ରେ ମୁଦ୍ରିତ କବିମଞ୍ଜୁଳଙ୍କ 'ପ୍ରସାଦ ପଦ୍ୟାବଳୀ'ରେ ଇସଲାମୀ କୱାଲି ସ୍ଥାନିତ ହୋଇଥିଲା ଏବଂ ଏହା ଥିଲା ପ୍ରଥମ ଓଡ଼ିଆ କୱାଲି ସଙ୍କଳନ ।

ଓଡ଼ିଆ ଚଳଚ୍ଚିତ୍ର ଗୀତିଧାରାରେ 'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ର ସଙ୍ଗୀତ ଦୁଇଟି ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ପ୍ରଥମତଃ: 'କୱାଲି'ର ପ୍ରଥମ ସଂଯୋଜନ ଓ ଦ୍ୱିତୀୟତଃ: ଓଡ଼ିଆ ଚଳଚ୍ଚିତ୍ରରେ 'ଗଜଲ୍' ଛାୟାରେ ଗୀତ ରଚନା । 'ସୂର୍ଯ୍ୟମୁଖୀ'ରେ ସ୍ଥାନିତ ତଥା ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଲେଖା 'ଅନ୍ତରେ କାନ୍ଦେ/ ବାହାରେ ହସେ ମୁଁ/ ଏଇ ମୋର ପରିଚୟ/ମରିସାରିଛି ମୁଁ ତେବେ ବି କରୁଛି/ ବଞ୍ଚିବାର ଅଭିନୟ/ ଏଇ ମୋର ପରିଚୟ' ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଗଜଲ୍ ଛାୟାରେ ରଚିତ ଗୀତ । ଗଜଲ୍ ସମ୍ବନ୍ଧରେ ଆରଥରକୁ ଚର୍ଚ୍ଚା କରିବା । ■

ଓଡ଼ିଆ ଝିଅଙ୍କ ଉପରେ ଆମିର୍ ଖୁସି

ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ପରିଚିତ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ । ତାଙ୍କ ଅଭିନୟ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥାଏ । ସେ ତାଙ୍କ କାମ ପ୍ରତି ସବୁବେଳେ ଯତ୍ନବାନ ରହି ଆସିଛନ୍ତି । ଆଜି ଅର୍ଥାତ୍ ମାର୍ଚ୍ଚ ୧୪ରେ ସେ ତାଙ୍କର ୫୯ ତମ ଜନ୍ମଦିନ ପାଳନ କରୁଛନ୍ତି । ତେବେ ଏଥର ତାଙ୍କର ଏହି ଜନ୍ମଦିନ ବେଶ୍ ସ୍ୱତନ୍ତ୍ର ହେବ । ସେ ତାଙ୍କର ଜନ୍ମଦିନକୁ ନିଆରା ଷ୍ଟାଇଲରେ ପାଳନ କରିବେ । କାରଣ ଆମିର୍ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ସିନେମା 'ସିତାରେ ଜମିନ୍ ପର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏଣୁ ସେ ତାଙ୍କର ଜନ୍ମଦିନକୁ ସୁଟିଂ ସେଟ୍‌ରେ ଧୁମ୍‌ଧାମରେ ପାଳନ କରିବେ ବୋଲି ଚର୍ଚ୍ଚା ହେଉଛି । ■

ସଲମାନ୍‌ଙ୍କ ନୂଆ ଫିଲ୍ମ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ ଶେଷଥର ପାଇଁ କ୍ୟାଟ୍ରିନା କୈଫ୍ ସହିତ ଫିଲ୍ମ 'ଟାଇଗର- ୩'ରେ ନଜର ଆସିଥିଲେ । ଫିଲ୍ମକୁ ଦର୍ଶକୀୟ ଆଦୃତି ବି ମିଳିଥିଲା । ତେବେ ଏବେ ଏହି ସିନେମା ପରେ ସଲମାନ ଅନ୍ୟ କୌଣସି ସିନେମାରେ ନଜର ଆସି ନାହାନ୍ତି । ଗୋଟିଏ ପଟେ ତାଙ୍କ ପ୍ରଶଂସକମାନେ ଆଗାମୀ ସିନେମା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିବା ବେଳେ ତାଙ୍କ ଆଗାମୀ ନୂଆ ସିନେମା ବାବଦରେ ଘୋଷଣା କରିଛନ୍ତି । ଏହି ନୂଆ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଏଆର୍ ମୁରୁଗାଦସ୍ ଥିବା ବେଳେ ସିନେମାକୁ ନିର୍ମାଣ ସାଜିଦ୍ ନାଦିୟାଦୱାଲା କରିବେ । ଫିଲ୍ମ ସମ୍ପର୍କରେ ସଲମାନ ନିଜ ଖୁସି ବ୍ୟକ୍ତ କରି କହିଛନ୍ତି, "ପ୍ରତିଭାଶାଳୀ ଲୋକଙ୍କ ସହ ଯୋଡ଼ିହୋଇ ମୋତେ ଖୁସି ଲାଗୁଛି । ମୁରୁଗାଦସ ଏବଂ ସାଜିଦ୍ ବହୁତ ରୋମାଞ୍ଚକ ସିନେମା ଆଣି ଆସୁଛନ୍ତି । ଆପଣମାନଙ୍କ ଭଲପାଇବା ଏବଂ ଆଶୀର୍ବାଦରୁ ଯାତ୍ରା ଆରମ୍ଭ କରିବାକୁ ଚାହିଁବି ।" ଅବଶ୍ୟ ଏହି ଫିଲ୍ମର ଶୀର୍ଷକ ଏ ଯାଏଁ ସ୍ଥିର ହୋଇ ନାହିଁ । ତେବେ ଏହା ୨୦୨୫ ଇଦ୍‌ରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି । ■

ପରଦା ପଛର କାହାଣୀ

କୁଆଡ଼େ ଯାଏ ହିରୋ-ହିରୋଇନ୍‌ଙ୍କ ପୋଷାକ

ଫିଲ୍ମର ସୁଟିଂ ସମୟରେ ସେଲିବ୍ରିଟିମାନେ ପିନ୍ଧିଥିବା ପୋଷାକ ପ୍ରାୟତଃ ଚର୍ଚ୍ଚାରେ ରହିଥାଏ । ସେଲିବ୍ରିଟି ପିନ୍ଧିଥିବା ପୋଷାକଗୁଡ଼ିକ ଅନେକ ସମୟରେ ଷ୍ଟାଇଲ୍ ଷ୍ଟେଟମେଣ୍ଟ ପାଲଟିଯାଏ । ଯାହାକୁ ଅନ୍ୟମାନେ ଅନୁକରଣ କରିଥାନ୍ତି । ଆଜିକାଲି ଫିଲ୍ମ ନିର୍ମାଣ ପାଇଁ ଶହ ଶହ କୋଟି ଖର୍ଚ୍ଚ ହେଉଛି । ଏହି ଖର୍ଚ୍ଚର ଏକ ବଡ଼ ଅଂଶ କଳାକାରଙ୍କ ପୋଷାକ ବା କଷ୍ଟ୍ୟୁମ୍ ବାବଦରେ ଯାଇଥାଏ । କାରଣ ଫିଲ୍ମର ହିରୋ ହିରୋଇନ୍‌ମାନେ କୋଟି କୋଟି ଟଙ୍କା ମୂଲ୍ୟର ପୋଷାକ ପିନ୍ଧିଥାନ୍ତି । ତେବେ ଫିଲ୍ମର ସୁଟିଂ ପରେ ଏହି ଦାମୀ ତଥା ଆକର୍ଷଣୀୟ ପୋଷାକଗୁଡ଼ିକ କୁଆଡ଼େ ଯାଏ, ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ । ଏଭଳି କିଛି ସିନେମା ଅଛି, ଯାହା ଐତିହାସିକ ଓ ସ୍ମରଣୀୟ ହୋଇଥାଏ । ଏହି ଫିଲ୍ମର ଚରିତ୍ର ସହିତ ସେମାନଙ୍କର ପୋଷାକ ମଧ୍ୟ ପ୍ରସିଦ୍ଧ ହୋଇଥାଏ । ଏଭଳି କ୍ଷେତ୍ରରେ ଏହି ପୋଷାକଗୁଡ଼ିକୁ ନିଲାମ କରାଯାଇଥାଏ ଓ ଏହାକୁ ପିନ୍ଧିବାକୁ ସଉକ ରଖିଥିବା ଲୋକେ କିଣି ନେଇଥାନ୍ତି । 'ଦେବଦାସ'ରେ ମାଧୁରୀ ଦୀକ୍ଷିତ ପିନ୍ଧିଥିବା ସବୁଜ ରଙ୍ଗର ଲେହେଙ୍ଗାକୁ ୩ କୋଟି ଟଙ୍କାରେ ନିଲାମ କରାଯାଇଥିଲା । ସେହିପରି ଫିଲ୍ମ 'ମୁଜ୍‌ସେ ଶାଦି କରୋଗି'ରେ ସଲମାନ ଖାନ୍ 'ଜିନେ କେ ହେ ଚାର୍‌ଦିନ୍'ଗୀତରେ ଧରିଥିବା ଟାଓ୍ୱେଲକୁ ୧ ଲକ୍ଷ ୪୫ ହଜାର ଟଙ୍କାରେ ବିକ୍ରି କରାଯାଇଥିଲା । ପରେ ସଲମାନ୍ ଏହାକୁ ଏକ ଏନ୍‌ଜିଓକୁ ଦାନ କରିଥିଲେ । ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ସଲମାନ ଖାନ, ରଜନୀକାନ୍ତ ଭଳି ବଡ଼ ବଡ଼ କଳାକାରମାନେ ସେମାନେ ଫିଲ୍ମରେ ପିନ୍ଧିଥିବା ପୋଷାକକୁ ଚ୍ୟାରିଟି ପାଇଁ ନିଲାମ କରିଥାନ୍ତି । କେତେକ କ୍ଷେତ୍ରରେ ଫିଲ୍ମ ସୁଟିଂ ସରିବା ପରେ କଳାକାରଙ୍କ ପୋଷାକକୁ ଗୋଟିଏ ବକ୍ସରେ ରଖାଯାଏ । ଏହି ପୋଷାକକୁ ମଧ୍ୟ ଅନ୍ୟ ଫିଲ୍ମରେ ପୁଣି ଥରେ ବ୍ୟବହାର କରାଯାଏ । ଯଦିଓ ଏହି ପୋଷାକକୁ ଫିଲ୍ମର ହିରୋ ହିରୋଇନ୍‌ମାନଙ୍କୁ ଦିଆଯାଏ ନାହିଁ, କିନ୍ତୁ ଛୋଟମୋଟ ରୋଲ୍ କରୁଥିବା ତଥା ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରମାନେ ଏହାକୁ ପିନ୍ଧିଥାନ୍ତି । କେବଳ ସେତିକି ନୁହେଁ, ଅନେକ କଷ୍ଟ୍ୟୁମ୍ ଡିଜାଇନର୍‌ମାନେ ଏହାକୁ ରିଡିଜାଇନ୍ କରୁଥିବାର ଦେଖାଯାଏ । ଯଦି ଫିଲ୍ମର ପୋଷାକଗୁଡ଼ିକ ଆଗଧାଡ଼ିର ଡିଜାଇନର୍‌ମାନେ ଡିଜାଇନ୍ କରିଥାନ୍ତି, ତେବେ ସେମାନେ ସେମାନଙ୍କ ପୋଷାକକୁ ଫେରାଇ ନିଅନ୍ତି । 'ବମ୍ବେ ଭେଲଭେଟ୍' ଫିଲ୍ମରେ ଅନୁଷ୍କା ଶର୍ମା ପିନ୍ଧିଥିବା ସବୁଜ ରଙ୍ଗର ଗାଉନ୍‌କୁ ମନୀଷ ମଲହୋତ୍ରା ଫେରାଇ ନେଇଥିଲେ । 'ବଣ୍ଟି ଔର୍ ବବଲି'ର ଗୀତ 'କଜରାରେ' ରେ ଐଶ୍ୱର୍ଯ୍ୟା ରାୟ ପିନ୍ଧିଥିବା ଲେହେଙ୍ଗା ଫିଲ୍ମ 'ବ୍ୟାଣ୍ଡ ବାଜା ବାରାତ'ର ଏକ ଗୀତରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସରଙ୍କୁ ଦିଆଯାଇଥିଲା । କିଛି ପ୍ରଡକ୍ସନ ହାଉସ୍ ପୋଷାକକୁ ଅର୍ଡର ଦେଇ ନେଇଥାନ୍ତି ଏବଂ ସୁଟିଂ କାମ ଶେଷ ହେବା ପରେ ଏହାକୁ ଫେରାଇ ଦିଅନ୍ତି । ବିଶେଷକରି ଟେଲି ଧାରାବାହିକ କ୍ଷେତ୍ରରେ ଏହା ଅଧିକ ପ୍ରଚଳିତ । ଆଉ କିଛି ଅଭିନେତା ନିଜର କେତେକ ଲୋକପ୍ରିୟ ଚରିତ୍ରର ପୋଷାକ ନିଜ ପାଖରେ ସାଇତି ରଖିଥାନ୍ତି । ■

ନୂଆ ଧାରାବାହିକ

ଧରାପଡ଼ିଲା ରୁହିର ମିଛ



ତୋ'ପାଇଁ ତୋ'ପାଇଁ

ଲୋକପ୍ରିୟ ଧାରାବାହିକ 'ତୋ ପାଇଁ ତୋରି ପାଇଁ' ଧାରାବାହିକ ଏବେ ଏକ ନୂଆମୋଡ଼ରେ ପହଞ୍ଚିଛି । ରାମ ଓ ଚିକିଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଚେଷ୍ଟା କରିଥାଏ ରୁହି । ତେବେ ସବୁବେଳେ ଚିକିକୁ ମିଛରେ ଦୋଷୀସାବ୍ୟସ୍ତ କରିବାକୁ ଚାହୁଁଥିଲେ ବି ସେଥିରେ ସେ ଆଦୌ ସଫଳ ହୋଇ ନ ଥାଏ । ଏଥର ବି ରୁହିର ଚାଲ୍ ଫେଲ୍ ମାରିଛି । ଚିକିକୁ ସମସ୍ତଙ୍କ ସାମ୍ନାରେ ଖରାପ କରିବା ପାଇଁ ତଥା ଯେଭଳି ସେ ଭଜନ ଗାଇପାରିବ ନାହିଁ, ସେଥିପାଇଁ ସେ ଲଡୁ ଭିତରେ ସିନ୍ଦୂର ପୂରାଇ ଚିକିକୁ ଖାଇବାକୁ ଦେଇଥିଲା । ଯାହାକୁ ଚିକି ଭୋଗ ଭାବି ଅଜାଣତରେ ଖାଇଥିଲା । ଫଳରେ ଚିକି ତଣ୍ଟି ଫିଟି ନ ଥିଲା । ତେବେ ଏବେ ଲଡୁ ଜାଲରେ ନିଜ ଛନ୍ଦି ହୋଇଛି ରୁହି । ରାମ ଓ ଚିକି ଲଡୁର ସତ ଜାଣିବା ପରେ ସେମାନେ ସମସ୍ତଙ୍କ ସାମ୍ନାରେ ରୁହିକୁ ଧରାଇବାକୁ ଚେଷ୍ଟା କରିଛନ୍ତି । ଯେତେବେଳେ ରୁହିକୁ ରାମର ଜେଜେବାପା ଲଡୁ ଖାଇବାକୁ ଦେଇଛନ୍ତି, ସେ ଡାଏଟ୍ କରୁଥିବା କହି ଲଡୁକୁ ଫିଙ୍ଗି ଦେଇଛି । ଯଦ୍ୱାରା ଲଡୁ ତଳେ ପଡ଼ିଯିବାରୁ ସେଥିରୁ ସିନ୍ଦୂର ଥିବା ଜଣାପଡ଼ିଛି । ଯାହାକୁ ଦେଖି ରୁହି ଭୟ କରିଛି । ତେବେ ରୁହି ଏହି କଥାକୁ କିଭଳି ସ୍ୱୀକାର କରୁଛି, ତାହା ଧାରାବାହିକ ଆଗକୁ ବଢ଼ିଲେ ଜଣାପଡ଼ିବ । ■



ଆମ ଝାନ୍ସି ଅପା

ତରଙ୍ଗ ଟିଭିରେ ଏଇ ୧୮ ତାରିଖରୁ ଆରମ୍ଭ ହେବ ନୂଆ ମେଗାଧାରାବାହିକ 'ଆମ ଝାନ୍ସି ଅପା' । ଭିନ୍ନ ଏକ ସୁନ୍ଦର କାହାଣୀକୁ ନେଇ ଏହାର କଥାବସ୍ତୁ ଗତିଶୀଳ । ସୁଶ୍ରୀ ସୁଭାଷିନୀ ପଣ୍ଡା ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ଏଥିରେ ତାଙ୍କୁ ବାନୀ ଚରିତ୍ରରେ ଦେଖିବାକୁ ମିଳିବ । ଧାରାବାହିକର ପ୍ରମୋ ଜାରି ହୋଇଥିବା ବେଳେ ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ପ୍ରମୋରୁ ଜଣାପଡୁଛି ଯେ, ବାନୀ ନିଜ ପାଇଁ ଆଦୌ ଚିନ୍ତିତ ନୁହେଁ । ସେ ସବୁବେଳେ ତା' ପରିବାରର ଖୁସି ଚାହେଁ । ସେଥିପାଇଁ ସେ ନିଜର ଚିକିତ୍ସା ପାଇଁ ଟଙ୍କାକୁ ନ ରଖି, ସାନ ଭଉଣୀ ପଢ଼ା ପାଇଁ ଖର୍ଚ୍ଚ କରିବାକୁ ଆଗେଇ ଆସିଛି । ତା'ର ଏହିସବୁ ନିଃସ୍ୱାର୍ଥ କାମ ହିଁ ସମସ୍ତଙ୍କ ଜୀବନରେ ଖୁସି ଭରିଦିଏ । ତେବେ ତା' ଖୁସିର କାରଣ କିଏ ହେବ, ସେକଥା ଧାରାବାହିକ ଆରମ୍ଭ ହେଲେ ଜଣାପଡ଼ିବ । ସୋମବାରରୁ ଶନିବାର ସନ୍ଧ୍ୟା ୬ଟା ୩୦ରେ ଏହା ପ୍ରସାରିତ ହେବ । ■

ଟାଲିଉଡ୍ ରିଲିଜ୍ (୧୫ ମାର୍ଚ୍ଚ)

ଦ ଡିପ୍ଲୋମାଟ୍ ହିନ୍ଦୀ
ନିର୍ଦ୍ଦେଶନା : ଶିବମ୍ ନାୟର
ପ୍ରଯୋଜନା : ଭୂଷଣ କୁମାର
କଳାକାର : ଜନ ଆବ୍ରାହମ୍, କ୍ରିଷ୍ଣନ କୁମାର, ରାଜେଶ ବହଲ

ବସ୍ତର: ଦ ନକ୍ସଲ ଷ୍ଟୋରି ହିନ୍ଦୀ
ନିର୍ଦ୍ଦେଶନା : ସୁଦୀପ୍ତୋ ସେନ
ପ୍ରଯୋଜନା : ଭିପୁଲ ଅମୃତଲାଲ ଶାହ
କଳାକାର : ଅଦା ଶର୍ମା, ରାଇମା, ସେନ୍, ୟଶପାଲ ଶର୍ମା

ଜଣେ ଜେଲ୍ ଭିତରକୁ ନ ଯିବା ପର୍ଯ୍ୟନ୍ତ ଦେଶ ବିଷୟରେ ସଠିକ୍ ମତ ଦେଇପାରିବ ନାହିଁ; କାରଣ ଜେଲ୍ ଭିତରେ ମିଳୁଥିବା ମୌଳିକ ସୁବିଧାରୁ ହିଁ ପ୍ରଶାସନର ନିମ୍ନତମ ମୂଲ୍ୟାଙ୍କନ କରିହୁଏ।
-ନେଲ୍‌ସନ୍ ମାଣ୍ଡେଲା

ସକାଳ THE SAKALA

ଓଡ଼ିଶାରେ ଆଦର୍ଶ କାରାଗାର ସଂସ୍କାର

କାରାଗାରରେ କଏଦୀଙ୍କ ଭିଡ଼ ହ୍ରାସ କରିବା ସହିତ ଏହାର ଅନ୍ତେବାସୀଙ୍କୁ ମାନୁଷିକ ପରିବେଶ ଯୋଗାଇବା କାରା ସଂସ୍କାରର ଏକ ଅଂଶ। ତାହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଉପକଣ୍ଠ ଜାମୁଝରୀଠାରେ ରାଜ୍ୟର ପ୍ରଥମ ସବୁଠୁ ବଡ଼ ତଥା ଆଦର୍ଶ (ମଡେଲ) କାରାଗାର ନିର୍ମାଣର ଶୁଭ ଦେଇଛନ୍ତି। ଏକଦା ମୁକ୍ତାକାଶ କାରାଗାର ଥିବା ଜାମୁଝରୀ ବନ୍ଦୀମାନଙ୍କୁ ସଂସ୍କାରିତ କରିବା କାମରେ ନିୟୋଜିତ ହେଉଥିଲା। ଏବେ ଏହା ରାଜ୍ୟର ସବୁଠୁ ବଡ଼ ଆଦର୍ଶ କାରାଗାରରେ ପରିଣତ ହେବା ସହିତ ରାଜଧାନୀ ଭିତରେ ସଂକୀର୍ଣ୍ଣ ପରିସରରେ ଥିବା ଝାରପଡ଼ା ଜେଲ୍‌କୁ ସେଠାକୁ ସ୍ଥାନାନ୍ତରିତ କରାଯିବ। କଟକ ସେଣ୍ଟ୍ରାଲ ଜେଲ୍ ଚୌହଦ୍ଦାରକୁ ସ୍ଥାନାନ୍ତର ହେବା ପରେ ଝାରପଡ଼ା ହେବ ରାଜ୍ୟର ଦ୍ୱିତୀୟ ଜନାକୀର୍ଣ୍ଣ କାରାଗାର, ଯାହା ଏକ ପ୍ରଶସ୍ତ କ୍ଷେତ୍ରକୁ ଓ ନୂଆ ଯାଗାକୁ ଯିବ। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର କାରାଗାରଗୁଡ଼ିକୁ ଗହଳି ମୁକ୍ତ କରି କଏଦୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଦର୍ଶ ଜେଲ୍ ନିର୍ମାଣ ଦ୍ୱାରା କାରାଗାର ପ୍ରଶାସନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏହାଫଳରେ କାରା ସଂସ୍କାର ପାଇଁ ଅଧିକ ଭଲ ମୌଳିକ ସୁବିଧା ସୁଯୋଗ ମିଳିବ। ଅପରାଧ ବିରୋଧରେ ସଂଗ୍ରାମକୁ ସଫଳ ଓ ପ୍ରଭାବଶାଳୀ କରିବାକୁ ହେଲେ କାରାଗାର ସଂସ୍କାର ଓ ବନ୍ଦୀଙ୍କ ଉତ୍ତମ ଥଇଥାନକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଆଦର୍ଶ ଜେଲ୍ କଏଦୀଙ୍କୁ ସଂସ୍କାର ପାଇଁ ଉପଯୁକ୍ତ ସୁଯୋଗ ଓ ସୁବିଧା ଯୋଗାଇବ। ମୁଖ୍ୟମନ୍ତ୍ରୀଙ୍କ ଏହି ଉକ୍ତି ଯଥାର୍ଥ ଏବଂ ଏହାର ବ୍ୟାଖ୍ୟା ଅନାବଶ୍ୟକ। ଦୁଇବର୍ଷ ମଧ୍ୟରେ ଜାମୁଝରୀ ଆଦର୍ଶ କାରାଗାର ନିର୍ମାଣ କାର୍ଯ୍ୟ ଶେଷ ହେବ ଏବଂ ଏଥିରେ ପ୍ରଥମ ପର୍ଯ୍ୟାୟରେ ୨୫୦୦ ବନ୍ଦୀ ରହିପାରିବେ। ଆବଶ୍ୟକତା ଅନୁସାରେ ଏହାର ସମ୍ପ୍ରସାରଣ ବ୍ୟବସ୍ଥା ମଧ୍ୟ କରାଯିବ। ଚୌହଦ୍ଦାର ମଣ୍ଡଳ କାରାଗାର ଏବେ ରାଜ୍ୟର ସବୁଠୁ ବଡ଼ ଜେଲ୍ ଏବଂ ଏଥିରେ ୧୧୫୬ ବନ୍ଦୀ ରହିବାର ସୁବିଧା ଅଛି। ଦେଶର ବଡ଼ ବଡ଼ ଆଦର୍ଶ କାରାଗାରର ନିର୍ମାଣ ଶୈଳୀ ଓ ବ୍ୟବସ୍ଥା ଅନୁଧ୍ୟାନ କରି ଜାମୁଝରୀ ଆଦର୍ଶ ଜେଲ୍ ନିର୍ମିତ ହେବ। ଏହି ଢାଞ୍ଚାରେ ଅନ୍ୟାନ୍ୟ ବଡ଼ ବଡ଼ ଜେଲ୍‌ର ସମ୍ପ୍ରସାରଣ ଓ ବିକାଶ କରାଯିବ।

ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶାର କାରାଗାରଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ବନ୍ଦୀ ରହୁଥିବାରୁ ନିକଟରେ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବାସ୍ତବତା ହେଲା ଅପରାଧ ବଢ଼ିଲେ ଏବଂ ମାମଲାର ବିଚାର ବିଳମ୍ବିତ ହେଲେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିବ। ତେଣୁ ସେମାନଙ୍କ ପାଇଁ ଯେତେ ଅଧିକ କାରଗାର ନିର୍ମାଣ କରାଗଲେ ବି ସ୍ଥାନାଭାବ ସମସ୍ୟା ଦୂର ହେବ ନାହିଁ। ତେଣୁ ଅଭିଯୁକ୍ତ ବା ବିଚାରାଧୀନ ବନ୍ଦୀଙ୍କୁ ଜେଲ୍‌ରେ ଅଧିକ ଦିନ ରଖିଲେ ସମସ୍ୟା ବଢ଼ିବା ସ୍ୱାଭାବିକ। ସେ ଦୃଷ୍ଟିରୁ ରାଜ୍ୟର ସବୁ ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ଗୋଟିଏ ଜେଲ୍‌ରେ ତାହାର ଧାର୍ଯ୍ୟ କ୍ଷମତାଠାରୁ ଆଉ ୨୦ ଶତାଂଶ ଅଧିକ କଏଦୀଙ୍କୁ କିଛି କାଳ ରଖିହେବ। ତେବେ ଏହା ଯେତେବେଳେ ୫୦ ଶତାଂଶରେ ପହଞ୍ଚିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହେବା ନିଶ୍ଚିତ। ଆମ ରାଜ୍ୟର ଅଧିକାଂଶ ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ବହୁ ଅଧିକ କଏଦୀ ରହୁଛନ୍ତି। ଓଡ଼ିଶା ସରକାର ହାଇକୋର୍ଟଙ୍କୁ ଜଣାଇଥିଲେ ଯେ ୨୦୨୦-୨୧ ଓ ୨୦୨୧-୨୨ କ୍ରିୟାନୁଷ୍ଠାନ ଯୋଜନା ଅନୁସାରେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅତିରିକ୍ତ ୱାର୍ଡ ନିର୍ମାଣ କରାଯାଇ ୨୯୯୪ କଏଦୀଙ୍କ ପାଇଁ ବ୍ୟବସ୍ଥା କରାଯିବ ଏବଂ ସେ କାମ ଆରମ୍ଭ ହୋଇଛି। କେବଳ ସେତିକି ନୁହେଁ, ଏହାସହିତ ଜେଲ୍‌ଗୁଡ଼ିକୁ ଆଦର୍ଶ କାରାଗାରରେ ପରିଣତ କରିବାକୁ ମଧ୍ୟ କାରା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଏହି ପ୍ରସଙ୍ଗଟି ସହିତ ବିଭିନ୍ନ କଥା ଜଡ଼ିତ। ଅପରାଧ ବୃଦ୍ଧି, ବିଚାରାଧୀନ ବନ୍ଦୀଙ୍କୁ କାରାଗାରରେ ରଖିବା, ସେମାନଙ୍କ ବିଚାର ବିଳମ୍ବ ଆଦି ଅନେକ କଥା ଏହାସହିତ ସମ୍ପୃକ୍ତ। ସେଥିପ୍ରତି ଗୁରୁତ୍ୱ ନ ଦେଲେ କାରାଗାରରେ ସ୍ଥାନ ଯେତେ ବଢ଼ାଇଲେ ମଧ୍ୟ ତାହା ନିଅଣ୍ଟ ପଡ଼ିବ ଓ ସଂସ୍କାର ବ୍ୟବସ୍ଥା ପ୍ରଭାବିତ ହେବ।

ତେବେ ସେ ଯା'ହେଉ କାରାଗାର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା କେବଳ ଅପରାଧୀଙ୍କ ଦଣ୍ଡଭୋଗ ସ୍ଥଳ ନୁହେଁ, ସେମାନଙ୍କ ଚରିତ୍ରକୁ ବଦଳାଇ ସଂସ୍କାରିତ କରିବାର ଏକ ପ୍ରକୃଷ୍ଟ ସ୍ଥାନ। ଜଣେ ଅପରାଧୀ କାରାଗାରରେ ରହି ଶିଖିବା, ଅନୁତାପ କରିବା, ନିଜକୁ ବଦଳାଇ ମୁଖ୍ୟସ୍ରୋତକୁ ପୁନର୍ବାର ଫେରି ସ୍ୱାଭାବିକ ଜୀବନଯାପନ କରିବା ସଂସ୍କାରର ସବୁଠୁ ବଡ଼ ଲକ୍ଷ୍ୟ। ତେବେ କାରାଗାରରେ ସ୍ଥାନାଭାବ ଓ ଗହଳି ଯୋଗୁଁ ଏହି କାମଟି ଠିକ୍ ଭାବେ ହୋଇପାରୁ ନଥିଲା। ଏବେ ନୂଆ ପ୍ରୟାସ ଦ୍ୱରା କାରା ସଂସ୍କାର ପ୍ରକ୍ରିୟା ଯେ ତ୍ୱରାନ୍ୱିତ ହେବ, ସେ ସମ୍ଭାବନା ଅଧିକ। ଏ କାମ ଯେତେ ଶୀଘ୍ର ଆରମ୍ଭ ହେବ, ସେତେ ଭଲ।

ଜୈବ ବର୍ଜ୍ୟବସ୍ତୁର ସୁପରିଚାଳନା

ନବନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

ସମ୍ପ୍ରତି ରାସାୟନିକ ସାର ପ୍ରୟୋଗ ଦ୍ୱାରା ଦିନକୁ ଦିନ ମାଟିର ଉର୍ବରତା ହ୍ରାସ ପାଇ ମାଟିରେ ଥିବା ଅଣୁ ଜୀବଗୁରିକ ନଷ୍ଟ ହେବା ଯୋଗୁଁ ଖାଦ୍ୟଶସ୍ୟରେ ପୋଷକତତ୍ତ୍ୱର ଅଭାବ ପରିଲକ୍ଷିତ ହେଉଛି। ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି କମିବାରେ ଲାଗିଛି। ରାସାୟନିକ ସାରର ବିକଳ୍ପ ହେଉଛି ଜୈବିକ ଖତ। ଏହା ସାଧାରଣତଃ ଜୈବ ପଦାର୍ଥ ଯଥା ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ, ପନିପରିବା, ପାଳ ଇତ୍ୟାଦିରୁ ପ୍ରସ୍ତୁତ ହୋଇଥାଏ। ଜୈବ ବର୍ଜ୍ୟବସ୍ତୁର ଉତ୍ସଗୁଡ଼ିକ ହେଉଛି - ବିଭିନ୍ନ ଘର, ଆପାର୍ଟମେଣ୍ଟ, ହୋଟେଲ୍, ମଲ୍, ଶିକ୍ଷାନୁଷ୍ଠାନ, କର୍ପୋରେଟ୍, ପନିପରିବା ବଜାର, ଚାଷ ଜମି ଇତ୍ୟାଦି। ଏହି ପରିପ୍ରେକ୍ଷୀରେ, ଜୈବ ବର୍ଜ୍ୟବସ୍ତୁଗୁଡ଼ିକର ସଠିକ ପରିଚାଳନା ନିମନ୍ତେ ବିଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ କର୍ମଶାଳା ଆୟୋଜନ କରାଯାଇ ସଚେତନତା ବୃଦ୍ଧି ତଥା ତାଲିମ୍ ବ୍ୟବସ୍ଥା କରି ଦୀର୍ଘକାଳୀନ ସ୍ଥାୟୀ ସମାଧାନ ଉପରେ ବିଚାର କରିବାର ଆବଶ୍ୟକତା ଅଛି।

ପ୍ରଥମତଃ, କର୍ମଶାଳା ମାଧ୍ୟମରେ ଘର ଛାତ ଉପରେ ବଗିଚା କରିବା ସମ୍ପର୍କରେ ଘରମାଲିକମାନଙ୍କୁ ସଚେତନ କରାଯିବା ସହ ଘରର ଓଦା ଅଳିଆରୁ ଯଥା ପରିବା ଚୋପା, ବଳକା ଖାଦ୍ୟ, ପଚା ପନିପରିବା, ଫଳ ଚୋପା, ଚା' ଖଦା ଆଦିରୁ ଖତ ପ୍ରସ୍ତୁତ ପ୍ରଣାଳୀ ଉପରେ ତାଲିମ୍ ବ୍ୟବସ୍ଥା କରିବା। ଆଜିକାଲି ଦୁର୍ଗନ୍ଧମୁକ୍ତ ହୋମ କମ୍ପୋଷ୍ଟର୍ ମାଧ୍ୟମରେ ଅଳ୍ପଦିନ ମଧ୍ୟରେ ପରିବା ଚୋପା, ବଳକା ଖାଦ୍ୟ ଭଳି ଜୈବିକ ବର୍ଜ୍ୟରୁ ପ୍ରସ୍ତୁତ ଖତ ବଜାରରେ ଉପଲବ୍ଧ। ଡଷ୍ଟବିନ ଭଳି ଏହାକୁ ଘରର ଯେକୌଣସି ସ୍ଥାନରେ ରଖାଯାଇପାରିବ। ଓଦାବର୍ଜ୍ୟରୁ ଘରୋଇ ଉପାୟରେ ଜୈବିକ ଖତ ପ୍ରସ୍ତୁତ କରିବା କିମ୍ବା ସର୍ବନିମ୍ନ କ୍ଷମତା ବିଶିଷ୍ଟ ଘରୋଇ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ରନ୍ଧନ ଜାଳେଣି ଏବଂ ଜୈବିକ ଖତ ଉତ୍ପାଦନ କରିବା ବିଷୟରେ ତାଲିମ୍ ଦିଆଯାଇପାରିବ।

ଦ୍ୱିତୀୟତଃ, ଆପାର୍ଟମେଣ୍ଟ, ହୋଟେଲ୍, ମଲ୍ ଆଦି ସ୍ଥାନରେ ଏ ସମ୍ପର୍କିତ ସଚେତନତା ଓ ତାଲିମ୍ ଭର୍ମିକମ୍ପୋଷ୍ଟିଂ ଦ୍ୱାରା ଜୈବିକ ଖତ ପ୍ରସ୍ତୁତ ପ୍ରଣାଳୀ ଶିଖିବାର ଆବଶ୍ୟକତା ଅଛି। କେନ୍ଦୁଝର ଜିଲ୍ଲା ଆହାରପଶି ଗ୍ରାମର ୮୨ଟି ପରିବାରର ମହିଳାମାନେ ଜିଆ ଖତ ପ୍ରସ୍ତୁତ ପାଇଁ ତାଲିମ୍ ନେଇ ତାହାକୁ ବ୍ୟବସାୟ ଓ ରୋଜଗାରର ମାଧ୍ୟମ ଭାବେ ଗ୍ରହଣ କରି ପୂର୍ବ ତୁଳନାରେ ଉତ୍ତମ ଜୀବନ ଯାପନ କରିପାରୁଛନ୍ତି। ହାଇଦ୍ରାବାଦର ବୋଡେନପାଲି ସବଜୀ ମଣ୍ଡିରେ ପନିପରିବା ବର୍ଜ୍ୟବସ୍ତୁକୁ କ୍ଷୟ ହେବାକୁ ନ ଦେଇ ବଜାର କର୍ତ୍ତୃପକ୍ଷ ଏକ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ୧୦ ଟନ୍ ବର୍ଜ୍ୟବସ୍ତୁରୁ ୪୦୦-୫୦୦ ୟୁନିଟ୍ ବିଦ୍ୟୁତ୍ ଓ ଜୈବିକ ଖତ ଉତ୍ପାଦନ କରୁଛନ୍ତି।

ଚତୁର୍ଥରେ, ଚାଷ ଜମିରେ ଜମା ହେଉଥିବା ପାଳର ସଦୁପଯୋଗ ନିମନ୍ତେ ଚାଷୀଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରି ତାଲିମ୍ ଦିଆଯିବା ସହ ଆଧୁନିକ ପ୍ରଣାଳୀରେ କିପରି ଜୈବିକ ଖତ ପ୍ରସ୍ତୁତ ହୋଇପାରିବ ସେ ବିଷୟରେ ସଚେତନ କରାଇବା ଉଚିତ। ତାଲିମ୍ ପରେ ସେମାନଙ୍କୁ ଜୈବିକ ଖତ ପ୍ରସ୍ତୁତ ହେଉଥିବା କ୍ଷେତ୍ର ପରିଦର୍ଶନ କରାଇ ସେଠାକାର ଲୋକଙ୍କ ସହ ଆଲୋଚନା କରି ଅଧିକ ଜ୍ଞାନକୌଶଳ ଆହରଣ କରି ପାରିବେ। ଏତଦ୍‌ବ୍ୟତୀତ ପ୍ରାକୃତିକ ଏବଂ ଜୈବ ଆଧାରିତ ଉପାଦାନରୁ ଶ୍ୱେତସାର ଯୁକ୍ତ ଖାଦ୍ୟ ପଦାର୍ଥ, ଚାଉଳ ଓ ଗହମ ଚୋକଡ, କଦଳୀପତ୍ର, କନ୍ଦା, ବାଜରା, ବାଦାମ ଚୋପା, ନଡ଼ା ଇତ୍ୟାଦିରୁ ନିର୍ମିତ ଜୈବ ସାମଗ୍ରୀ ଯଥା ଖାଦ୍ୟ ପାତ୍ର, ଚାମଚ୍, କପ୍, ଗ୍ଲାସ୍ ଇତ୍ୟାଦି ଉତ୍ପାଦନ ପ୍ରଣାଳୀ ଉପରେ ତାଲିମ୍‌ର ଆବଶ୍ୟକତା ଅଛି। ନିକଟରେ ଡିଆରଡିଓ ବାୟୋ-ଡିଗ୍ରେଡେବଲ୍ ପ୍ୟାକେଜିଂ ଉତ୍ପାଦ ବଜାରକୁ ଆସିଛି। ଦେଶରେ ଅନେକ ଛୋଟବଡ଼ ଷ୍ଟାର୍ଟଅପ୍ ଏସବୁକୁ ଭିତ୍ତି କରି ଗଢ଼ି ଉଠିଲାଣି। ଛତୁ ଚାଷରେ ନଡ଼ାର ବ୍ୟବହାର ଉପରେ ଚାଷୀଙ୍କୁ ଅବଗତ କରାଯିବା ଉଚିତ୍।

ଆମ ରାଜ୍ୟରେ ପରିବେଶଭିତ୍ତିକ ଚାଷକୁ ଗୁରୁତ୍ୱ ଦେଇ ଜୈବିକ ସାର ପ୍ରସ୍ତୁତି ଉପରେ ଚାଷୀଙ୍କୁ ତାଲିମ୍ ଦେବା ଆରମ୍ଭ ହୋଇଗଲାଣି। ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ଚାରିଟି ସ୍ଥାନରେ ଓଦା ବର୍ଜ୍ୟକୁ ବ୍ୟବହାର କରି ବାୟୋ ସିଏନଜି ପ୍ଲାଣ୍ଟ୍ କାର୍ଯ୍ୟକାରୀ ହେବାର ଯୋଜନା ଅଛି। ଭୁବନେଶ୍ୱରରେ ପ୍ରାୟ ୩୬ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (ସମ୍ପଦ କେନ୍ଦ୍ର) କାର୍ଯ୍ୟ କରୁଛି। ସଂଗୃହୀତ ବର୍ଜ୍ୟ ଅଳିଆକୁ ଖତରେ ପରିଣତ କରାଯାଇ ପ୍ୟାକିଂ କରି 'ମୋ ଖତ' ହିସାବରେ ରାଜମହଲରେ ଥିବା ଆଉଟଲେଟ୍ ଓ ସମସ୍ତ ଏମସିସି ସେଣ୍ଟର୍‌ରେ ବିକ୍ରି କରାଯାଉଛି। ଆଗାମୀ ଦିନରେ ଏହାର ଦକ୍ଷତା ବୃଦ୍ଧି ପାଇଁ ଯୋଜନା ରହିଛି। ଓଦା ବର୍ଜ୍ୟର ସୁପରିଚାଳନା ଦିଗରେ 'ପାକଶାଳ ବଗିଚା' ନାମକ ଏକ ଷ୍ଟାର୍ଟଅପ୍ କାର୍ଯ୍ୟକାରୀ କରୁଛି। ଏଥିସହ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ସେଣ୍ଟ୍ରାଲ୍ ହର୍ଟିକଲଚର୍ ଏକ୍ସପେରିମେଣ୍ଟ୍ ସେଣ୍ଟର୍ ମାଧ୍ୟମରେ 'ରାଜ୍ୟ ଯୋଜନା, ଛାତ ଉପରେ ବଗିଚା' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି।

ଛାତ ଉପରେ ବଗିଚା କରିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ଘରର ଓଦା ଅଳିଆରୁ କିଭଳି ବିନା ଦୁର୍ଗନ୍ଧରେ ଖତ ପ୍ରସ୍ତୁତ କରିହେବ, ଗଛ ଲଗାଇ ପରିବେଶ ସବୁଜକରଣ କରିହେବ ସେନେଇ ଜନସାଧାରଣ ସଚେତନ ହେବା ନିହାତି ଆବଶ୍ୟକ। ଏହା ଫଳରେ ଘରର ସିଂହଭାଗ ଅଳିଆ ଘର ଭିତରେ ହିଁ ଜୈବିକ ଖତରେ ପରିଣତ ହେବ ଏବଂ କେବଳ ଶୁଖିଲା ବର୍ଜ୍ୟ ଏକାଠି ହେଲେ ଏହାର ପରିଚାଳନା କର୍ତ୍ତୃପକ୍ଷଙ୍କ ପାଇଁ ସହଜ ହୋଇଯିବ। ଜୈବିକ ପଦ୍ଧତିରେ ଉତ୍ପାଦିତ ଖତ ବ୍ୟବହାର ଉଭୟ ମଣିଷ ଓ ପରିବେଶ ପାଇଁ ବେଶ ଉପାଦେୟ ହୋଇ ଅଧିକ ରୋଜଗାର ସୃଷ୍ଟି କରିପାରିବ।

ଅନ୍ନ ବ୍ରହ୍ମ

ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର
ମୋ: ୭୯୭୮୧୯୨୩୫୧

ପଞ୍ଚଭୂତ ବିଶିଷ୍ଟ ଏ ମରଣଶୀଳ କାୟାଟି ଖାଦ୍ୟ-ପାନୀୟ ରୂପୀ ଇନ୍ଧନ ସାହାଯ୍ୟରେ ଯତ୍ନବତ୍ ଚାଲେ। ପ୍ରକୃତିଦତ୍ତ ଶାକ-ତଣ୍ଡୁଳ-ଫଳମୂଳ-ଜଳ ଗ୍ରହଣ କରି ମାତୃଗର୍ଭରୁ ଜାତ କ୍ଷୁଦ୍ର ମଣିଷଟି କ୍ରମବିଶାଳ ଶରୀର ପ୍ରାପ୍ତ କରେ ଏବଂ ମାନବ ଜନ୍ମର ଯଥାବିଧି କର୍ତ୍ତବ୍ୟ ସମ୍ପାଦନରେ ସକ୍ଷମ ହୋଇଥାଏ। ବହୁ ପୁରାତନକାଳରୁ ଅଦ୍ୟାବଧି ଅନେକ ମୁନିଋଷି, ସାଧକ, ଯୋଗୀ, ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଖାଦ୍ୟର ପ୍ରକାରଭେଦ, ଗୁରୁତ୍ୱ ଗ୍ରହଣ କରିବାର ନିୟମାବଳୀ ଆଦି ବିଷୟରେ ଆମକୁ ସଚେତନ କରିବା ପାଇଁ ନିରବଚ୍ଛିନ୍ନ ପ୍ରୟାସ କରି ଆସିଛନ୍ତି। ଆଜିର ଅନ୍ଧ ପ୍ରତିଯୋଗିତାରେ ସାମିଲ ହୋଇ ଯନ୍ତ୍ରବତ୍ ଚାଲୁଥିବା ମଣିଷ ଖାଦ୍ୟ ସମ୍ବନ୍ଧୀୟ ଜ୍ଞାନ-ବିଜ୍ଞାନକୁ ହେୟଜ୍ଞାନ କରି ଅସୁରକ୍ଷିତ, ଅହିତକର ଖାଦ୍ୟାଭ୍ୟାସ ଆପଣେଇ ନେଇ ଅନେକ ରୋଗ ଓ ଦୁଃଖ ବରଣ କରୁଛି।

ଶ୍ରୀମଦ୍‌ଭଗବଦ୍‌ଗୀତାର ସପ୍ତଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତିନିପ୍ରକାର ଖାଦ୍ୟ ଓ ତା'ର ପ୍ରଭାବ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି। ତଦନୁସାରେ- ଆୟୁ, ବଳ, ପ୍ରସନ୍ନତା ତଥା ସତ୍ତ୍ୱଗୁଣ ବଢ଼ାଉଥିବା ଖାଦ୍ୟମାନ 'ସାତ୍ତ୍ୱିକ' ଶ୍ରେଣୀର ଅନ୍ତର୍ଭୁକ୍ତ। ଦୁଃଖ ଓ ରୋଗ ପ୍ରଦାୟକ ଅତି ପିତା, ଅତି ଖଟା, ଅତି ଗରମ, ଅତି ରାଗ, ଅତି ଶୁଷ୍କ ଖାଦ୍ୟ ସବୁ 'ରାଜସିକ'। ଗଳିତ, ରସବିହୀନ, ଦୁର୍ଗନ୍ଧମୟ, ବାସି, ଉଚ୍ଛିଷ୍ଟ ଏବଂ ମାଂସାଦି ଭୋଜନ 'ତାମସିକ' ଶ୍ରେଣୀୟ। ଉପରୋକ୍ତ ଶ୍ରେଣୀର ଖାଦ୍ୟମାନେ ମାନବ ଶରୀରରେ ଯଥାକ୍ରମେ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ପ୍ରବୃତ୍ତିଗୁଡ଼ିକ ବୃଦ୍ଧି କରେ। ଛାନ୍ଦୋଗ୍ୟ ଉପନିଷେଦରେ ମଧ୍ୟ ଉଲ୍ଲେଖ ଅଛି ଯେ- 'ଅନ୍ନମୟଂ ହି ସୋମ୍ୟ ମନଃ', ଅର୍ଥାତ୍ ଯେମିତି ଅନ୍ନ ଗ୍ରହଣ କରିବ, ମନ ମଧ୍ୟ ସେମିତି ହେବ।

ଆମ ଓଡ଼ିଆ ଘରେ ଘରେ ପାଠ କରାଯାଉଥିବା ମାଣବସା ଗୁରୁବାର 'ଲକ୍ଷ୍ମୀ ପୁରାଣ'ରେ ଖାଦ୍ୟ ସମ୍ବନ୍ଧୀୟ ସାଧାରଣ ନିୟମମାନ ଅତି ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି ଏବଂ ଅନ୍ନ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଦିଗକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ସମସ୍ତ ଓଷାବ୍ରତ ଓ ଶୁଭଦିନମାନଙ୍କରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ, ନିୟନ୍ତ୍ରିତ ମାତ୍ରାରେ ଖାଦ୍ୟ ସେବନ ଆଦିକୁ ଯତ୍ନର ସହିତ ବୁଝାଯାଇଛି। ହଜାର ହଜାର ବର୍ଷ ପରେ ଗବେଷକମାନେ ସ୍ପଷ୍ଟରୂପେ ଦର୍ଶାଇଛନ୍ତି ଯେ ଏହି ସବୁ ଖାଦ୍ୟବିଧି ବୈଜ୍ଞାନିକ ସମ୍ମତ ଏବଂ ଶରୀରକୁ ଦୀର୍ଘଜୀବୀ କରିବାରେ ନିତାନ୍ତ ଉପଯୋଗୀ। ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପୃଥିବୀ ସହ ଆପେକ୍ଷିକ ଅବସ୍ଥିତି ଓ ଗତି ଯୋଗୁଁ ଭୂମଣ୍ଡଳରେ ଅନେକ ପ୍ରକ୍ରିୟା ନିୟନ୍ତ୍ରିତ ହୁଏ ଏବଂ ମନୁଷ୍ୟ ଶରୀର ଅନ୍ତର୍ଗତ ପାଚନକ୍ରିୟା ମଧ୍ୟ ଏଥିସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସୂର୍ଯ୍ୟଙ୍କର ନିକଟତା, ସୂର୍ଯ୍ୟ କିରଣର ପ୍ରଖରତା ବେଶୀ ହେଲେ ଆମର ପାଚନ ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହୁଏ। ସେଥିପାଇଁ ସୂର୍ଯ୍ୟାସ୍ତ ପରେ ଜଟିଳ ଖାଦ୍ୟମାନ (ଯାହା ହଜମ ହେବାକୁ ଦୀର୍ଘ ସମୟ ଲାଗିବ) ଗ୍ରହଣ ନ କରିବା ବିଧେୟ। ହାଲୁକା ଖାଦ୍ୟ ଖାଇଲେ ଅବା ଆଦୌ ନ ଖାଇଲେ ଭଲ।

ଆମ ଜାତିର ଜନକ ମହାତ୍ମା ଗାନ୍ଧୀ ଭୋଜନ ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ଭାବେ ନିଜେ ପାଳନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ସମ୍ପର୍କରେ ପରାମର୍ଶ ଦେଉଥିଲେ। ଆମ ଶରୀରର ପାଚନ ଶକ୍ତିକୁ ବୃଦ୍ଧି କରିବାକୁ ମଝିରେ ମଝିରେ ଉପବାସ, ଅରନ୍ଧା ଖାଦ୍ୟ ସେବନ ଅତ୍ୟନ୍ତ ଜରୁରୀ ବୋଲି କହିବା ସହ ଚିନି ବଦ

AFFIDAVIT

I Mamata Das W/o-Krushna Chandra Das, Haragouri Vihar, Ainthapali, Dist-Sambalpur. By Affidavit No-859 Date 08.01.2024 Notary Sambalpur. That now onwards I shall be known as Mamata Das for all future purposes.

AFFIDAVIT

I, Manorama Nayak, W/o-Akshaya Chandra Nayak, resident of At: L-1/354, Dumuduma Housing Board Colony, Phase-III, PO: Dumuduma HB Colony, PS: Khandagiri, Bhubaneswar, Dist- Khordha, Pin-751019, Odisha declare by this affidavit No. 26, date-11/03/2024, that now onwards I shall be known as **MANORAMA MOHAPATRA** for all future purposes.

AFFIDAVIT

I, Rita Kumari Agarwal, W/o-Girraj Sharan Agrawal, Resident of At-N 1/180,CRP, IRC Village, PS-Nayapalli, Bhubaneswar, Dist-Khordha, Pin-751015, Odisha, declare by this Affidavit No 65AA 094129 dated 13.03.2024 that now onwards I shall be known as **Rita Agrawal** for all future purposes.

AFFIDAVIT

I, Akshaya Chandra Nayak, S/o- Late Aparti Charan Nayak, resident of At: L-1/354, Dumuduma Housing Board Colony, Phase-III, PO: Dumuduma HB Colony, PS: Khandagiri, Bhubaneswar, Dist- Khordha, Pin-751019, Odisha declare by this affidavit No. 25, date-11/03/2024, that now onwards I shall be known as **AKSHAYA KUMAR MOHAPATRA** for all future purposes.

OFFICE OF THE PANCHAYAT SAMITI, LAXMIPUR i-668
DIST- KORAPUT

Notice No.1946/2024 dtd.11.03.2024

QUOTATION CALL NOTICE

Sealed Limited Quotations are invited from reputed **Indian Manufacturers/ Suppliers / Agencies, their authorized dealers / DGS&D approved registered Firms** for **"Supply of various Sports Equipment to Panchayat Samiti, Laxmipur" for development of Sports facilities for the Youth and sports promotion & Construction of Micro Activity Centre under "Amo Odisha Nabin Odisha"**. The detail information of which are made available in Koraput Dist. Website i.e. **http//www.koraput.nic.in** & in DRDA Website **http//www.drdakoraput.org.**

The date and time of receipt of Seal quotations are from **11.09.2023 to 04.10.2023 up to 5.30 PM** on working days only.

Sd/- Block Development Officer, Laxmipur

OIPR-19158/11/0012/2324

TPWODL

TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

T.N No. TPWODL/MK/O/SITC/ 056 Date. 13.03.2024

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

RC for SITC of 11KV & 33KV Capacitor Bank in TPWODL.

Interested bidders to submit Tender Participation Fee and Authorization Letter through email on or before **20th March 2024, 15:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Chief-Contracts and Stores

---

n-323 **ODISHA ADARSHA VIDYALAYA, KOLNARA**
At/Po/Block- Kolnara, District- Rayagada (Odisha) PIN-765017
(An English Medium senior secondary school affiliated by CBSE, New Delhi under school & Mass Education, Govt. of Odisha)
Office Contact No- **9861679060**, Mail ID-✉**kolnara@oav.edu.in**
CBSE Affiliation No. - **1520164**, School Code- **17250**, U-DISE **-21270714307**

ADVT. FOR APPOINTMENT OF GUEST FACULTY/CONTRACTUAL TEACHER

Applications are invited from the interested and eligible candidates between the age group of 21 to 65 years as on the date of advertisement with a requisite qualifications for appointment of part-time teachers on purely contractual basis against the existing required vacancies or vacancies arising here after (for all the subjects) in all the Eleven Odisha Adarsha Vidyalayas of RAYAGADA District for the Academic Session 2024-2025.The prescribed filled in application from (available in www.rayagada.nic.in) containing two passport size photographs and self-attested photocopies of all certificates of educational qualifications and experiences, if any, should reach **to the office of the Nodal Principal, Odisha Adarsha Vidyalaya, Kolnara, Rayagada, PIN-765017** by registered/speed post on or before 20th March 2024. Joining will be on 1st week of April 2024. For more details visit District website www.rayagada.nic.in or contact 986167906 e-mail ID:**oavnodalrayagada@gmail.com**

EXISTING VACANCY FOR SESSION 2024-2025 IN DISTRICT RAYAGADA

SL NO	NAME OF THE POST	VACANCY	REQUIRED QUALIFICATION	REMUNERATION PER MONTH
1	**PGTs**- English Physics, Chemistry, Mathematics, Biology, Commerce	ENG-1 Phy-7 CHEM-6 MATHS-3 COMMERCE-1	POST-GRADUATE IN CONCERNED SUBJECT WITH 50% MARKS IN AGGREGATE WITH B.ED(NCTE APPROVED)	25,000/-
2	**TGTs**-English, Hindi, Odia , Sanskrit, Mathematics, Science, Social Science	ENG-2 ODIA-2 HINDI-8 SANSKRIT-8	GRADUATE IN CONCERNED SUBJECT WITH 50% MARKS IN AGGREGATE WITH B.ED ,(NCTE APPROVED) WITH CTET/OSSTET	20,000/-

NOTE
1. No TA/DA will be admissible for the attending for the document verification.

Sd/- Nodal Principal, OAVs, Rayagada Dist.

OIPR-27149/11/0001/2324

C-33311 Housing & Urban Development Department, Govt. of Odisha
OFFICE OF THE PARADEEP MUNICIPALITY, PARADEEP
At/po- Paradeep, Dist.- Jagatsinghpur (odisha), pin-754142

Tender Call Notice

Tender Call Notice No.	: 1191/ dt.12.03.2024
Nature of Works	: Civil Works/ Repairing & Renovation Works
Number of Works	: 09 Nos.
Tender Value	: ₹11.70 Lakh
Available Period	: dt. 14.03.2024 from 10:00 AM to dt.20.03.2024 1:00 PM
Tender Opening Date	: dt. 20.03.2024 at 04:30 PM

Bidders are requested to read the DTCN at www.jagatsinghpur.nic.in portal carefully and participate with valid documents before the closing date.

Executive Officer
Paradeep Municipality

OIPR-13120/11/0056/2324

GOVERNMENT OF ODISHA L-262
OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE), AT/PO- FARM ROAD, SAMBALPUR-768002 (email: eehortnz@gmail.com)
Notice No.: 566/EE/Hort/ NZ **Dated: 06- 03-2024**
Bid Identification No. 10 /Hort. / NZ / 2023-24 **Dt. 06. 03.2024**

01	**Total Nos. of works:** Keonjhar, Balangir & Sambalpur district	:	Six
02	Estimated cost	:	Rs 4,17,969 /- to Rs. 17,21,894 /-
03	Period of completion	:	30 to 60 days
04	Time of availability of bid document in the portal	:	From 10.00 Hrs. of 12– 03- 2024 to 17.00 Hrs. of 22 –03- 2024
05	Last date & time of dropping of copies of uploaded documents, draft, affidavits, Schedules etc. in the tender box at the office of the undersigned at Farm Road, Sambalpur - 768002.	:	From 11:00 AM of 20- 03-2024 to Before 17.00 Hrs. of 27 - 03- 2024
06	Time of Opening of bids	:	10.30 AM. of 28- 03- 2024 onwards
07	Name and Address of the officer inviting bid	:	Executive Engineer (Agril.), Northern Zone, Horticulture, At/PO-Farm Road, Sambalpur, Pin-768002.

Further details can be seen from the web site **www.tendersodisha.gov.in**

Executive Engineer, (Agril.)
Northern Zone, Horticulture, Sambalpur

OIPR-01465/11/0015/2324

0-2783 **OFFICE OF THE CHIEF CONSTRUCTION ENGINEER**
RURAL WORKS CIRCLE, BERHAMPUR
(Email- serwbpr2004@yahoo.com, Tel/Fax: 0680-2404287)
At- Ambapua, Po- Engineering School Near Income Tax Office, Berhampur-760011
NOTICE
NOTICE INVITING TENDERS FOR REPAIR AND MAINTENACE OF RURAL ROADS UNDER PMGSY & OTHER SCHEME
NATIONAL COMPETITIVE BIDDING THROUGH "E' PROCUREMENT
Bid identification No. online Tender / 104-2023-24/PMGSY/BPR

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for Repair / Maintenance of Rural Roads Constructed under Pradhan Mantri Gram Sadak Yojana in the districts of GANJAM & KANDHAMAL for 12 (Twelve) number of packages with estimated cost totalling to ***Rs 12.65 Cr*** (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement, Dtd. ***14.03.2024***

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: ***28.03.2024*** **upto** ***5.30*** P.M

For further details and corrigendum (if any) please log on to www.pmgsytenders.gov.in.

Chief Construction Engineer
R.W.Circle, Berhampur

OIPR-25071/11/0123/2324

SHORT QUOTATION / TENDER CALL NOTICE A-1703
GMID-II / 936 / Date: 29.02.2024

1	Name of the Work	:	Completion of Work /Supply of materials for office use in Pani Panchayats office of MIPs under MI Division Ganjam No II, Berhampur
2	Date, Time and Place of Receipt of Bid	:	From 11.00 AM of **07.03.2024 to 14.03.2024** up to 2.00 PM at M.I Division, Ganjam No-II, Berhampur
3	Date, Time and Place of opening of Quotation / Tender	:	At 3.00 PM on Dtd. **14.03.2024** in the office of the Superintending Engineer, Minor irrigation Division Ganjam No II, Berhampur
4	Name and Address of the Inviting Officer	:	Superintending Engineer, Minor irrigation Division Ganjam No II, Berhampur E mail: mi2_exe.engr@yahoo.co.in

The complementary copies for the same may please be sent to this office for reference and record.

Superintending Engineer
M.I. Divn. Ganjam-II, Berhampur

OIPR-32043/11/0022/2324

GOVERNMENT OF ODISHA A-1688
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, ADDITIONAL SPILLWAY DIVISION, BURLA
PHONE NO.: 0663-2430080
Email: eeasdhirakud@gmail.com or seadditionalspillwayy@gmail.com
Lt. No. 288 / Dt. 07.03.2024

1.	Name of Work	:	Construction Of site office building at project site of Additional Spillway Project, Hirakud Dam.
2.	Nos. of work	:	01(One)no.
3.	Amount Put to Tender	:	Rs. 16.92Lakhs approximately.
4.	Period of Completion	:	60 Days
5	EMD	:	Rs.17,000/- to be transferred online.
6.	Date and Time of availability of Bid Document in the Portal	:	Dt: 13.03.2024 at 11.00 AM to Dt: 27.03.2024 up to 5.00 PM.
7.	Last Date / Time for receipt of Bids in the Portal	:	Dt: 27.03.2024 up to 5.00 PM.
8.	Date of opening of Bid	:	Dt: 28.03.2024 at 11.00 AM.
9.	Last date & time of seeking tender clarification	:	Dt: 22.03.2024 up to 04.00 PM.
10.	Name and Address of the Officer Inviting Bid	:	Superintending Engineer, Additional Spillway Division, Burla At/Po- Burla - 768017 Dist-Sambalpur Emaileeasdhirakud@gmail.com/ seadditionalspillway@gmail.com

Further detail can be seen from the e-procurement portal www.tendersodisha.gov.in.

Superintending Engineer, Additional Spillway Division, Burla

OIPR-32414/11/0005/2324

---

omfed
www.omfed.com

The Odisha State Co-operative Milk Producers' Federation Limited
D-2, Sahid Nagar , Bhubaneswar-751007
PH NO. : 0674-2546030,2540273,2540417,2540974
E-mail ID: omfed@yahoo.com CAD-4541
Date: 08.03.2024

TENDER NOTICE

OMFED invites Tender for **Selection of System Integrator for Supply, Installation, Commissioning, Testing and Warranty of IP based CCTV surveillance system with all accessories at Arilo Dairy, OMFED**.
Interested bidders may submit their offers latest by 05:00 P.M. dtd. 05/04/2024. The cost of tender paper is ₹1,000/- + GST 18% along with EMD of ₹20,000/- (Rupees Twenty Thousand Only) to be submitted in favor of OMFED payable at Bhubaneswar. For details visit out official website: www.omfed.com.
The corrigendum / amendment to this notice, if required shall be published only in the OMFED web site and will not be published again in newspaper
OMFED reserves the right to accept or reject any or all the tenders or part thereof without assigning any reason

Sd/-
Managing Director

OIPR-06063/11/0075/2324

C-3283 **OFFICE OF THE NOTIFIED AREA COUNCIL, ASKA**
(Email- askanac@gmail.com, Ph No.-06822-273068)
L. No. 691/2024/NAC, Dated 07.03.2024
QUOTATION CALL NOTICE

Sealed quotations are invited from the intending firms /Dealers /Suppliers /Agencies / Manufacturers having GST, PAN, Warranty/ Guarantee Certificate. The Quotationer shall be required to produce the original copy of the required document before the undersigned at the time of opening of quotation for verification.

The Quotationer should submit EMD in shape of Cash/ B.D/ D.D/ T.D.A Pledged in favour of Executive Officer, Aska NAC as mentioned detailed below. The quotation paper will be available from dt:07/03/2024,10.00 A.M. to 18/03/2024,5.00 P.M. in the office hour except holidays. The quotation shall reach on or before dt:18/03/2024 at 5.00 P.M in Tender Box /Speed Post /Registered Post and the same will be opened on dt:19/03/2024 at 10.00A.M. in presence of respective Quotationers or their authorized representatives.

The undersigned reserve the right to reject any or all quotation without the assigning any reason thereof.

Sl.No.	Description	Paper Cost	EMD
1	IT Enabled Day Night Illuminated Acrylic LED Animal Gallery for City Beautification near Jail in-front of Twin Tank of Aska NAC.	7080/-	1% of the bidding amount

Executive Officer
Notified Area Council, Aska

OIPR-13181/11/0026/2324

OFFICE OF THE NOTIFIED AREA COUNCIL, BANPUR C-3306
E-PROCUREMENT NOTICE
Bid Reference No: E.O-N.A.C-BNR- 15/2023-24
Tender Call Notice No. 724 /Dt. 13.03.2024 /

The Executive Officer on behalf of Banpur NAC invites percentage Bid through e-procurement in single cover system according to norm of e-procurement.

1. Type of Works : Civil construction works as in the D.T.C.N
2. Total No. of works : 1 Nos.
3. Tender Amount Cost : 1682228/-
4. Period of Completion : 90 days
5. Date and time of availability of Bid Documents in the Portal : From **10.00** A.M. of Dt. **14.03.2024** to **5.00** P.M. of Dt. **20.03.2024.**
6. Date & Time of Opening of Tender: Dt **21.03.2024** at **11.00** A.M.

Further amendments, corrigendum or other communication regarding this letter will be available only on https://www.tendersodisha.gov.in and will not be published in print media.

Sd/-
Executive Officer
Banpur NAC

OIPR-13177/11/0029/2324

WORKS DEPARTMENT B-1918
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
Email id- eepwdrkl@gmail.com
Government of Orissa "e" Procurement Notice
Bid Identification No.: 177 /2023-24, Dated: 07.03.2024

1. Number of works: 02 (Two) number of Work
2. Estimated cost: Rs. 14.65 to Rs.14.84 lakhs
3. Period of completion: 1(One) calendar months
4. Date & Time of availability of bid document in the portal: Dt.13.03.2024 at 11.00 A.M.
5. Last date/ Time for receipt of bids in the portal: Dt 19.03.2024 up to 05.00 P.M.
6. Date of opening of Bid: Dt. 20.03.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.

Further details can be seen from the e-procurement portal http//tendersorissa.gov.in"

Superintending Engineer, Rourkela (R&B) Division

OIPR-34068/11/0050/2324

OFFICE OF THE DIVISIONAL FOREST OFFICER, ATHMALLIK DIVISION
At/Po- ATHMALLIK, Dist- ATHMALLIK, Odisha-759122, E-mail ID- dfoAthmallik@gmail.com, dfo.athmallik@odisha.gov.in Phone No- 8895641929
MM-510
Letter No. 1461 /1F-Accounts/ 2023-24
Dated Athmallik the 12th March, 2024

TENDER CALL NOTICE FOR HIRING VEHICLES

Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 11 (Eleven) Nos. of Vehicles (BS VI compliant Diesel driven AC/ Non-AC), which shall conform to the Terms and Conditions (Annexure-III) for official use at different Ranges (Location details of the vehicles to be engaged is in - Annexure-IV) under Athmallik Forest Division on monthly rent basis to reach in the O/o the Divisional Forest Officer, Athmallik Forest Division, on or before **27.03.2024** up to **04.00 P.M.** through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Athmallik Forest Division. The tenders will be opened in the same office on **27.03.2024 at 05.00 P.M.** The Standard Bidding Document and Terms and Conditions can be downloaded from **https://angul.nic.in, https://odishaforest.in** and also can be obtained from the Office of the Divisional Forest Officer, Athmallik Forest Division from **15.03.2024** to **27.03.2024** during office hours.

Divisional Forest Officer,
Athmallik Forest Division.

OIPR-08125/11/0027/2324

SUPERINTENDENT, DHARANIDHAR MEDICAL COLLEGE & HOSPITAL: KEONJHAR
E-938
Advt. No. 752/DDMCH, Keonjhar Date 12.03.2024

RE-TENDER CALL NOTICE

Sealed tenders are hereby invited from the intending manufacturers or their authorized stockiest / Distributors for Supply of Drugs & Medical Consumables, Laboratory Chemicals & Reagents and Office furniture to Dharanidhar Medical College & Hospital, Keonjhar for the year 2023-24.

The eligible bidders may submit their tender papers on or before 03.04.2024 by 5.00 P.M. through Registered Post / Speed Post / Courier only to the undersigned, with reference to this office Tender Call Notice No. 1266 Dt. 29.09.2023. The Technical Bid documents will be opened on 04.04.2024 at 11.30 A.M. Those who will qualify in the Technical Bid, the date of opening Financial Bids will be intimated letter on. The details in this connection are available in the District & Medical College website: www.kendujhar.nic.in / https://gmchkeonjhar.odisha.gov.in

The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

OIPR-10205/11/0009/2324 **Sd/- Superintendent, Dharanidhar Medical College & Hospital, Keonjhar**

B-1904 **OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, KESHARI NAGAR, UNIT-V, BHUBANESWAR-751001
RFP Identification No: CE WBP (O)- 62 / 2023-24
File No.: PIM-(MISC)-10/2008(Pt) No.11398 Date : 07.03.2024

NOTICE INVITING REQUEST FOR PROPOSAL (RFP)

The Chief Engineer (Bridges), WBP, Odisha invites proposals from different agencies for providing Services for the following assignment to be received online.

SI No.	Name of the Work	Concerned Nodal Officer with Head quarters	Cost of RFP document (online) in Rupees	Period of Services
1	2	3	4	5
1	Providing Services for preliminary assessment of conditions of bridges, ROBs, Flyover under Works Department of Length 200 m and more, by collecting necessary data using modern equipment/ machines, drones, as suitable for the job and using such data and information as input for condition /distress analysis which shall be AI driven and using modern software; and preparing estimate for remedial measures for repair and rehabilitation of the Bridges, Flyovers and ROBs	CE (Bridges), WBP, Odisha	10,000/- (On line)	04 (Four) Calendar Months

2. The RFP document shall be available in the website https://tendersodisha.gov.in. from **11.00 AM of 12.03.2024 to 5.00 P.M. of dt. 15.04.2024** for online bidding.
3. The bidder must possess compatible Digital Signature Certificate (DSC) of Class - II or Class - III. The online bidding procedure is indicated in the document.
4. The bid shall be received only on "online" on or before **5.00 P.M. of 15.04.2024**.
5. Pre bid queries will be received up to **05.00 P.M of 27.03.2024** through email ceworldbankprojects@gmail.com.
6. The Bidders must submit the non-refundable Bid Processing Fee of required amount as stated in the above table at column no 4.
7. The technical bids received online shall be opened on **15.04.2024 at 5.30 PM** in the Office of the Chief Engineer, (Bridges), WBP, Odisha, Nirman Soudha, Unit-V Bhubaneswar in presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the scheduled date of opening, then the bid will be opened on the next working day at the same time and venue.
8. The applicant shall transfer the cost of RFP document for Rs 10,000.00 towards cost of the RFP through online process.
9. RFP submitted other than e-procurement platform shall not be considered.
10. The authority reserves the right to cancel any or all RFPs without assigning any reason thereof.
11. Further details with any addendum, corrigendum, and cancellation can be seen from the website https://tendersodisha.gov.in.

Engineer-in- Chief
(I/C) Chief Engineer (Bridges), WBP, Odisha, Bhubaneswar

OIPR-34117/11/0148/2324

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
କୋଣାର୍କ, ପୁରୀ । C-3307

ପତ୍ରାଙ୍କ ସଂଖ୍ୟା 796 / ତାରିଖ 12.03.2024

ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ପରିଷଦର ବିଭିନ୍ନ ସମ୍ପତି ନିଲାମ ଓ ଫି ଆଦାୟ କରିବାପାଇଁ ଜଲମୁଦ ନିଲାମ କରାଯିବ । ସେଗୁଡ଼ିକ ହେଲା :-
(୧) କ୍ରମିକ ସଂ.୧ ରୁ ୨୦ – ତା.୦୧.୦୪.୨୦୨୪ରିଖ ଠାରୁ ତା.୩୧.୦୩.୨୦୨୭ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ (ତିନି ବର୍ଷ ପାଇଁ)
(୨) କ୍ରମିକ ସଂ.୨୧ ରୁ ୨୮ – ତା.୦୧.୦୪.୨୦୨୪ରିଖ ଠାରୁ ତା.୩୧.୦୩.୨୦୨୫ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ (ଏକ ବର୍ଷ ପାଇଁ)

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୧୨.୦୩.୨୦୨୪ରିଖ ଠାରୁ ତା.୧୯.୦୩.୨୦୨୪ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ ପ୍ରସ୍ତୁତ କରି ତା.୧୨.୦୩.୨୦୨୪ରିଖ ଠାରୁ ତା.୧୯.୦୩.୨୦୨୪ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚୀତ ନିଲାମ ବାକ୍ସରେ ଜଲମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡ଼ର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୧୯.୦୩.୨୦୨୪ରିଖ ଅପରାହ୍ନ ୩.୪.୦୦ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟାଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ ।

ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

OIPR-13174/11/0029/2324

OFFICE OF THE PANCHAYAT SAMITI, BONTH
At/Po- Bonth, Dist.- Bhadrak, Pin-756114
i-667 Email id- ori-bonth@nic.in
Letter No. 968 / Date 07.03.2024
Re-Tender for Construction of Offline Building with Market Complex for Grama Panchayat Level Federaion (GPLF)

1. Name of the Work :- Const. of Office building with Market complex for Grama Panchayat Level Federation (GPLF)
2. Total No. of Work :- 04 no.s
3. Approximate Estimated Cost :- As per DTCN
4. Class Contractor :- 'C' & 'B'
5. Period of Completion :- Six Calendar Months
6. Other Details :- The Details are as follows

SI NO.	Bid Identification No.	Available Tender On-line for bidding		Last date for receipt of Bids	Date & Time of Opening of Bid
		From	To		
1	2	3	4	5	6
1	PSB-01/2023-24 to PSB-04/2023-24	11.03.2024 10.00 AM	21.03.2024 1.00 PM	21.03.2024 1.00 PM	21.03.2024 3.30 AM

7. Further details can be seen from the website portal https://www.bhadrak.nic.in
8. Any other changes/ Corrigendum/Addendum may be seen only in website www.bhadrak.nic.in

Sd/- Block Development Officer Bonth

OIPR-19150/11/0005/2324

C-3277 **OFFICE OF THE NOTIFIED AREA COUNCIL, KONARK**
email: nackonark@gmail.com, Phone No.- 06758-236826
INVITATION FOR BID
E-PROCUREMENT NOTICE
No. 767, Dt. 11.03.2024
Bid Reference No. KNK-NAC-8(31)-2023-24
Bid Identification No. 2024-ORULB-102410
DETAILED TENDER CALL NOTICE

The Executive Officer on behalf of Konark N.A.C, Konark invites **Bids on percentage basis in online mode according to norm of e-procurement.**

1. Type of works: - Development works as per NIT
2. Total No Works: -31Nos
3. Tendered Value of Work: -Rs. 1.00 Lakhs to 20.00 Lakhs.
4. Period of Completion: - 30 to 60 days.
5. Date and time Schedule
   Submission Start: -From 17.00PM on 12.03.2024
   Prebid Meeting: -At 12.00Noon on Dt 20.03.2024
   Submission End: -At 5.00PM on Dt 09.04.2024
6. Opening of Bid in Online: -From 11.00 AM On Dt 10.4.2024

Furhter details and necessary documents can be seen from the procurement portal i.e www.tendersorissa.gov.in and www.nackonark.in

Executive Officer
Konark NAC

OIPR-13174/11/0027/2324

GOVERNMENT OF ODISHA A-1711
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
'e' Procurement Notice
Bid Reference No. SE MID BPT-22/2023-24
Email: eemikldbpt@gmail.com

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1	Name of the works: -	Civil construction work.
2	No of Work: -	**01 (One)** No.
3	Estimated cost: -	Rs. **7.62** lakh (Approximately)
4	Period of completion	**03 (three)** calendar months
5	Date and Time of availability of bid documents in the portal: -	From **14.03.2024 (11.00 AM)** to **27.03.2024 (5.00 PM)**
6	Last date / time of receipt of bids in the portal: -	**Dt.27.03.2024** up to **5.00 PM**
7	Date of opening of Bid: -	**Dt.28.03.2024** at **11.00 AM** onwards
8	Date of Transparent Lottery(If required) :-	Dt. 30.03.2024 at 11.00 A.M
9	Name and address of the OIT: -	Superintending Engineer, Minor Irrigation Division, Kalahandi, Bhawanipatna.

** Further details can be seen from the e-Procurement market place **http://tendersodisha.gov.in**

Sd/- Er. Jagannath Mallik
Superintending Engineer
M.I. Division, Kalahandi, Bhawanipatna

OIPR-32035/11/0033/2324

ସୋନପୁରକୁ ଗଡ଼ିବ ୪ ଟ୍ରେନ୍

ଭୁବନେଶ୍ୱର-ବାଲାଙ୍ଗୀର ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ବିଛୁପାଲି ପାସେଞ୍ଜର୍‌ର ହେବ ସମ୍ପ୍ରସାରଣ

ଭୁବନେଶ୍ୱର, ୧୩।୩(ସମିସ): ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ଗୋଟିଏ ନୂଆ ଟ୍ରେନ୍ ପ୍ରଚଳନ ବଲାଙ୍ଗିର ପାଶ୍ୱର୍ରୁ ସୋନପୁର ପର୍ଯ୍ୟନ୍ତ ଟ୍ରେନ୍ ଲାଇନ୍ କାର୍ଯ୍ୟକ୍ଷମ ହେବା ନେଇ ରେଳବାଇ ପକ୍ଷରୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଯୋଜନା ହୋଇଛି। ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ଭୁବନେଶ୍ୱର-ବଲାଙ୍ଗୀର-ସୋନପୁର ଏକ୍ସପ୍ରେସ(୧୨୮୯୩) ବଲାଙ୍ଗୀରରେ ପହଞ୍ଚିବା ପରେ ଅପରାହ୍ଣ ୧ଟା ୪୫ରେ ସୋନପୁର ଅଭିମୁଖେ ଯାତ୍ରା କରିବ ଏବଂ ଅପରାହ୍ଣ ୩ଟା ୧୫ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ(୧୨୮୯୪) ସୋନପୁରରୁ ଅପରାହ୍ଣ ୧ଟାରେ ଛାଡ଼ି ଅପରାହ୍ଣ ୨ଟା ୨୫ରେ ବଲାଙ୍ଗୀରରେ ପହଞ୍ଚିବ। ଏହି ଟ୍ରେନ୍ ଅପରାହ୍ଣ ୨ଟା ୪୫ରେ ବଲାଙ୍ଗୀର ଷ୍ଟେସନରୁ ଛାଡ଼ି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟ୍ରେନ ଗୁରୁବାରଠାରୁ ସୋନପୁରରୁ ଏବଂ ଶୁକ୍ରବାରଠାରୁ ଭୁବନେଶ୍ୱରରୁ ନିୟମିତ ଭାବେ ଚଳାଚଳ କରିବ।

ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ୍‌ର ସମୟ ସାରଣୀ ଓ ରହଣି ଷ୍ଟେସନ ଉଭୟ ପାଶ୍ୱର୍ରୁ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଅପରିବର୍ତ୍ତିତ ରହିବ। ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ଏହି ଟ୍ରେନ୍ ବିଛୁପାଲି, ଝରତରଭା ଏବଂ ନରସିଂହଗଡ଼ ରେଳ ଷ୍ଟେସନରେ ରହଣି କରିବ। ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ଟ୍ରେନ୍ ଶୁକ୍ରବାରଠାରୁ ସୋନପୁର ପର୍ଯ୍ୟନ୍ତ ମଧ୍ୟ ସମ୍ପ୍ରସାରିତ ହେବ। ଏହି ଟ୍ରେନ୍ ବଲାଙ୍ଗୀରରୁ ସକାଳ ୮ଟା ୧୫ରେ ଛାଡ଼ି ସୋନପୁରରେ ସକାଳ ୯ଟା ୪୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ପୂର୍ବାହ୍ଣ ୧୦ଟା ୪୫ରେ ଛାଡ଼ି ମଧ୍ୟାହ୍ନ ୧୨ଟାରେ ବଲାଙ୍ଗୀରରେ ପହଞ୍ଚିବ। ସେହିପରି ବଲାଙ୍ଗୀର-ବିଛୁପାଲି-ବଲାଙ୍ଗୀର ପାସେଞ୍ଜରକୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହି ଟ୍ରେନ୍ ବଲାଙ୍ଗୀରରୁ ଅପରାହ୍ଣ ୧୨ଟା ୫୦ରେ ଛାଡ଼ି ସୋନପୁରରେ ଅପରାହ୍ଣ ୨ଟା ୨୦ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ସନ୍ଧ୍ୟା ୫ଟାରେ ଛାଡ଼ି ସନ୍ଧ୍ୟା ୬ଟା ୧୫ରେ ବଲାଙ୍ଗୀରରେ ପହଞ୍ଚିବ। ଆସନ୍ତା ଶୁକ୍ରବାରଠାରୁ ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ନୂତନ ଟ୍ରେନ୍ ଚଳାଚଳ କରିବ। ବଲାଙ୍ଗୀର-ସୋନପୁର-ବଲାଙ୍ଗୀର ପାସେଞ୍ଜର ୧୫ ମାର୍ଚ୍ଚ ୨୦୨୪ ଠାରୁ ବଲାଙ୍ଗୀରରୁ ସନ୍ଧ୍ୟା ୭ଟା ୧୫ରେ ଛାଡ଼ି ସୋନପୁରରେ ସନ୍ଧ୍ୟା ୮ଟା ୪୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ଶନିବାରଠାରୁ ଭୋର ୪ଟା ୧୫ରେ ଛାଡଡ଼ ବଲାଙ୍ଗୀର ଠାରେ ସକାଳ ୫ଟା ୩୦ରେ ପହଞ୍ଚିବ।

ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୧୩।୩(ସମିସ): ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ଦୂରକରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ହୋଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୫ ଯୋଡ଼ା ହୋଲି ସ୍ପେଶାଲ୍ ଟ୍ରେନ୍ ପୁନେ, ପାଟନା ଏବଂ ନିଜାମୁଦ୍ଦିନ ଷ୍ଟେସନକୁ ଚଳାଚଳ କରିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି।

ସମ୍ବଲପୁର-ପୁନେ-ସମ୍ବଲପୁର ହୋଲି ସ୍ପେଶାଲ ଟ୍ରେନ୍ (୦୮୩୨୭/୦୮୩୨୮) ଆସନ୍ତା ରବିବାରରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ସମ୍ବଲପୁରରୁ ରାତି ୧୦ଟାରେ ଛାଡ଼ିବ। ଫେରିବା ମାର୍ଗରେ ଏହା ପୁଣେରୁ ୧୯ ତାରିଖରୁ ଏପ୍ରିଲ ୨ ପର୍ଯ୍ୟନ୍ତ ପୁଣେରୁ ପୂର୍ବାହ୍ଣ ୯ଟା ୧୫ରେ ଛାଡ଼ିବ। ଏହି ଟ୍ରେନ୍ ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କାଣ୍ଟାବାଞ୍ଜି, ଖରିଆର ରୋଡ, ରାୟପୁର, ନାଗପୁର, ଅହମଦନଗର ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ସହିତ ୨୧ଟି ଷ୍ଟେସନ ଠାରେ ରହଣି କରିବ। ଏହାର ଗଠନରେ ଗୋଟିଏ ଏସି-୨ ଟାୟାର, ଚାରିଟି ଏସି -୩ ଟାୟାର, ୯ଟି ସ୍ଲିପର୍ କ୍ଲାସ, ୬ଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି। ସେହିପରି ପୁରୀ-ପାଟନା-ପୁରୀ ହୋଲି ସ୍ପେଶାଲ୍ ଟ୍ରେନ୍ (୦୮୪୭୭/୦୮୪୭୮) ଚଳିତମାସ ୧୮ ରୁ ୨୫ ତାରିଖ ମଧ୍ୟରେ ପ୍ରତ୍ୟେକ ସୋମବାର ଦିନ ପୁରୀଠାରୁ ଅପରାହ୍ଣ ୪ଟା ୪୫ରେ ଛାଡ଼ିବ। ଫେରିବା ମାର୍ଗରେ ଏହି ଟ୍ରେନ ପାଟଣାଠାରୁ ୧୯ରୁ ୨୬ ତାରିଖ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ଅପରାହ୍ଣ ୧ଟା ୧୫ରେ ଛାଡ଼ିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଆଦ୍ରଓ, ଜସିଡିହ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ସହିତ ୧୮ ଟି ଷ୍ଟେସନଠାରେ ରହଣି କରିବ। ଏହି ଟ୍ରେନରେ ଗୋଟିଏ ଏସି-୨ ଟାୟାର୍, ଛଅଟି ଏସି -୩ ଟାୟାର୍, ୭ଟି ସ୍ଲିପର କ୍ଲାସ, ଚାରିଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି।

ଇ-ପୋଷ୍ଟାଲ ବାଲାଟ୍ ସମ୍ବନ୍ଧରେ ପ୍ରଶିକ୍ଷଣ

ଭୁବନେଶ୍ୱର,୧୩।୩(ସମିସ): ପ୍ରତିଟି ଭୋଟ ମୂଲ୍ୟବାନ। ଦେଶ ଗଠନରେ ପ୍ରତିଟି ଭୋଟର ମହତ୍ତ୍ୱ ରହିଛି। ଯେପରି କୌଣସି ଜଣେ ଭୋଟର ମତଦାନରୁ ବଞ୍ଚିତ ନହେବେ ସେ ଲକ୍ଷ୍ୟ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଦେଶସେବାରେ ଅନେକ ଦୂରଦୂରାନ୍ତ ଅଞ୍ଚଳରେ ନିୟୋଜିତ ହୋଇ ସର୍ଭିସ ଭୋଟରମାନେ ଦାୟିତ୍ୱ ନିର୍ବାହ କରୁଥିବାରୁ ଏହି ସର୍ଭିସ ଭୋଟରମାନେ କିପରି ସୁଚାରୁ ରୂପେ ମତଦାନ କରିପାରିବେ ସେଥି ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ରିଟର୍ଣ୍ଣିଂ ଅଫିସରମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଦେଶର ସମସ୍ତ ରାଜ୍ୟର ରିଟର୍ଣ୍ଣିଂ ଅଫିସରମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଇଲେକ୍‌ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ୍ ବାଲାଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଇଟିପିବିଏମ୍‌ଏସ୍) ବିଷୟରେ କମିଶନଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ ବାଲାଟ୍ କିପରି ପଠାଯିବ, ପଠାଇବାର ସୁରକ୍ଷା, ପଠାଯିବାର ସମୟ ଓ ଅଫ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ୍ ବାଲାଟ୍ କିପରି ଫେରସ୍ତ ଆସିବ ଏହି ସମସ୍ତ ବିଷୟରେ ନିର୍ବାଚନ କମିଶନଙ୍କ ତରଫରୁ ବୈଷୟିକ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ। ରିଟର୍ଣ୍ଣିଂ ଅଫିସରମାନେ ସମସ୍ତ ବୈଷୟିକ ଦିଗ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ଓ ନିଜର ସନ୍ଦେହଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ।

C-3290

CUTTACK MUNICIPAL CORPORATION

"e" PROCUREMENT NOTICE
Tender Call Notice No. 2180 (PW) Date. 07.03.2024
Tender ID: 2023_ORULB_102414

Civil Work: 1 Nos.
Bid Value: Rs.59.88 Lakhs
Date and Time schedule:

Start	End	Opening
11.00 AM on dt. 13.03.2024	5.00 PM on dt. 22.03.2024	11.00 AM on dt. 30.03.2024

Tender Details: can be seen from the procurement portal: www.tendersorissa.gov.in

Executive Engineer, City Division-III, CMC

OIPR-13031/11/0118/2324

ହୋଇ ଘାରି କାମନାରେ
ସଂକ୍ରମଣ ହୁଅଇ ଶରୀର
ଅସୁରକ୍ଷିତ ଯୌନ ସମ୍ପର୍କରେ,
ସଂକ୍ରମିତ ହୁଅଇ ପିଲାଟିଏ
ଅବିଶୋଧିତ ଛୁଞ୍ଚି ଅବା
ସିରିଞ୍ଜ ବ୍ୟବହାରେ,
ନିଶାରେ ହୋଇ ଟଳମଳ ହୁଅ ସଂକ୍ରମିତ
ଡ୍ରଗସ୍ ଯେବେ ନିଅ ଗୋଟିଏ ଛୁଞ୍ଚିରେ ।

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

CAD-4576

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨କ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ୍ www.oshb.org

ପତ୍ର ସଂଖ୍ୟା ୬୭ **ବିଜ୍ଞାପନ** ତା.୦୨.୦୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇଜି-୧-୧୩ (LIG-I-13), ଉମାପଦା, ଯାଜପୁର ଗୃହ ନିର୍ମାଣ ପ୍ରକଳ୍ପରେ ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ, (Mesco Kalinga Steel Ltd.) ପ୍ଲଟ ନଂ-୩୯ ୧୫, ମେସ୍କୋ ଟାୱାର, ଲୁଇସ୍ ରୋଡ୍, କେଦାରଗୌରୀ ବ୍ଲକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କମ୍ପାନୀ ଦ୍ୱାରା ନିଯୁକ୍ତ ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ବାରିକ (ଡିଜିଏମ୍, ଫାଇନାନ୍ସ, ଅଡ଼ିଟ, ମେସ୍କୋ କଳିଙ୍ଗ ଷ୍ଟିଲ୍ ଲିଃ) ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କୁଳଦୀପ କଷ୍ଟୁବ, ପିତା-ପ୍ରମୋଦ କୁମାର ବେହେରା, ସା-ସାଜନବିରି, ପୋ-ଗଦାଶିଳା, ଥାନା-ସଦର, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0735/2324

A-1687

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
BARGARH IRRIGATION DIVISION, BARGARH
e-Procurement Notice No.CDT-10 /2023-24 dt.07.03.2024
Bid Identification No. CDT-10 (01)/2023-24 to CDT-10 (14)/2023-24 (Online)

1.	Nature of work	:	Improvement of canal and construction of boundary wall
2.	No. of works	:	14 (Fourteen) Nos.
3.	Class of Contractor	:	D and C class
4.	Bid Identification No.	:	CDT-10 (01-14)/2023-24
5.	Estimated Cost	:	Rs.5.78 Lakhs to Rs.9.33 Lakhs (Approx)
6.	Period of completion	:	45 days excluding canal opening period and 45 days
7.	Date and time of availability of bid documents in the portal	:	Dt.15.03.2024 at 10.00 A.M to Dt.27.03.2024 up to 05.00 P.M.
8.	Last date/ time for receipt of bids in the portal	:	Dt.27.03.2024 up to 05.00 P.M.
9.	Date of opening of Bid	:	Dt.28.03.2024 at 11.00 A.M.
10.	Name and Address of the Officer inviting bid	:	Superintending Engineer, Bargarh Irrigation Division, Bargarh – 768028 email Id: - eecanalbgh11@gmail.com

Procurement Officer	Name of the Division	Bid Identification No.	Availability of tender on-line for bidding		Last date & time of seeking of clarification	Date & time of opening of tender	Date, Time & place of lottery if required
			From	To			
1	2	3	4	5	6	7	8
Superintending Engineer, Bargarh Irrigation Division, Bargarh	Bargarh Irrigation Division, Bargarh	CDT-10 (01)/ 2023-24 to CDT-10 (14)/ 2023-24) (online)	Dt.15.03.2024 at 10:00 A.M	Dt.27.03.2024 up to 05.00 P.M.	Dt.22.03.2024 up to 01:00 P.M	Dt.28.03.2024 at 11.00 A.M. in the O/o the S.E., Bargarh Irrigation Division, Bargarh	Will be intimated later on.

1. Any addendum/ corrigendum/ cancellation / erratum of tender can also be seen in the said website.
2. Further details can be seen from Government website http://tendersodisha.gov.in

Superintending Engineer
Bargarh Irrigation Division, Bargarh

OIPR-32461/11/0016/2324

OFFICE OF THE MUNICIPAL COUNCIL: BALANGIR
Opp. of Rajendra Park, Balangir, pin-767001
Ph.: 06652-232720, Email: bgrmc1972@gmail.com
Letter No. 1171 / Date 06.03.2024
C-3279

ଅଭିବ୍ୟକ୍ତି ପ୍ରକାଶନ

ବଲାଙ୍ଗିର ପୌର ପରିଷଦ ଅଧିନରେ ଥିବା ଦୈନିକ ବଜାର ଟିକସ ଆଦାୟ ପାଇଁ ୧ ବର୍ଷ ଠିକା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନରେ ଲେଖା ହୋଇଥିବା ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବସାଇଟ୍ www.balangir.nic.in କୁ ଯାଇ ତାର ସମସ୍ତ ବିବରଣୀ ପାଇପାରିବେ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

OIPR-13169/11/0034/2324

B-1911

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM (R&B) DIVISION NO.I BERHAMPUR
Phone /Fax: (0680) 2233683, email: eernb1_bam@yahoo.com
Bid Identification No. SER&B Divn. No. I Barm 105/2023-24 Lr. No. 341 dt. 07.03.2024
Name of work : Electrical work
No. of works : 1 (one) No.
Estimated Cost : Approximately Rs. 17.00 lakh
Period of completion of agreement : One Calendar month
Date and time of Availability of bid document in the portal: From 10.00 hours of 13.03.2024 to 16.00 hours of 19.03.2024
Last date / time for receipt of bids in the portal: upto 16.00 hours of 19.03.2024
name & address of the office inviting bid: Superintending Engineer, Ganjam (R&B) Division, No. I, Berhampur.
Further details can be seen from the e-Procurement portal https://tendersodisha.gov.in

Executive Engineer
Ganjam (R&B) Division No. I
Berhampur

OIPR-34109/11/0049/2324

B-1927

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO- PADHUANPADA , BALASORE
CONTACT NO :- 06782262045
E Mail ID :- ee_blsrb@yahoo.co.in

BID INVITATION NO. SE (R and B) BLS-Divn-I- 87 / 2023-24
Letter No 3216 Date 11.03.2024

1	The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works		
2	No. of Work	:	3 Nos
3	Nature of work :	:	Road works of Balasore (R&B)Division-I
4	Class of Contractor :	:	"D", C" & "B" Class Contractor
5	Approx. value of work	:	Rs. 12.36 Lakh to 49.63 Lakh
6	Tender Cost :	:	Rs. 6000/-
7	Availability of Bid Documents in the website :	:	**From 10.00 Hours of dt. 15.03.2024 to 16:00 hours of dt. 22.03.2024**
8	Date of Opening of Bid :	:	Dt. **27.03.2024** at 11:00 Hours
9	Other details can be seen in the Bidding documents from the website : https://tendersorissa.gov.in.		

Superintending Engineer,
Balasore (R&B) Division-I

OIPR-34157/11/0032/2324

A-1695

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
U.K. HEAD WORKS DIVISION, KOLABNAGAR (K) PIN-764011
e-Procurement Notice SE-URKHWD-23/2023-24 Dated 07.03.2024 (ONLINE)

1. Name of work : Civil work
2. No. of works : 03 (Three) Nos..
3. Approximate Value of works: 4.18 Lakhs to 15.73 Lakhs
4. Class of Contractor: Registered & licensed Contractors of 'C' & 'D' Class
5. Period of completion: 01 (One) Calendar Month
6. Date & time of availability : 13.03.2024 at 11.00 Hours to 27.03.2024 upto 17.30 Hours
7. Date & Place of opening of Bid on line: 28.03.2024 (10.30 hours) at office of the Superintending Engineer, UKHWD, Kolab Nagar
8. Name of the officer inviting Bids: Superintending Engineer, UKHWD, Kolab Nagar.

Further details can be seen from the e-procurement portal http:tendersodisha.gov.in. Addendum Corrigendum / Cancellation, if any required will be published in Govt. website only.

Superintending Engineer
Upper Kolab Head Works Division,
Kolabnagar

OIPR-32015/11/0034/2324

A-1705

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
U.K. HEAD WORKS DIVISION, KOLABNAGAR (K) PIN-764011
e-Procurement Notice SF-URKHWD-24/2023-24 Dated 07.03.2024 (ONLINE)

1. Name of work : Procurement & Installation of MLA 100 HP Pump for setting tank at Kolabnagar.
2. No. of works : 01 (One) No.
3. Approximate Value of works: 11.65 laksh
4. Class of Contractor: Reputed Manufacturers / Authorised firms by manufacturer / Authorised dealers by manufacturer.
5. Period of completion: 03 (Three) Calendar Months
6. Date & time of availability : 13.03.2024 at 11.00 Hours to 27.03.2024 upto 17.30 Hours
7. Date & Place of opening of Bid on line: 28.03.2024 (10.30 hours) at office of the Superintending Engineer, UKHWD, Kolab Nagar
8. Name of the officer inviting Bids: Superintending Engineer, UKHWD, Kolab Nagar.

Further details can be seen from the e-procurement portal http:tendersodisha.gov.in. Addendum Corrigendum / Cancellation, if any required will be published in Govt. website only.

Superintending Engineer
Upper Kolab Head Works Division, Kolabnagar

OIPR-32015/11/0033/2324

O-2762

E-mail : rwdmohana@gmail.com

GOVERNMENT OF ODISHA
OFFICE OF THE SUPERINTENDENT ENGINEER
RURAL WORKS DIVISON MOHANA
NATIONAL COMPETITIVE BIDDING THROUGH e-Procurement
Identification No. Online Tender 22/MOHANA/2023-24

1. Name of the work : Building works
2. Total No. Work : 2 (Two) Nos.
3. Estimated Cost : Rs 46.22 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

Procurement Officer	Bid Identification No.	No. of Works	Availability of Tender online for bidding		Last Date & Time of seeking tender clarification	Date & Time of opening of tender
			From	To		
1	2	3	4	5	6	7
Superintending Engineer, Rural Works Division, Mohana	Online Tender 22/MOHANA/2023-24	2 (Two) Nos.	28.03.2024 from 11.00 AM	08.04.2024 upto 5.00 PM	04.04.2024 upto 5.00 PM	09.04.2024 at 11.00 AM

Further details can be seen from the Website www.tenderodisha.gov.in

Superintending Engineer
R.W. Division, Mohana

OIPR-25148/11/0048/2324

O-2767

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS, ODISHA, BHUBANESWAR

Letter No. 10367 Dated. 07.03.2024 Email i.d.: crew_bbsr@yahoo.com

Notice inviting Request for Proposal under EPC Contract
(RFP-Online - CE (Buildings & Bridges)-12 / 2023-24 dt. 07.03.2024)

1. Name of the work : As mentioned in NIT
2. Total No. of works : 05 (Five) no
3. Period of completion : 30 Calendar Months
4. Other details : www.tendersodisha.gov.in

Procurement Officer	Bid identification No	No. of bridge works	Availability of tender online for bidding	
			From	To
Chief Engineer, Buildings & Bridges, Rural Works, Odisha, Bhubaneswar	RFP – Online – CE-Buildings & Bridges- 12 (Bridge) / 2023-24	05 (Five) Nos	18.03.2024 at 10.00 A.M.	09.04.2024 Up to 5.00 P.M.

Other details can be seen in the bidding documents, which will be available in website www.tendersorissa.gov.in

Chief Engineer (Buildings & Bridges),
Rural Works, Odisha, Bhubaneswar

OIPR-25123/11/0056/2324

A-1694

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION GANJAM NO-I, BERHAMPUR.
Phone/Fax 0680-2292896, e-mail ID: eemi_gm1@yahoo.co.in
Corrigendum to Bid Identification No. Online Tender/14/GMID-I/2023-24
No. 1006 // Dt. 07-03-2024 //

In partial Modification to this office Bid I.D No-Online Tender/14/GMID-I/2023-24 vide Tender Call Notice No.566 dtd.12.02.2024, the following modifications are made.

Sl. No.	Details of modification	As per 2nd Corrigendum	Modified as
1.	Last date of availability of Tender on-line for bidding	07-03-2024 at 17.00 Hours	18-03-2024 at 17.00 Hours
2.	Date and Time of Opening of Tender	07-03-2024 at 17.10 Hours	19-03-2024 at 11.00 Hours
3.	Date and Time of Transparent Lottery	—	Will be intimated through : Email / Phone / Whatsapp / Notice Board.

All other terms and conditions remain unchanged. The bid should be submitted online in the web site www.tendersorissa.gov.in by eligible contractor.

Superintending Engineer
M I Division, Ganjam-I
Berhampur

OIPR-32104/11/0052/2324

A-1724

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
**"e" Procur

ଟ୍ରେନ୍ ରହଣି ଓ ଅଣ୍ଡରପାସ୍ ଦାବିରେ ବନ୍ଦ ପାଳନ

ରାଜଗାଙ୍ଗପୁର, ୧୩।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ଟ୍ରେନ ରହଣି ଏବଂ ବଗିଚାପଡ଼ାଠାରେ ଅଣ୍ଡରପାସ୍ ନିର୍ମାଣ ଦାବିରେ ବୁଧବାର ରାଜଗାଙ୍ଗପୁର ବନ୍ଦ ପାଳନ କରାଯାଇଛି। କିଛିଦିନ ତଳେ ରେଳ ଷ୍ଟେସନ କାର୍ଯ୍ୟନିର୍ବାହୀଙ୍କ ଜରିଆରେ ରେଳ କର୍ତ୍ତୃପକ୍ଷଙ୍କୁ ଏ ନେଇ ଲିଖିତ ଦାବିପତ୍ର ଦିଆଯାଇଥିଲା।

୨୦୨୦ କୋଭିଡ୍ ସମୟରୁ କାଂଶବାହାଲ ରେଳ ଷ୍ଟେସନରେ ରହି ଆସୁଥିବା ଟ୍ରେନଗୁଡ଼ିକୁ ବନ୍ଦ କରାଯାଇଥିଲା। କିନ୍ତୁ ପର୍ଯ୍ୟାୟ କ୍ରମେ ଉକ୍ତ ଟ୍ରେନଗୁଡ଼ିକ ଚାଲୁଥିଲେ ମଧ୍ୟ କାଂଶବାହାଲ ଷ୍ଟେସନରେ ରହଣି କରୁନାହିଁ। ଏଠାରେ ଆଜାଦ ହିନ୍ଦ ଏକ୍ସପ୍ରେସ, ହଟିଆ-ଯଶମନ୍ତପୁର, ହାୱଡ଼ା-ପୁନେ ରହୁ ନ ଥିବାରୁ ରାଜଗାଙ୍ଗପୁରବାସୀ ଆନ୍ଦୋଳନ କରି ଆସୁଥିବା ବେଳେ ରେଳ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରିନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ସହରବାସୀ ଏବଂ ବିଭିନ୍ନ ରାଜନୈତିକ ବନ୍ଦ ଡାକରାକୁ ସମର୍ଥନ କରି କିଛି ସମୟ ପାଇଁ ରେଳରୋକ କରି ଏକନମ୍ବର ପ୍ଲାଟଫର୍ମରେ ଗଣଧାରଣା ଦେଇଥିଲେ। ରାଜଗାଙ୍ଗପୁରର ବିଭିନ୍ନ କାରଖାନାରେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ର ବହୁ ସଂଖ୍ୟାରେ ଶ୍ରମିକ କାର୍ଯ୍ୟରତ ଅଛନ୍ତି। ଟ୍ରେନ୍‌ଗୁଡ଼ିକ ରହୁ ନ ଥିବାରୁ ସେମାନେ ନିଜ ଗ୍ରାମକୁ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। କେନ୍ଦ୍ର ସରକାର ମୌର୍ଯ୍ୟ ଏକ୍ସପ୍ରେସ ଟ୍ରେନକୁ ବର୍ତ୍ତମାନ ସମ୍ବଲପୁରକୁ ସମ୍ପ୍ରସାରଣ କରିଥିଲେ ମଧ୍ୟ ରାଜଗାଙ୍ଗପୁରରେ ତା'ର ରହଣି ରଖାଯାଇ ନାହିଁ। ଏହି ଟ୍ରେନକୁ ରାଜଗାଙ୍ଗପୁରଠାରେ ରହଣି ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ରାଜଗାଙ୍ଗପୁର ଅଞ୍ଚଳରେ ଛୋଟ ବଡ଼ ବହୁ କଳକାରଖାନା ସ୍ଥାପନ ହୋଇଛି। ଏହି ଅଞ୍ଚଳରୁ ବହୁ ଯାତ୍ରୀ ଯିବାଆସିବା ପାଇଁ ୪୦ କିଲୋମିଟର ଦୂର ରାଉରକେଲା ଓ ୯୦ କିଲୋମିଟର ଦୂର ଝାରସୁଗୁଡ଼ା ଯାଇ ଟ୍ରେନ୍ ଧରୁଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ସ୍ଥାନୀୟ ବିଧାୟକ ଡା. ରାଜେନ ଏକ୍କା, ବିଧାୟକଙ୍କ ବ୍ଲକ ପ୍ରତିନିଧି ଅରୁଣ କୁମାର ସାମଲ, କଂଗ୍ରେସ ଟାଉନ ସଭାପତି ଦେବରଞ୍ଜନ ବିନୋଦ, ପୌର ଉପାଧ୍ୟକ୍ଷ ଏମଡି ଇରଫାନ୍, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ବରିଷ୍ଠ ବିଜେଡି କର୍ମୀ ଜିତେନ୍ଦ୍ର ଦାସ, ଅମରେଶ ପଣ୍ଡା, ବିଜେପି କର୍ମୀ ସୁରେଶ କୁମାର ଗଡ଼ତିଆ, ସାଂସଦଙ୍କ ଟାଉନ ପ୍ରତିନିଧି ମଧୁସ୍ମିତା ରାଉତ, ବରିଷ୍ଠ ବିଜେପି କର୍ମୀ କୁଲଦୀପ ସିଂ, ଟ୍ରକ ମାଲିକ ସଙ୍ଘ ସଭାପତି ରାକେଶ ନନ୍ଦା, ରାଜଗାଙ୍ଗପୁର ବିକାଶ ପରିଷଦ ସଦସ୍ୟ ଆଶିଷ କୁମାର ଶତପଥୀ, ସୁନୀଲ କୁମାର ଅଗ୍ରୱାଲ, ସୁଧୀର କୁମାର ଦାଶ ପ୍ରମୁଖ ନିଜ ମତବ୍ୟକ୍ତ କରିଥିଲେ। ରେଳ କର୍ତ୍ତୃପକ୍ଷ ଗଣଧାରଣାସ୍ଥଳକୁ ଆସି ସପ୍ତାହକ ଭିତରେ ଡିଆରଏମଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଦିନ ଦ୍ୱିପ୍ରହରରେ ଘରେ କଳାକନା ବୁଲାଇଲେ ଚୋର

ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଲୁଟିନେଲେ

ବଣାଇଁ, ୧୩।୩(ସମିସ)

ବଣାଇଁ ଅଞ୍ଚଳରେ ମାତିଛନ୍ତି ଚୋର। ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ସ୍କୁଲ ଛାଡ଼ିବାକୁ ଯାଇଥିଲେ ସ୍ୱାମୀ। ଏହାର ସୁଯୋଗ ନେଇ ଘରେ କଳାକନା ବୁଲାଇଛନ୍ତି ଚୋର। ବଣାଇଁ ଥାନା କେନ୍ଦ୍ରିକଳା ପଞ୍ଚାୟତ ଉପରପଡ଼ା ଗ୍ରାମରେ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରୁ ସାଢ଼େ ୧୧ଟା ମଧ୍ୟରେ ଘଟିଛି ଏହି ବଡ଼ ଧରଣର ଚୋରି। ଦୁର୍ବୃତ୍ତମାନେ ଉପରପଡ଼ା ଗ୍ରାମ ମୁଖ୍ୟ ରାସ୍ତା କଡ଼ରେ ଘର କରି ରହୁଥିବା ଗଣନାଥ ତ୍ରିପାଠୀଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରାଇ ନେଇଛନ୍ତି।

ଗଣନାଥ ଓ ତାଙ୍କ ସ୍ତ୍ରୀ ରତ୍ନପ୍ରଭା ଦାସ ପେସାରେ ଶିକ୍ଷକ। କିଛିଦିନ ପୂର୍ବରୁ ଗଣନାଥ ଅବସର ଗ୍ରହଣ କରିଛନ୍ତି। ପୁଅ ବାହାରେ ରହି କାର୍ଯ୍ୟ କରୁଥିବା ବେଳେ ରତ୍ନପ୍ରଭା ଏବେ ଭାଲୁଡୁଙ୍ଗୁରୀ ସ୍କୁଲରେ ଶିକ୍ଷକତା କରୁଛନ୍ତି। ସବୁଦିନ ବୁଧବାର ସକାଳ ସାଢ଼େ ୯ଟାରେ ଗଣନାଥ ଘରେ ତାଲା ପକାଇ ରତ୍ନପ୍ରଭାଙ୍କୁ ସ୍କୁଲ ଛାଡ଼ିବାକୁ ବାହାରିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲୁଟପାଟ କରିବା ପରେ ଫେରାର ହୋଇଯାଇଛନ୍ତି। ସେପଟେ ଗଣନାଥ ରତ୍ନପ୍ରଭାଙ୍କୁ ସ୍କୁଲରେ ଛାଡ଼ି ବୁଧବାର ସାପ୍ତାହିକ ହାଟରୁ ପରିବା କିଣି ପୂର୍ବାହ୍ନ ସାଢ଼େ ୧୧ରେ ଘରକୁ ଫେରି ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଘର ପଛପଟ କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। କୋଠରିଗୁଡ଼ିକ ଖୋଲାଥିବା ବେଳେ ଆଲମିରା ତାଡ଼ି ଲକ୍ଷାଧିକ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଜାଣି ଗଣନାଥ ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ପରିବେଶ ସ୍ଥାୟିତ୍ୱ ପାଇଁ ଆରଏସପିର ଦୃଢ଼ ପ୍ରତିବଦ୍ଧତା

ମୁଖ୍ୟ ମହାପ୍ରବନ୍ଧକଙ୍କୁ ୩୦ଟି ଇ-କାର୍ ଯୋଗାଣ

ରାଉରକେଲା, ୧୩।୩(ସମିସ): ସବୁଜ ଭବିଷ୍ୟତ ଦିଗରେ ଅଗ୍ରସର ହେବାର ଲକ୍ଷ୍ୟ ସହିତ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଏହାର ମୁଖ୍ୟ ମହାପ୍ରବନ୍ଧକମାନଙ୍କୁ ୩୦ଟି ଇଲେକ୍ଟ୍ରିକାଲ୍ କାର୍ ଯୋଗାଇ ଦିଆଯାଇଛି। ବୁଧବାର ଇଣ୍ଡୋ-ଜର୍ମାନ କ୍ଲବରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଟାଟା ନେକ୍ସନ୍ ଇ-କାରର ଚାବିଗୁଡ଼ିକୁ

ସିଜିଏମମାନଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିରେ କାର୍ଯ୍ୟ ବିଭାଗ ଇଡି ଏସଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗ ଇଡି ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ଇଡି ତରୁଣ ମିଶ୍ର, ଖଣି ବିଭାଗ ଇଡି ଆଲୋକ ବର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଡିଆଇସି ଭୌମିକ ଗାଡ଼ିଗୁଡ଼ିକର ପୂଜା କରିବା ପରେ ଗୋଟିଏ କାର୍ ମଧ୍ୟ ଚଲାଇଥିଲେ। ଏହି ଅବସରରେ ଭୌମିକ କହିଲେ, ଡିକାର୍ବନାଇଜେସନ୍ ସାମ୍ପ୍ରତିକ ସମୟର ଆବଶ୍ୟକତା ଏବଂ ଅଙ୍ଗାରକ ନିର୍ଗମନକୁ ହ୍ରାସ କରିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମିଳିତ ଭାବରେ ଡିକାର୍ବନାଇଜେସନ୍ ଦିଗରେ ଏହି ପଦକ୍ଷେପକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଚଆରଡି ସିଜିଏମ୍ ରାଜଶ୍ରୀ ବାନାର୍ଜୀ ଏବଂ ସିଜିଏମ୍ (ମେକାନିକାଲ୍) ଏନ ରାଜେନ୍ଦ୍ରନ୍ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ ଇ-କାର୍ ଚାଳନାର ଅଭିଜ୍ଞତା ବାଣ୍ଟିଥିଲେ। ପରିବହନ ଏବଂ ଏଫଏମ୍‌ଏମ୍ ବିଭାଗ ଜିଏମ୍ ଇନଚାର୍ଜ ଅବକାଶ ମଲ୍ଲିକ୍ ସମାବେଶକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ସିଜିଏମମାନଙ୍କୁ ମାରୁତି ସ୍ୱିଫ୍ଟ ପେଟ୍ରୋଲ କାର ଯୋଗାଇ ଦିଆଯାଇଥିଲା ଯାହା ୫ ବର୍ଷ ଚୁକ୍ତିନାମା ସମାପ୍ତ ହେବା ପରେ ପ୍ରତ୍ୟାହାର କରାଯାଇଛି। ପାରମ୍ପରିକ ଜୀବାଶ୍ମ ଇନ୍ଧନ ଯାନ ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ଏବଂ ବାୟୁ ପ୍ରଦୂଷଣର ମୁକାବିଲା କରିବା ପାଇଁ ବୈଦ୍ୟୁତିକ କାରଗୁଡ଼ିକର ପ୍ରବର୍ତ୍ତନ ଏକ ରଣନୀତିକ ପଦକ୍ଷେପ। ଇଲେକ୍ଟ୍ରିକ୍ ଯାନଗୁଡ଼ିକୁ ଏହାର କାର୍ଯ୍ୟଧାରାରେ ଅନ୍ତର୍ଭୁକ୍ତ କରି ଆରଏସପି ଏହାର କାର୍ବନ ଫୁଟ୍ ପ୍ରିଣ୍ଟକୁ ହ୍ରାସ କରିବା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଆଡ଼କୁ ଆଗେଇବା ପାଇଁ ଲକ୍ଷ୍ୟ ରଖିଛି।

'ନାୟିକା' ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ରାଉରକେଲା, ୧୩।୩(ସମିସ): ରାଉରକେଲାର ମହିଳା ଅନୁଷ୍ଠାନ 'ନାୟିକା' ପକ୍ଷରୁ ବିଶ୍ୱ ମହିଳା ଦିବସ ସେକ୍ଟର-୫ ଆଦର୍ଶ ସାହିତ୍ୟ ଘରଠାରେ ପାଳିତ ହୋଇଛି। ଅନୁଷ୍ଠାନ ଉପ-ସଭାପତି ଡଲିରାଣୀ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଶର୍ମିଷ୍ଠା କବି ଶତପଥୀ ଯୋଗଦେଇ ମହିଳାଙ୍କ ଜୀବନଶୈଳୀ କିପରି ହେବା କଥା ଓ ସେମାନେ କିପରି ଆଗକୁ ବଢ଼ିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ମଞ୍ଜୁବାଳା ପାଢ଼ୀ କହିଲେ, ମହିଳାଙ୍କ ମନୋବଳ ଥିଲେ ସେମାନେ ସବୁକିଛି କରିପାରିବେ। ସଭାମୁଖ୍ୟ ଡଲିରାଣୀ ବ୍ରହ୍ମା ଅନୁଷ୍ଠାନ ସମ୍ପର୍କରେ କହି ଶିକ୍ଷା, ସଂସ୍କାର, ଶୃଙ୍ଖଳା ସହ ସଚେତନ ହୋଇ କାମ କଲେ ଆମେ ପରିବାର ଓ ଦେଶର ଉନ୍ନତି କରିବା ବୋଲି କହିଥିଲେ। ସାଧାରଣ ସମ୍ପାଦିକା କନକଲତା ଦାସ ଅନୁଷ୍ଠାନର ବାର୍ଷିକ ବିବରଣୀ ଦେବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ଆଗକୁ ବଢ଼ିପାରିବେ ତାହା କହିଥିଲେ।

ଅନୁଷ୍ଠାନର ବରିଷ୍ଠ ସଦସ୍ୟା ସ୍ନେହଲତା ପଟ୍ଟନାୟକଙ୍କୁ ତାଙ୍କ ବହୁମୁଖୀ ପ୍ରତିଭା ପାଇଁ ମାନପତ୍ର, ଉତ୍ତରୀୟ ଓ ସ୍ମୃତିସନ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତା ସୁଷମା ମିଶ୍ରଙ୍କ ସ୍ମୃତିରେ ଲେଖିକା ଡଲିରାଣୀ ବ୍ରହ୍ମାଙ୍କୁ ସ୍ୱର୍ଗତା ମିଶ୍ରଙ୍କ ପରିବାର ପକ୍ଷରୁ ବିଶିଷ୍ଟ ମହିଳା ସମ୍ମାନ ପ୍ରଦାନ କରାଯାଇଥିଲା। ସହ-ସମ୍ପାଦିକା ପୂର୍ଣ୍ଣିମା ପଣ୍ଡା, ମମତା ସାମନ୍ତରାୟ ଏବଂ ଅରୁନ୍ଧତୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଜୟନ୍ତୀ ବେହେରା, ମିନତୀ ମହାନ୍ତି, କ୍ଷୀରୋଦା ବାରିକ, ଇପ୍ସିତା ସ୍ୱାଇଁ ଓ ସନ୍ଧ୍ୟା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଭିସ୍ମା ଦାସ, ନିବେଦିତା ପାତ୍ର, ସ୍ନେହା, ସ୍ୱାତୀ, ଅର୍ଚ୍ଚିତା, ଶ୍ରୀୟା ଓ ବିଷ୍ଣୁପ୍ରିୟା ସ୍ୱାଇଁ ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରିଣ୍ଣୟୀ ମିଶ୍ର, ଅଳକା ମହାନ୍ତି ଓ ଶୁଭଶ୍ରୀ ଦାସ ସଙ୍ଗୀତ ପରିବେଷଣ କରିଥିଲେ।

କବିତା ଲିଖନରେ କ୍ୟୁରିନ୍ ଦାସ, ସୁନିତା ମହାରଣା, ମେଘା ପାଲ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଥିବା ବେଳେ ଗଳ୍ପ ଲିଖନରେ ଇତିଶ୍ରୀ ଦାସ, ମାନସୀ ତାଣ୍ଡିଆ ଓ ଗୀତା ତନ୍ତୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ନିରୁପମା ମିଶ୍ର ଓ ମିନତୀ ମହାନ୍ତି ନାରୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସଦସ୍ୟା ସସ୍ମିତା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କଲ୍ୟାଣୀ ଦାସ, ନିରୁପମା ମିଶ୍ର, ରୀନା ମହାନ୍ତି, ମାଳତୀ ସୂତାର, ରୁନୁ ବେକ୍, ରୀତା ଦାଶ, ରୀନା ସୁନା, କଲ୍ୟାଣୀ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

ଅକାଳ ମୃତ୍ୟୁକୁ ଆମନ୍ତ୍ରଣ କରୁଛି ଛାତିଥରା ଡିଜେ ଶବ୍ଦ

● ନଷ୍ଟ ହେଉଛି ଲୋକଙ୍କ ଶ୍ରବଣ ଶକ୍ତି
● କଲବଲ ହେଉଛନ୍ତି ପଶୁପକ୍ଷୀ

ରାଉରକେଲା, ୧୩।୩(ସମିସ): ଡିସ୍କ ଜକି ବା ଡିଜେ। ଏବେ ଚାରିଆଡ଼େ ଛାଇଯାଇଥିବା ଏହି ପ୍ରଚଣ୍ଡ ଛାତିଫଟା ସାଉଣ୍ଡ ସିଷ୍ଟମ ଘାତକ ସାଜୁଛି। ଡିଜେର ବିକଟାଳ ଶବ୍ଦ ସହି ନ ପାରି କିଛି ଅକାଳ ମୃତ୍ୟୁରେ ପଡୁଛନ୍ତି। ଅନେକ ଲୋକଙ୍କ ଶ୍ରବଣ ଶକ୍ତି ନଷ୍ଟ ହେଉଛି। ସାତରୁ ସତୁରି ଯାଏଁ ସଭିଙ୍କୁ ଏହି ଶବ୍ଦ ପ୍ରଦୂଷଣ ଅସମ୍ଭାଳ କରୁଛି। ପଶୁପକ୍ଷୀ ବି କଲବଲ ହେଉଛନ୍ତି। ଡିଜେ ଶବ୍ଦ ପ୍ରଦୂଷଣକୁ ନେଇ ତୀବ୍ର ଅସନ୍ତୋଷ ବି ବ୍ୟାପିଲାଣି। ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀ ସଂଗଠନ ଡିଜେ ବିରୋଧରେ ସ୍ୱର ଉତ୍ତୋଳନ କଲେଣି। ରିପୋର୍ଟ ମୁତାବକ, ୨୦୨୪ ଫେବୃଆରୀ ୨୩ରେ ରଘୁନାଥପାଲି ଥାନା ଅନ୍ତର୍ଗତ ଏସଟିଆଇଠାରେ ଡିଜେ ଶବ୍ଦରେ ଚା' ଦୋକାନୀ ପ୍ରେମନାଥ ବାରୋଭାୟା (୫୫)ଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଅଞ୍ଚଳରେ ସରସ୍ୱତୀ ପୂଜା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଡିଜେ ବାଜୁଥିଲା। ଏହି ଶୋଭାଯାତ୍ରା ପ୍ରେମନାଥଙ୍କ ଦୋକାନ ସମ୍ମୁଖ ଦେଇ ଯାଇଥିବା ବେଳେ ହଠାତ୍ ସେ ଅଚେତ୍ ହୋଇ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୁଲିସ ଡିଜେ ଗାଡ଼ିକୁ ଅଟକ ରଖିବା ପରେ ନୋଟିସ ଦେଇ ଛାଡ଼ିଥିଲା।

ସେହିପରି ୨୦୨୩ ଏପ୍ରିଲ ୬ରେ କଟକ ସାଲେପୁରରେ ଜଣେ କଲେଜ ପଢୁଆ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିଲା। ବରହିପୁର ଗାଁରେ ଚାଲିଥିବା ଚଇତି ପର୍ବ ଶୋଭାଯାତ୍ରାରେ ଡିଜେ ସଙ୍ଗୀତର ତାଳେ ତାଳେ ନାଚୁଥିବା ୨୧ ବର୍ଷୀୟ ନରହରି ସେଠୀ ଅଚାନକ ଟଳି ପଡ଼ିଥିଲେ। ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳକୁ ନରହରିଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସେହିପରି ୨୦୨୨ ଏପ୍ରିଲ୍ ୨୧ରେ ମାଲକାନଗିରିରେ ବିବାହ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦଯୁକ୍ତ ଡିଜେ ସାଉଣ୍ଡ ସହି ନ ପାରି ବର ଅଙ୍କିତ୍‌ଙ୍କ ବାପା ମହେନ୍ଦ୍ର ରୋହିଲାଙ୍କ ମୃତ୍ୟୁ ଘଟିଥିଲା। ଏହା ବିରୋଧରେ କନ୍ୟାଘର ଲୋକ ପ୍ରେମ ବିବାହକୁ ଭାଙ୍ଗିବାକୁ ପଛାଇ ନ ଥିଲେ। ସେହିପରି ୨୦୨୧ ନଭେମ୍ବର ୨୪ରେ ବାଲେଶ୍ୱର ନୀଳଗିରି ଥାନା କାଣ୍ଡଗରାଡ଼ି ଗାଁରେ ଏକ ବିବାହ ଉତ୍ସବରେ ଡିଜେ ସାଉଣ୍ଡରେ ପରିବେଶ ଥରିଉଠିଥିଲା। ରଣଜିତ୍ ପରିଡ଼ାଙ୍କ କୁକୁଡ଼ା ଫାର୍ମର ୬୩ଟି କୁକୁଡ଼ା ଠକ୍‌ଠାକ୍ ମରିଗଲେ। ରଣଜିତ୍ ପାଖାପାଖି ୨୫ ହଜାର ଟଙ୍କା କ୍ଷତି ସହିଥିଲେ। ସେହିପରି ୨୦୨୩ରେ ଗଣେଶ ପୂଜା ଭସାଣିରେ ଡିଜେ ସାଉଣ୍ଡ ଅସହ୍ୟ ହୋଇଥିଲା। ବାଲେଶ୍ୱର ଟାଉନ୍‌ରେ ଚାଲିଥିବା ମେଢ଼ ଭସାଣ ପାଇଁ ୫୦ରୁ ଅଧିକ ଡିଜେ ସାଉଣ୍ଡ ବରାଦି ହୋଇଥିଲା। ଡିଜେ ସିଷ୍ଟମରେ ଖଞ୍ଜାଯାଇଥିବା ହାଇ ଫ୍ରିକ୍ୱେନ୍ସି ଲେଜର ଲାଇଟ୍ ବିପଦ ସାଜିଥିଲା। ଯିଏ ମୋବାଇଲରେ ଫଟୋ ଉଠାଇଲା, ତା ମୋବାଇଲ୍‌ରେ ନାନା ପ୍ରକାର ତ୍ରୁଟି ବାହାରିଲା। ଏହି ଲେଜର ଲାଇଟ୍ ଯୋଗୁଁ ୫୦୦ରୁ ଅଧିକ ମୋବାଇଲ୍ ଫୋନ୍ ଖରାପ ହୋଇଥିଲା। କେବଳ ଏତିକି ନୁହଁ, ରାଉରକେଲା ସହର ସମେତ ଅନ୍ୟ ଜିଲ୍ଲାରେ ଡିଜେ ସାଉଣ୍ଡ ଯୋଗୁଁ ଅନେକ ଅଘଟଣ ଘଟିଛି।

ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ ଏହାର ବ୍ୟବହାର ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ସ୍ଥାନୀୟ ଡିଜେ ବ୍ୟବସାୟୀ ସମେତ ସହର ବାହାର ଡିଜେ ବ୍ୟବସାୟୀଠାରୁ ବାହାଘର ବା ବରଯାତ୍ରୀ ପାଇଁ ଡିଜେ ବୁକିଂ କରାଯାଉଛି। ଗଳି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ଯାଏଁ ବିକଟାଳ ଶବ୍ଦ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପଶୁପକ୍ଷୀ, ଛୋଟ ପିଲାମାନଙ୍କ ଉପରେ ଏହା ଘୋର ପ୍ରଭାବ ପକାଉଛି। ଏହାସହ ହସ୍ପିଟାଲଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ସାଉଣ୍ଡ ସିଷ୍ଟମର ଡେସିବଲଠାରୁ ଅଧିକ ରହୁଥିବା ଅଭିଯୋଗ ହୋଇଛି। ଯେ କୌଣସି ପର୍ବ ପାଇଁ ସାଉଣ୍ଡ ସିଷ୍ଟମ ବଜାଇବାକୁ ହେଲେ ସ୍ଥାନୀୟ ପ୍ରଶାସନ ଓ ପୁଲିସର ଅନୁମତି ନେବାର ନିୟମ ରହିଥିବା ବେଳେ ଏହି ନିୟମ ପାଳନ କରାଯାଉଛି। ମାତ୍ର ଧାର୍ଯ୍ୟ ହୋଇଥିବା ଡେସିବଲ ଉପରେ କେହି ସତର୍କତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୋଇଛି। ନିୟମ ମୁତାବକ ପୁଲିସ ଶୋଭାଯାତ୍ରା ବେଳେ ଧ୍ୟାନଦେବା କଥା। ମାତ୍ର ତାହା ନ ହେବା କାରଣରୁ ଏଭଳି ମନମୁଖି ନୀତି ଆପଣେଇଥିବା କୁହାଯାଇଛି। ଆଗାମୀ ଦିନରେ ଏହି ଦିଗ ପ୍ରତି ବିଶେଷ ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

● ହୃଦ୍‌ଘାତ, ମସ୍ତିଷ୍କାଘାତ ଆଶଙ୍କା ରହିଛି

ଡିଜେ ସାଉଣ୍ଡ ଏକ ଲୋ ଫିଟ୍ ସାଉଣ୍ଡ। ଏହା ଶାରୀରିକ

ବ୍ଲକ୍ ଅଧ୍ୟକ୍ଷଙ୍କୁ ବୀଭତ୍ସ ହତ୍ୟା

ହାଣି ଖାଇଥିଲେ ମଣିଷ ମାଂସ

ଜଣେ ଅପରାଧୀର ମାନସିକତା କେତେ ନୃଶଂସ ହୋଇପାରେ ତାହା କଳନା କରିହେବ ନାହିଁ । ଜଣଙ୍କୁ ହତ୍ୟା କରିବା ପରେ ତା'ର କଟାହାତକୁ ଜଙ୍ଗଲରେ ବସି ଖାଇବା ଭଳି କୁତ୍ସିତ ଘଟଣା ଘଟିଥିଲା କେଉଁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଧକୋଠା ଗ୍ରାମରେ । ହତ୍ୟାକାରୀମାନେ ରାଜନୈତିକ ଆକ୍ରୋଶ ରଖି ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ହାତକୁ ହାଣି ଦେଇ ପାଖ ଜଙ୍ଗଲକୁ ନେଇ ଏହାକୁ ଖାଉଥିବାର ଦୃଶ୍ୟ ସେତେବେଳେ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲୁଥିଲା । ତେବେ ଘଟଣାର ୫ ବର୍ଷ ପରେ ହତ୍ୟାକାରୀମାନଙ୍କୁ ଫାଶୀ ଦଣ୍ଡାଦେଶ ମିଳିଛି । କେମତି କିଭଳି ଏବଂ କାହିଁକି ସେମାନେ ଏଭଳି ନୃସଂଶ ଘଟଣା ଘଟାଇଲେ ସେ ସମ୍ପର୍କରେ କେଉଁଝର ଜିଲ୍ଲା ଆନନ୍ଦପୁରରୁ ମଦନ ପାଣିଙ୍କ ରିପୋର୍ଟ ।

୨୦୧୪ ସାଧାରଣ ନିର୍ବାଚନରେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରାମଚନ୍ଦ୍ର ବେହେରା ୨୦୧୯ ନିର୍ବାଚନରେ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ ହେଉଥିଲେ । କିନ୍ତୁ ନିର୍ବାଚନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖ ରାତି ୧୦ଟା ୧୫ ମିନିଟ୍ ସମୟରେ ବଡ଼ଏକତାଳି ଗ୍ରାମର ଅଜିତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି ଓ ଦୋଳ ବୋଇତେଇ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ରାମଚନ୍ଦ୍ରଙ୍କ ଘରକୁ ଆସିଥିଲେ । ଦୀର୍ଘ ୨୦ ମିନିଟ୍ କାଳ ସେମାନେ ବିଭିନ୍ନ ପ୍ରସଙ୍ଗ ନେଇ ରାମଚନ୍ଦ୍ରଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସେମାନେ ଚା, ଜଳଖିଆ ମଧ୍ୟ କରିଥିଲେ । ଚା' ଚଳଖିଆ କରିବା ପରେ ସେମାନେ ଘରୁ ବାହାରି ଆସିବା ବେଳେ କଥା ହେବା ପାଇଁ ରାମଚନ୍ଦ୍ରଙ୍କୁ ଗେଟ୍ ପାଖକୁ ଡାକିଥିଲେ । କିନ୍ତୁ ସେମାନଙ୍କ ଯୋଜନା ଥିଲା ଅଲଗା । ଗେଟ୍ ପାଖକୁ ଯିବା ସମୟରେ ସେମାନେ ରାମଚନ୍ଦ୍ରଙ୍କୁ ଗେଟ୍ ବାହାରକୁ ଭିଡ଼ିନେଇ ପାଚେରି କଡ଼ରେ ଥିବା ଅନ୍ଧାରକୁ ଟାଣି ନେଇଥିଲେ । ପୂର୍ବ ଯୋଜନା ମୁତାବକ ସେଠାରେ ରଖିଥିବା ଅସ୍ତ୍ରଶସ୍ତ୍ରରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ପୂରା ଶରୀରକୁ ୮ ରୁ ୧୦ ଚୋଟ ପକାଇବା ସହ ଶରୀରରୁ ହାତକୁ ଅଲଗା କରି ଦେଇଥିଲେ । ଏହି ସମୟରେ ରାମଚନ୍ଦ୍ରଙ୍କ ଝିଅ ମିନାରାଣୀ ବାହାରକୁ ଆସି ବାବାଙ୍କ ଏଭଳି ଅବସ୍ଥା ଦେଖି ଚିତ୍କାର କରିଥିଲେ । ଘଟଣାସ୍ଥଳରେ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଥିଲା ରାମଚନ୍ଦ୍ରଙ୍କ ଶରୀର । ରାସ୍ତାରେ ଭାସୁଥିଲା ରକ୍ତ ଆଉ ରକ୍ତ । ରକ୍ତରଞ୍ଜିତ ହୋଇଯାଇଥିଲା ରାଜପଥ କଡ଼ । ଆକ୍ରମଣ ପରେ ରାମଚନ୍ଦ୍ରଙ୍କ କଟାହାତକୁ ଧରି ସେମାନେ ବାଇକ୍‌ରେ ଚାଲି ଯାଇଥିଲେ । ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ନିକଟସ୍ଥ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେଣୁ ହତ୍ୟାକାରୀମାନେ ରାମଚନ୍ଦ୍ରଙ୍କ କଟାହାତକୁ ବାଇକ୍‌ରେ ଗାଁ ବାଟ ଦେଇ ଯିବା ସମୟରେ ବିଜୟର ଉଲ୍ଲାସ ମନେଇଥିଲେ । ଯାହାକୁ ଗାଁ ଲୋକେ ଦେଖୁଥିବାର ଭିଡିଓ ପରବର୍ତ୍ତୀ ସମୟରେ ମୋବାଇଲରୁ ମୋବାଇଲ୍‌କୁ ଘୂରି ବୁଲିଥିଲା । କେବଳ କଟାହାତ ନେବାର ଦୃଶ୍ୟ ନୁହେଁ, କଟାହାତକୁ ସେମାନେ ପାଖ ଜଙ୍ଗଲ ଭିତରେ ବସି ଖାଉଥିବାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା ।

ଏ ନେଇ ମିନାରାଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆରମ୍ଭ କରିଥିଲା ତଦନ୍ତ । ପୁଲିସ ପ୍ରାଥମିକ ଅନୁସନ୍ଧାନ ପରେ ଅଭିଯୁକ୍ତ ଅଜିତ, ସଞ୍ଜୀବ, ଅଲେଖ, ଅରୁଣ, ଦୋଳ ଓ ଜଣେ ନାବାଳକଙ୍କୁ ଗିରଫ କରି ପଚରାଉଚରା କରିବା ପରେ କଟାହାତକୁ ନିକଟସ୍ଥ ପୋଖରୀରୁ ଉଦ୍ଧାର କରିଥିଲା । ଏନେଇ ଘସିପୁରା ଥାନା କେସ୍ ନଂ ୫୧/୨୦୧୯ ରେ ଭାରତୀୟ ଦଣ୍ଡବିଧି ୩୦୨/୨୦୧/୩୪ ଏବଂ ୨୫ ଓ ୨୭ ଅସ୍ତ୍ରଶସ୍ତ୍ର ଆଇନରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ ୫୩ ଜଣଙ୍କଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିଥିଲେ । ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପରେ ୫ ଜଣଙ୍କୁ ଫାଶୀ ଦଣ୍ଡାଦେଶ ରାୟ ଗତ ୫ ତାରିଖରେ ପ୍ରକାଶ କରିଛନ୍ତି । ଅପରପକ୍ଷେ ଏହି ଘଟଣାରେ ଏବେ ବି ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଅଛନ୍ତି । ଯାହାର ସନ୍ଧାନ ଏପର୍ଯ୍ୟନ୍ତ ପୁଲିସ ପାଇପାରି ନାହିଁ । ସରକାରଙ୍କ ପକ୍ଷରୁ ଏପିପି ଅଶ୍ୱିନୀ କୁମାର ମଲିକ ଓ ସ୍ୱେଶାଲ ଏପିପି ବାଇଧର ସେଠୀ ଏହି ମକଦ୍ଦମାକୁ ପରିଚାଳନା କରିଥିଲେ ।

ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁର କାରଣ ଖୋଜୁଛି ପୁଲିସ

ରାଜେନ୍ଦ୍ରନଗରର ମୃତ୍ୟୁ ରହସ୍ୟ



କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁରୁ ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ପୂରା ପୁଲିସ ବିଭାଗ ଚିନ୍ତାରେ ପଡ଼ିଥିଲେ ମଧ୍ୟ କ'ଣ ପାଇଁ କିଏ ସେମାନଙ୍କୁ ହତ୍ୟାକଲା ନା ସେମାନେ ସାମୂହିକ ଆତ୍ମହତ୍ୟା କଲେ ତାକୁ ନେଇ ଏବେ ବି ରହସ୍ୟ ଜାରି ରହିଛି । ଯଦିବା ଉଦ୍ଧାର ମୃତଦେହଗୁଡ଼ିକୁ ନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି, କିନ୍ତୁ ମୃତ୍ୟୁର କାରଣ ନେଇ ପୁଲିସ ଏବେ ବି ସନ୍ଦେହରେ ରହିଛି ।

କେନ୍ଦ୍ରାପଡ଼ାରୁ ଦେବଦତ୍ତ ଦାଶଙ୍କ ରିପୋର୍ଟ

ଗତ ମାର୍ଚ୍ଚ ୩ ତାରିଖରେ ତାଳଚୁଆ ପଞ୍ଚାୟତ ରାଜେନ୍ଦ୍ରନଗର ଗ୍ରାମର ବାହାରପଟ ବିମ୍‌ରେ ଝୁଲୁଥିଲା ଶ୍ରୀଦାମ ମଣ୍ଡଳ (୫୩ବର୍ଷ)ଙ୍କ ମୃତଦେହ । ତେବେ ବାହାରେ ଶ୍ରୀଦାମଙ୍କ ପତ୍ନୀ ଜୟନ୍ତୀ (୪୫ବର୍ଷ) ଓ ବଡ଼ପୁଅ ପରିକ୍ଷୀତ ମଣ୍ଡଳ (୨୭ ବର୍ଷ)ଙ୍କୁ ନ ପାଇ ଗାଁ ଲୋକେ ପୁଲିସକୁ ଖବର ଦେଇଥିଲେ । ତାଳଚୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ବାଡ଼େଇବା ପରେ କେହି ଖୋଲି ନ ଥିଲେ । ପାରାଦ୍ୱୀପରେ ରହୁଥିବା ସାନପୁଅ ଗୌରହରି ମଧ୍ୟ ଖବରପାଇ ଆସିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲା । ପରବର୍ତ୍ତୀ ସମୟରେ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଟିମ୍ ମାଜିଷ୍ଟ୍ରେଟ ତଥା ରାଜନଗର ତହସିଲଦାର୍ ଅଜୟ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ । ମାଜିଷ୍ଟ୍ରେଟ ଓ ମୃତ ଶ୍ରୀଦାମଙ୍କ ଭାଇ, ପରିବାର ଲୋକେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁଲିସ ଘର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଘରର ଦୁଇଟି କବାଟ ତାଡ଼ିବା ପରେ ଗୋଟିଏ ଘରର ଖଟ ଉପରେ ଶ୍ରୀଦାମଙ୍କ ବଡ଼ପୁଅ ପରୀକ୍ଷିତଙ୍କ ମୃତଦେହ କମଳ ଘୋଡ଼ାଇ ହୋଇଥିବା ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟଏକ ଘରର ଚଟାଣରେ ପତ୍ନୀ ଜୟନ୍ତୀଙ୍କ ମୃତଦେହ ପଡ଼ିଥିଲା । ଶ୍ରୀଦାମ ଓ ତାଙ୍କ ପରିବାର ଲୋକେ ଅତ୍ୟନ୍ତ ନିରୀହ ଥିବା ବେଳେ କାହାରି ସହିତ ତାଙ୍କର ବିବାଦ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି ।

ପୁଲିସର କହିବାନୁଯାୟୀ ଶ୍ରୀଦାମ ଗରିବ ପରିବାରର ହୋଇଥିବା ବେଳେ ମୂଳଲାଗି ପରିବାର ପ୍ରତିପୋଷଣ କରୁଥିଲେ । ଏଥି ସହିତ ଘରେ ଛେଳି, କୁକୁଡ଼ା, ଗାଈ ରଖି ସେଥିରୁ ମଧ୍ୟ କିଛି ଆୟ କରୁଥିଲେ । ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ଏଠାରୁ ଜାଗାବାଡ଼ି, ଘର ବିକ୍ରୀ କରି ଅନ୍ୟତ୍ର ଯିବାକୁ ଯୋଜନା କରିଥିଲେ । ଏଥିପାଇଁ ସେ ଘରର ଛେଳି, କୁକୁଡ଼ା ବିକ୍ରୀ କରିବା ଆରମ୍ଭ କରିଥିଲେ । ବଡ଼ପୁଅ ପରୀକ୍ଷିତ ଜନ୍ମରୁ ମାନସିକ ବିକାରଗସ୍ତ ଥିବାରୁ କଥା କହି ପାରୁ ନ ଥିଲା । ଯଦିବା ସାନପୁଅ ଗୌରହରି (୨୩ବର୍ଷ) ତାଳଚୁଆ ବଜାରରେ ତେଜରାତି ଦୋକାନ କରିଥିଲେ । କିନ୍ତୁ ବ୍ୟବସାୟରେ କ୍ଷତି ହେବା ପରେ ଗୌରହରି ଦୋକାନ ଭାଙ୍ଗିଦେଇ ତାଙ୍କ ମାମୁ ପାଖରେ ପାରାଦ୍ୱୀପରେ ରହି କାମ କରୁଥିଲା । ଶ୍ରୀଦାମ ଗତ ୪ମାସ ତଳେ ଘରର ଛାତ ପକାଇ ସେହି ଘରେ ରହୁଥିଲେ । ଶ୍ରୀଦାମଙ୍କ ସାନଭାଇ ସୁଦାମଙ୍କ କହିବା କଥା ହେଲା ୨ ତାରିଖ ରାତି ୯ଟା ବେଳେ ସେ ଟ୍ରଲରରୁ ଫେରି ଘରେ ଖାଇ ପିଇ ଶୋଇଥିଲେ । ଭାଇ ଓ ଭାଉଜ ସବୁଦିନ ରାତି ୧୦/୧୧ଟା ପରେ ଖାଇ ପିଇ ଶୁଅନ୍ତି । ଆମଘର ତାଙ୍କଘର ମଝିରେ ଅନ୍ୟ ଏକ ଭାଇର ବନ୍ଦଘର ରହିଛି । ମୂଳଲାଗି ପରିବାରର ପେଟ ପୋଷୁଥିବା ଶ୍ରୀଦାମ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ, ସ୍ତ୍ରୀ ଓ ପୁଅଙ୍କ ମୃତ୍ୟୁ ପରେ ଶ୍ରୀଦାମ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କିଛି କାରଣ ରହିଛି ତାହାକୁ ନେଇ ଏ ଯାଏଁ ପୁଲିସ ସ୍ପଷ୍ଟ କରୁନି ।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଶ୍ରୀଦାମଙ୍କ ପରିବାରର ଆର୍ଥିକ ପରିସ୍ଥିତି ଆଦୌ ଭଲ ନ ଥିଲା । ଏସବୁ ଭିତରେ ବାରମ୍ବାର ଝଡ଼ତୋଫାନରେ ଘର ଭାଙ୍ଗୁ ଥିବାରୁ ଘର ଛାତ ପକାଇବା ଓ ଛୋଟମୋଟ ବ୍ୟବସାୟ ପାଇଁ ସ୍ଥାନୀୟ ସାହୁକାରଙ୍କଠାରୁ ଚଢ଼ା ସୁଧ ହାରରେ ଟଙ୍କା ଆଣିଥିଲେ । ପରିବାରର ରୋଜଗାର ହ୍ରାସ ସାଙ୍ଗକୁ ଋଣ ଭାର ଏତେ ମାତ୍ରରେ ବଢ଼ି ଯାଇଥିଲା ଯେ, ଚିନ୍ତାରେ ଥିଲେ ଶ୍ରୀଦାମ । ମୂଳ ଟଙ୍କାଠାରୁ ସୁଧ ହାର ଢେର ଅଧିକ ହୋଇଯାଇଥିଲା ବୋଲି ଶ୍ରୀଦାମ ବିଭିନ୍ନ ସମୟରେ ଗାଁ ଲୋକଙ୍କୁ କହୁଥିବା ଅନେକ କହିଛନ୍ତି । ଫଳରେ ଋଣ କିପରି ଶୁଝିବେ ସେ ନେଇ ସେ ଚିନ୍ତିତ ହୋଇପଡ଼ିଥିଲେ । ଋଣ ଟଙ୍କା ପରିଶୋଧ କରିବା ପାଇଁ ମଧ୍ୟ ତାଙ୍କ ଉପରେ ବିଭିନ୍ନ ସ୍ଥାନରୁ ଚାପ ପଡୁଥିବା ନେଇ ଅଭିଯୋଗ ହୋଇଛି । ଏହାକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା ବୋଲି କୁହାଯାଉଛି । ଅପରପକ୍ଷେ ତାଙ୍କ ବଡ଼ପୁଅ ଜନ୍ମରୁ କଥା କହିପାରୁ ନ ଥିବାରୁ ପରିବାର ପାଇଁ ତାହା ମଧ୍ୟ ଅନ୍ୟଏକ ଚିନ୍ତାର କାରଣ ପାଲଟିଥିଲା । ଋଣଭାରରେ ବୁଡ଼ି ରହିବା ଏବଂ ଋଣଦାତାଙ୍କ ନିର୍ଯାତନା ଯୋଗୁଁ ସେମାନେ ଏହି ଚରମ ପଦକ୍ଷେପ ନେଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି । ଏହାଛଡ଼ା ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣାରେ ସବୁ ଦିଗକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି । ଆତ୍ମହତ୍ୟା ପୂର୍ବରୁ କିଏ କିଏ ତାଙ୍କ ଘରକୁ ଆସିଥିଲେ ଆଉ କିଏ କିଏ ଫୋନରେ କଥା ହୋଇଥିଲେ, ସେନେଇ ତଦନ୍ତ ଆରମ୍ଭ କରିଛି ପୁଲିସ ।

ଭେଣ୍ଡିଂ ଜୋନ୍ କାହା ସ୍ୱାର୍ଥରେ
ରାସ୍ତାକଡ଼ରେ ଏବେ ବି ପରିବା ବିକୁଛନ୍ତି ଚାଷୀ

ବଣାଇଁ,୧୩।୩(ସମିସ)

କଥାରେ ଅଛି ସରକାର କା ମାଲ ଦରିଆ ମେ ଡାଲ। ବଣାଇଁ ପଞ୍ଚାୟତ ପକ୍ଷରୁ ନିର୍ମିତ ଭେଣ୍ଡିଂ ଜୋନ୍‌କୁ ଦେଖିଲେ ଏହି ଉକ୍ତି ଏଠାରେ ପ୍ରଯୁଜ୍ୟ ବୋଲି ମନେ ହେଉଛି। ବଣାଇଁ ରାସ୍ତା କଡ଼ରେ ପନିପରିବା ବିକ୍ରି କରୁଥିବା ଲୋକଙ୍କୁ ଥଇଥାନ କରିବା ପାଇଁ ତିଆରି ହେଇଛି ଭେଣ୍ଡିଂ ଜୋନ୍। କିନ୍ତୁ ଅନେକ ଦିନ ହେବ ଏହା କାର୍ଯ୍ୟକ୍ଷମ ନ ହେବାରୁ ଚାଷୀମାନେ ଏହାର ସୁବିଧାରୁ ବଞ୍ଚିତ ହୋଇଛନ୍ତି।

ଦୀର୍ଘଦିନ ଧରି ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ବିପଦଜନକ ଅବସ୍ଥାରେ ବଣାଇଁ ଅଞ୍ଚଳର ପରିବା ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରି କରିଆସୁଛନ୍ତି। ଖରା, ବର୍ଷା, ଶୀତ କାକରରେ ବର୍ଷ ବର୍ଷ ଧରି ରାସ୍ତା କଡ଼ରେ ବସି ନିଜ ଉତ୍ପାଦିତ ପନିପରିବା ବିକ୍ରି କରୁଛନ୍ତି। ଚାଷୀଙ୍କ ଏହି ସମସ୍ୟା ଦୂର ପାଇଁ ଦୁଇ ମାସରୁ ଊର୍ଦ୍ଧ୍ୱର୍ ସମୟ ହେବ ବଣାଇଁ କଲ୍ୟାଣ ମଣ୍ଡପ ନିକଟରେ ପଞ୍ଚାୟତ ତରଫରୁ ସାଢ଼େ ୩ ଲକ୍ଷ ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ଆବଣ୍ଟନ କରାଯାଇନାହିଁ। ଫଳରେ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡ଼ରେ ଜୀବନକୁ ବାଜି ଲଗାଇ ପନିପରିବା ବିକ୍ରି କରୁଥିବା ବେଳେ କେତେବେଳେ ଯେ କୌଣସି ଅଘଟଣ ନ ଘଟିବ କହିହେବ ନାହିଁ। ପନିପରିବା କିଣାବିକା କରିବା ପାଇଁ ରାସ୍ତା ଉପରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଭେଣ୍ଡିଂ ଜୋନ ନିର୍ମାଣ ସରିଥିଲେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ଚାଷୀଙ୍କୁ କାହିଁକି ବଣ୍ଟନ କରୁନାହାନ୍ତି, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସନ୍ଧ୍ୟା ହେଲା ମାତ୍ରେ ସେହି ସ୍ଥାନରେ ଅସାମାଜିକ ଲୋକେ ମଦ୍ୟପାନ କରିବା ସହିତ ମଦ ବୋତଲ ଫିଙ୍ଗି ଆବର୍ଜନା କରୁଛନ୍ତି। ଅପରପକ୍ଷରେ ଆଗକୁ ଗ୍ରୀଷ୍ମପ୍ରବାହ ମାଡ଼ି ଆସୁଥିବା ବେଳେ ଚାଷୀ ଖୋଲା ଆକାଶ ତଳେ କିଭଳି ବସିବେ ତାହାକୁ ନେଇ ଚିନ୍ତିତ ଅଛନ୍ତି। ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଭେଣ୍ଡିଂ ଜୋନ ଆବଣ୍ଟନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

୧୫ରେ ଯୁବ ଚେତନା ଦିବସ

ରାଉରକେଲା,୧୩।୩(ସମିସ): ରାଉରକେଲା ମଜଦୁର ସଭାର ସର୍ବମୟ ନେତା, ଭୂତପୂର୍ବ ସାଧାରଣ ସମ୍ପାଦକ ତଥା ରାଉରକେଲାର ପ୍ରଥମ ବିଧାୟକ ସ୍ୱର୍ଗତ ରାଜକିଶୋର ସାମନ୍ତରାୟଙ୍କ ୯୭ତମ ଜୟନ୍ତୀକୁ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଯୁବ ଚେତନା ଦିବସ ଭାବେ ମାର୍ଚ୍ଚ ୧୫ ତାରିଖ ରାଉରକେଲା ମଜଦୁର ସଭା ତରଫରୁ ପାଳନ କରାଯିବ। ଏହି ଅବସରରେ ସନ୍ଧ୍ୟା ସାଢ଼େ ୬ଟାରେ ସହରାଞ୍ଚଳ ୟୁନିଅନ କାର୍ଯ୍ୟାଳୟ ପରିସରରେ 'ଯୁବ ଶ୍ରମିକ ଓ ନୂତନ ଶ୍ରମନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମଜଦୁର ସଭାର ସଭ୍ୟସଭ୍ୟା ଓ ଶୁଭେଚ୍ଛୁମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଅନୁରୋଧ କରାଯାଇଛି।

ବାଇକ ଉପରେ ଚଢ଼ିଗଲା ପିକଅପ୍ ଭ୍ୟାନ; ବାପପୁଅ ଗୁରୁତର

ବଣାଇଁ,୧୩।୩(ସମିସ): ବଣାଇଁ ଥାନା କେନ୍ଦ୍ରିକଳା ଗ୍ରାମ ନିକଟ ପୂର୍ତ୍ତ ବିଭାଗ ରାସ୍ତାର କିସାନ ପେଟ୍ରୋଲ ପମ୍ପ ସାମ୍ନାରେ ବାଇକ୍ ଉପରେ ପିକଅପ୍ ଭ୍ୟାନ ଚଢ଼ିଯିବାରୁ ବାପପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁର୍ତ୍ତା ଗ୍ରାମର ତରଣୀସେନ ସାହୁ ଓ ତାଙ୍କ ପୁଅ ଆୟୁଷ ସାହୁ। କେନ୍ଦ୍ରିକଳା ପଟୁ ନିଜ ଗାଁ ଅଭିମୁଖେ ଏମାନେ ଏକ ବାଇକ୍ ଯୋଗେ ଯାଉଥିବା ସମୟରେ ସାମ୍ନାରେ ଯାଉଥିବା କାର ହଠାତ ବ୍ରେକ ଦେବାରୁ ବାଇକ୍‌ଟି କାର ପଛରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ସହ ତରଣୀସେନ ଓ ଆୟୁଷ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ବଣାଇଁ ସହର ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ବାଇକ ଆରୋହୀ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ବଣାଇଁ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

ଚତୁର୍ଥ ରେଳଲାଇନ୍ ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ଦାବି

ରାଉରକେଲା,୧୩।୩(ସମିସ): ସ୍ଥାନୀୟ ସେକ୍ଟର-୨୧ଠାରୁ ବନ୍ଧମୁଣ୍ଡା କୁକୁଡ଼ା ଗେଟ୍ ପର୍ଯ୍ୟନ୍ତ ରେଳ ବିଭାଗ ଚତୁର୍ଥ ଲାଇନ୍ ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ କରିବା ଦାବିରେ ବୁଧବାର ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ବରକାନି, ଉଡତମ୍, ମହୁଲପଦା, ବନ୍ଧମୁଣ୍ଡା, କପାଟମୁଣ୍ଡା, କୁକୁଡ଼ା, ସନ୍ତୋଷପୁର, ବାରବାଂଶ, ଡୁମେର୍ତ୍ତା, ଦୁର୍ଗାପୁର ଆଦି ମୌଜାର ଲୋକେ ଏଥିରେ ସାମିଲ ହୋଇଥିଲେ। ଏହି ମୌଜାରେ ଥିବା ରକ୍ଷିତ ଜମିଗୁଡ଼ିକ ପାଇଁ ସେମାନେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କୋର୍ଟରେ ଆବେଦନ କରିଛନ୍ତି। ତାହାର ପ୍ରଥମ ଶୁଣାଣି ଏପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ରେଳ ବିଭାଗ ଏହି ଜମିରେ ମାଟିଖୋଳା କାର୍ଯ୍ୟ କରୁଛି। ଅପରପକ୍ଷେ ରେଳ ବିଭାଗ ଏହି ଜମି ଆରଏସପି ନିକଟରୁ ପାଇଛି ବୋଲି ଦାବି କରି ଆସୁଛି। ବର୍ତ୍ତମାନ ସାଧାରଣ ନିର୍ବାଚନ ଯୋଗୁଁ ପ୍ରଶାସନ ବ୍ୟସ୍ତଥିବା ବେଳେ ରେଳ ବିଭାଗ ଏହି ରେଳପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକୁ ଯଥାଶୀଘ୍ର ବନ୍ଦ କରିବାକୁ ଦାବି କରାଯାଇଛି। ଏହି ଅବସରରେ ମହେଶ୍ୱର ତନ୍ତୀ, ଦିଲେଶ୍ୱର ପଲ, ବାନ୍ଦେ ଓରାମ, ସାଗର ମହାନନ୍ଦ, ସତ୍ୟ ଜେନା, କୌଶଲ୍ୟା ଜେନା, ଏସ୍ କୁନାବତୀ, ସାବିତ୍ରୀ ବାରିକ, ସାଲୋମୀ ଜୋଜୋ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଲହୁଣୀପଡ଼ା ତହସିଲ ପକ୍ଷରୁ ରାଜସ୍ୱ ମେଳା

ଲହୁଣୀପଡ଼ା,୧୩।୩(ସମିସ): ଲହୁଣୀପଡ଼ା ବ୍ଲକ ପଡ଼ିଆଠାରେ ବୁଧବାର ଲହୁଣୀପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଛି। ତହସିଲଦାର ବାବୁଲୁ ପେରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲହୁଣୀପଡ଼ା ଜିଲ୍ଲା ପରିଷଦ (କ) ଜୋନ୍ ସଦସ୍ୟା ଜୁଲିଆନି କାଣ୍ଡିର, ଅତିରିକ୍ତ ତହସିଲଦାର ଝସକେତନ ନାୟକ, କାର୍ତ୍ତିଚନ୍ଦ୍ର ନାୟକ, ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଦର୍ଜିଂ ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ଶଙ୍ଖପୋଷ ସରପଞ୍ଚ ପ୍ରେମନାଥ ମୁଣ୍ଡା, ବଡ଼ପୁରୁଣାପାଣି ସରପଞ୍ଚ ଚାଙ୍ଗ ଓରାମ ମଞ୍ଚାସୀନ ଥିଲେ। ଏପିଓ ବିଷ୍ଣୁଚରଣ ନାୟକ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୪ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଜନସାଧାରଣଙ୍କୁ ବିଭାଗ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ଯଥା ଜମିଜମା, ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଅନଲାଇନ ପଟ୍ଟାର ପ୍ରାମାଣିକ ନକଲ ବିଷୟରେ ଅବଗତ କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟ ଯଥା ବଜ୍ରପାତ, ଗ୍ରୀଷ୍ମପ୍ରବାହ, ପ୍ରବଳ ବର୍ଷା, ଡଙ୍ଗାବୁଡ଼ି, ପାଣିରେ ବୁଡ଼ିଯିବା, ସାପକାମୁଡ଼ା ଆଦି କାରଣ ଯୋଗୁଁ ମୃତ୍ୟୁ କ୍ଷେତ୍ରରେ ରହିଥିବା ସହାୟତା ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା। ଲୋକେ ନିଜ କାର୍ଯ୍ୟ କରାଇବା ନିମନ୍ତେ କୌଣସି ତୃତୀୟ ପକ୍ଷକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ, ନିଜ କାର୍ଯ୍ୟ ନିମନ୍ତେ ଅନଲାଇନ ମାଧ୍ୟମରେ ସ୍ଥାନୀୟ ଜନସେବା କେନ୍ଦ୍ର ଉପଯୋଗ କରିବା ଦରକାର କିମ୍ବା ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କିମ୍ବା ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ଅଂଶୁଘାତ ମୁକାବିଲା ନିମନ୍ତେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ରାଜସ୍ୱ ସହାୟକ ନରେନ୍ଦ୍ର କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ରାଜସ୍ୱ ପରିଦର୍ଶକ ରୂପକ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପାତ୍ର, ସରୋଜ କୁମାର ପ୍ରଧାନଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମେଳାରେ ଖାଦ୍ୟ ବିଭାଗର ଯାଞ୍ଚ

ରାଉରକେଲା,୧୩।୩(ସମିସ): ଆରଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସିଦ୍ଧ ବେଦବ୍ୟାସ ମେଳାରେ ଯାଞ୍ଚ କରାଯାଇଛି। ଖାଦ୍ୟ ନିରପତ୍ତା ଅଧିକାରୀମାନେ ମେଳାରେ ଲାଗିଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିଥିଲେ। ଏହାସହ ଦୋକାନୀମାନଙ୍କୁ ଉତ୍ତମ ମାନର ଖାଦ୍ୟ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ।

ଆରଏସପି ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ

ରାଉରକେଲା,୧୩।୩(ସମିସ): ବିଶ୍ୱ ଜଳ ଦିବସ ପାଳନ ଉପଲକ୍ଷେ ସେଲ ରାଉରକେଲା ଇସ୍ପାତ କାରଖାନାର ଜଳ ପରିଚାଳନା ବିଭାଗ (ଡବ୍ଲ୍ୟୁଏମଡି) ଦ୍ୱାରା ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ରାଉରକେଲା ଏବଂ ଏହାର ଆଖପାଖର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଷୟବସ୍ତୁ ଥିଲା "ଭବିଷ୍ୟତ ପାଇଁ ଜଳ"। ଜୁନିଅର ଏବଂ ସିନିୟର ବର୍ଗରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୬୦ରୁ ଅଧିକ ଛାତ୍ରଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ୮୦ରୁ ଅଧିକ ଛାତ୍ରଛାତ୍ରୀ ଚିତ୍ରକଳା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତା ତିନିଟି ଭାଷା ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ ଅନୁଷ୍ଠିତ ହୋଇଥିଲା।

ଡବ୍ଲ୍ୟୁଏମଡି ବିଭାଗ ଜିଏମ ଇନ୍ ଚାର୍ଜ ଦେବଜିତ ରାଭାଙ୍କ ମାର୍ଗଦର୍ଶନରେ ବିଭାଗର ଡେପୁଟି ମ୍ୟାନେଜର ଡିକେ ଦଳେଇ ଏବଂ ବିଭାଗୀୟ ଟିମ୍ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଳ ସଂରକ୍ଷଣ ଏବଂ ଆନୁଷଙ୍ଗିକ ପ୍ରସଙ୍ଗରେ ସଚେତନତା ସୃଷ୍ଟି ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ। ଉଲ୍ଲେଖଯୋଗ୍ୟ, ଜଳ ସଂରକ୍ଷଣ ତଥା କାରଖାନାର ଶୂନ୍ୟ ବର୍ଜ୍ୟଜଳ ନିଷ୍କାସନ ଲକ୍ଷ୍ୟ ହାସଲ ଦିଗରେ ବିଭାଗ ନିରନ୍ତର ଉଦ୍ୟମ ଜାରି ରଖିଛି।

ଯୁବକଙ୍କ ବେକକାଟି ହତ୍ୟା

■ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି

ସୁନ୍ଦରଗଡ଼,୧୩।୩(ସମିସ): ଧରୁଆଡିହି ଥାନା ଅନ୍ତର୍ଗତ ଲମିଟି ଗ୍ରାମରେ ନିର୍ମମ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଜୟାନନ୍ଦ ଓରଫ ଦୟାନନ୍ଦ ସୁନାନୀ (୪୩) ହତ୍ୟାର ଶିକାର ହୋଇଛନ୍ତି। ମଙ୍ଗଳବାର ରାତିରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକାଟି ହତ୍ୟା କରାଯାଇଛି। ବୁଧବାର ଗାଁ ସ୍କୁଲରୁ ପ୍ରାୟ ଶହେ ମିଟର ଦୂରରେ ରାସ୍ତାରେ ଦୟାନନ୍ଦଙ୍କ ମୃତଦେହ ପଡ଼ିଥିଲା। ଅଭିଯୋଗ ପାଇ ଆଇଆଇସି ସଞ୍ଜୁକ୍ତା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୁନ୍ଦରଗଡ଼ରୁ ପୁଲିସ ସାଇଟିଫିକ ଟିମ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ପ୍ରାଥମିକ ତଦନ୍ତ ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ପଠାଇଛି। ତନାଘନା ଚଳାଇ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ମଦ୍ୟପାନ ଜନିତ କାରଣରୁ ଉକ୍ତ ହତ୍ୟାକାଣ୍ଡ ଘଟିଥିବା ପୁଲିସ ହାତରେ ସୂଚନା ଲାଗିଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

୧୭ରୁ ୨୧ ପର୍ଯ୍ୟନ୍ତ ମ୍ୟୁଜିକ ସର୍କଲର ବସନ୍ତ ସମାରୋହ

ରାଉରକେଲା,୧୩।୩(ସମିସ)

ରାଉରକେଲାର ସର୍ବପୁରାତନ ସଙ୍ଗୀତ-ନୃତ୍ୟ ଅନୁଷ୍ଠାନ ମ୍ୟୁଜିକ୍ ସର୍କଲର ୪୭ତମ ବସନ୍ତ ସମାରୋହ ମାର୍ଚ୍ଚ ୧୭ରୁ ୨୧ ଯାଏ ପ୍ରତ୍ୟେକ ସନ୍ଧ୍ୟା ସାଢ଼େ ୬ଟାରୁ ଅନୁଷ୍ଠାନର ମେହେର ଭବନରେ ଅନୁଷ୍ଠିତ ହେବ। ଏ ନେଇ ମ୍ୟୁଜିକ୍ ସର୍କଲ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ଆସନ୍ତା ୧୭ ତାରିଖ ବାସନ୍ତିକ ସାହିତ୍ୟ ଆସର ସହ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ୧୮ ତାରିଖ ଅନୁଷ୍ଠାନ ଦ୍ୱାରା ପରିଚାଳିତ ନୃତ୍ୟ ଏବଂ ସଙ୍ଗୀତ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ତଥା ସ୍ତ୍ରି ଭ୍ୟାଲି ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ପାଳନ, ୧୯ ତାରିଖ ବାସନ୍ତିକା ସମ୍ମାନ, ମୁକ୍ତିକାନ୍ତ ନାଟ୍ୟ ସମ୍ମାନ, ପ୍ରଭାତାଞ୍ଜଳି ସାହିତ୍ୟ ସମ୍ମାନ ଏବଂ ଡା. ପ୍ରଭାତ କୁମାର ଚାନ୍ଦ ସ୍ମୃତି ସମ୍ମାନ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କଳାକାର ଓ ସାହିତ୍ୟିକମାନଙ୍କୁ ପ୍ରଦାନ କରାଯିବା ସହ ଭୁବନେଶ୍ୱରର ଗୁରୁ ମନୋରଞ୍ଜନ ପ୍ରଧାନ ଏବଂ ସାଥୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ୨୦ ତାରିଖ ଭୁବନେଶ୍ୱରର ଗୁରୁ ବଂଶୀଧର ପଣ୍ଡାଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଏବଂ ଗଜଲ ସହ ଇଂ. ପ୍ରତାପ କୁମାର ରାୟଙ୍କ ଦ୍ୱାରା ସୁଗମ ସଙ୍ଗୀତ ପରିବେଷଣ, ୨୧ ତାରିଖ ପୁରୀ ଜିଲ୍ଲା, ରଘୁରାଜପୁରର ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ ସହ ମ୍ୟୁଜିକ୍ ସର୍କଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ଏବଂ ଗଜେନ୍ଦ୍ର ମୁର୍ମୁ ଏବଂ ସାଥୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯିବ ବୋଲି ଦାସ କହିଥିଲେ। ଶ୍ରମମନ୍ତ୍ରୀ ଶାରଦା ପ୍ରସାଦ ନାୟକଙ୍କ ଦ୍ୱାରା ଉଦଘାଟିତ ହେବାକୁ ଥିବା ଏହି ଉତ୍ସବର ବିଭିନ୍ନ ଦିନରେ ରାଉରକେଲା ତଥା ରାଉରକେଲା ବାହାରୁ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ରାକେଶ କୁମାର ସିଂ, ଉପଦେଷ୍ଟା ଲକ୍ଷ୍ମଣନାଥ ଦାସ, ପ୍ରମୋଦ କୁମାର ନାତୁଲ୍ୟ, କିଶୋରଚନ୍ଦ୍ର ନାୟକ, ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ଅଜୟ କୁମାର ପଟ୍ଟନାୟକ, ଅନିନ୍ଦିତା ମାଇତି, ସୁନୀତା ସିଂହ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

କୁଡ୍ରା, ୧୩।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁଡ୍ରା ବ୍ଲକ ଖତକୁରବାହଲ ଉଚ୍ଚ ବିଦ୍ୟାଳୟରେ ଜେଏସଡବ୍ଲ୍ୟୁ ପକ୍ଷରୁ ମଙ୍ଗଳବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ସହକାରୀ ଶିକ୍ଷକ ହେମନ୍ତ କୁମାର ଦେ ଶିବିରକୁ ଉଦଘାଟନ କରିଥିଲେ । କ୍ରୀଡ଼ା ଶିକ୍ଷକ ଜନ୍ମେଜୟ ବେହେରା, ଗୋବିନ୍ଦ ଟପ୍ପୋ ଓ ମହମ୍ମଦ ଇସଲାମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ଜେଏସଡବ୍ଲ୍ୟୁ ତରଫରୁ ଚଷମା ପ୍ରଦାନ କରାଯାଇଥିଲା । ଜେଏସଡବ୍ଲ୍ୟୁ ଅଧିକାରୀ ଅଲେଖ ଚନ୍ଦ୍ର ଦଳେଇ ଓ ଲିମାରୁସ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା ।

ତୁମୁଲିଆ ୫୫୦ କୁଣାହାଁ ସମାଜ ନୂତନ ଗଙ୍ଗାଘାଟି ପୁନର୍ଗଠିତ

ସୁନ୍ଦରଗଡ଼, ୧୩।୩(ସମିସ): ବାଲିଶଙ୍କରା ବ୍ଲକ ତୁମୁଲିଆ ୫୫୦ କୁଣହାଁ (କିସାନ) ସମାଜ ନୂତନ ଗଙ୍ଗାଗୁଡ଼ିର ବୈଠକ ତୁମୁଲିଆ ସରପଞ୍ଚ ଦେବଲାଲ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ନୂତନ ଗଙ୍ଗାଗୁଡ଼ିକୁ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସର୍ବସମ୍ମତି କ୍ରମେ ଦେବେନ୍ଦ୍ର ପ୍ରସାଦ ମାଝୀ ସଭାପତି, ସୁରେନ୍ଦ୍ର ମାଝୀ, ନରେଶ ଲାକ୍ରା, ବୀଣା ମାଝୀ, ସୁସ୍ମିତା ମାଝୀ, ଛାଲ ମାଝୀ ଉପସଭାପତି, ଅଭିମନ୍ୟୁ ବାଡ଼ା ସାଧାରଣ ସମ୍ପାଦକ, ଇଗ୍ନେସ ଏକ୍କା, ନନ୍ଦିନୀ କିସାନ, ଅନନ୍ତ ମାଝୀ, ସୁକାନ୍ତି ମିଞ୍ଜ ସହ ସମ୍ପାଦକ, ନରେନ୍ଦ୍ର ମିଞ୍ଜ କୋଷାଧ୍ୟକ୍ଷ ଓ ମନ୍ଦାକିନୀ ମାଝୀ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପବିତ୍ର ଲାକଡ଼ା, ମଧୁ ମାଝୀ, ଅଶୋକ ମିଞ୍ଜ, କଲ୍ୟାଣୀ ମାଝୀ, ଗୁଡ଼ିର ମୁଖ୍ୟପରାମର୍ଶଦା ଭାବେ ଭୀମସେନ ମାଝୀ, ଦେବଲାଲ ଲାକଡ଼ା, ଗୋପୀ କିସାନ, ଧନେଶ୍ୱର ମାଝୀ ପ୍ରମୁଖ ମନୋନୀତ ହୋଇଛନ୍ତି । ଏ ଅବସରରେ ବାଏଡ୍‌ମାନଙ୍କୁ ନେଇ ୧୩ଟି ଗ୍ରାମସଭା କମିଟି ଓ ୧୩ଟି ମହିଳା ମଣ୍ଡଳ କମିଟି ଗଠନ କରାଯାଇଛି ।

କାର୍ଯ୍ୟକ୍ଷମ ପୂର୍ବରୁ ଆବର୍ଜନା ଗୃହ ନଷ୍ଟ

● କୋଡ଼ିଏ ଲକ୍ଷ ଟଙ୍କା ବରବାଦ

ହେମଗିରି, ୧୩।୩(ସମିସ): ହେମଗିରି ବ୍ଲକ ଅନ୍ତର୍ଗତ ସମସ୍ତ ଆବର୍ଜନା ସଂଗ୍ରହ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପୂର୍ବରୁ ନଷ୍ଟ ହେଲାଣି । ଝରକା ଜାଲି ଚୋରି ହୋଇଥିବାବେଳେ ଏଗୁଡ଼ିକ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସରକାର ସ୍ୱଚ୍ଛ ଭାରତର ଡିଣ୍ଡିମ ପିଟୁଥିବା ବେଳେ ହେମଗିରି ଡିଏମ୍‌ଏଫ୍ ବ୍ଲକ ହୋଇ ସୁଦ୍ଧା ଆବର୍ଜନା ସଂଗ୍ରହ ଓ ସ୍ଥାନାନ୍ତର କାର୍ଯ୍ୟ ବନ୍ଦ ରହିଛି ।

ଆବର୍ଜନା ସଫେଇ କାର୍ଯ୍ୟ ବନ୍ଦ ପରଠାରୁ କୁଢ଼ କୁଢ଼ ଆବର୍ଜନା ଏଣେତେଣେ ଗଦା ହୋଇ ରହିଛି । ସରକାର ଡିଏମ୍‌ଏଫ୍ ଅର୍ଥକୁ ବିନିଯୋଗ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ସ୍ଥାନରେ ଆବର୍ଜନା କେନ୍ଦ୍ର ନିର୍ମାଣ କରିଥିଲେ । ହେଲେ ସେସବୁ ବ୍ୟବହାର ପୂର୍ବରୁ ହିଁ ପରିମଳ ଯୋଜନାକୁ ବନ୍ଦ କରିଦିଆଯାଇଛି । ଫଳରେ ଅଞ୍ଚଳର ଆବର୍ଜନା ଗାଡ଼ିଚାଳକ ଓ ଝାଡୁଦାରମାନେ ବେରୋଜଗାର ହୋଇଥିବାବେଳେ ଆବର୍ଜନା କେନ୍ଦ୍ରଗୁଡ଼ିକ ନଷ୍ଟ ହେବାକୁ ବସିଲାଣି ।

● ଓଭରଟେକ୍ ବେଳେ କାର୍ ଦୁର୍ଘଟଣାଗ୍ରସ୍ତ

ମାଲିକ ମୃତ, ଚାଳକ ଗୁରୁତର

ରାଉରକେଲା/ସୁନ୍ଦରଗଡ଼, ୧୩।୩(ସମିସ)

ଏକ ଟ୍ରକକୁ ଓଭରଟେକ କରିବା କାଳ ହୋଇଛି । ଆଗରେ ଯାଉଥିବା ଟ୍ରକ ସାଇଡ୍ ନ ଦେବାରୁ କାରଟି ଟ୍ରକ ଓ ରାସ୍ତାରେ ଥିବା ଏକ ପୋଲର ସୁରକ୍ଷା ବାଡ଼ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କାର ମାଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି । ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରାଣୀବଗିଚା ବାଇପାସ୍ ନିକଟରେ ବୁଧବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି । ମୃତକ ହେଲେ ବିଶ୍ରା ଅଞ୍ଚଳର ଦୀନଦୟାଳ ଅଗ୍ରୱାଲ । ସେ ରାଉରକେଲା ବଣିକ ସଂଘର ପୂର୍ବତନ ସଭାପତି ବୋଲି ସୂଚନା ମିଳିଛି । ଦୀନଦୟାଳ ତାଙ୍କ ପତ୍ନୀଙ୍କୁ ଆଣିବା ପାଇଁ କାରରେ ଚାଳକଙ୍କ ସହ ଝାରସୁଗୁଡ଼ା ଅଭିମୁଖେ ଯାଇଥିଲେ । ଅପରାହ୍ନ ପ୍ରାୟ ଦେଢ଼ଟାରେ କାର ଆଗରେ ଯାଉଥିବା ଲୁହା ବୋଝେଇ ଟ୍ରକକୁ ଓଭରଟେକ କରିବା କୁ ଚାଳକ ଉଦ୍ୟମ କରିଥିଲେ । ତେବେ ଟ୍ରକ ସାଇଡ ନ ଦେବାରୁ ଏବଂ ଆଗରେ ପୋଲ ଥିବାରୁ କାର ଟ୍ରକ ସହ ଧକ୍କା ହୋଇ ପୋଲ ସୁରକ୍ଷା ବାଡ଼ରେ ପିଟି ହୋଇଥିଲା । ଘଟଣାସ୍ଥଳରେ ଦୀନଦୟାଳଙ୍କ ମୃତ୍ୟୁ ଘଟିଥିଲା ।

ଦୀନଦୟାଳଙ୍କ ଫାଇଲ୍ ଫଟୋ

ପୁଲିସ ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ରାଜପଥ ପାର୍ଶ୍ୱ ପଡ଼ିଆରେ ସାପ୍ତାହିକ ହାଟ ଉଦ୍‌ଘାଟିତ

ଲହୁଣୀପଡ଼ା, ୧୩।୩(ସମିସ): ଲହୁଣୀପଡ଼ା ବ୍ଲକ ବଡ଼ପୁରୁଣାପାଣି ପଞ୍ଚାୟତ ୧୪୩ ନମ୍ବର ଜାତୀୟ ରାଜପଥର ସମରଦରି ଛକ ନିକଟ ବଡ଼ପୁରୁଣାପାଣି ପଡ଼ିଆଠାରେ ମଙ୍ଗଳବାର ସାପ୍ତାହିକ ହାଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଲହୁଣୀପଡ଼ା ଏବିଡିଓ ଶ୍ୟାମ ମାଝୀ ଏହି ହାଟ ଉଦଘାଟନ କରିଥିଲେ । ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଭଗବତ ଟୁଡୁ, ଏପିଓ ବିଷ୍ଣୁ ଚରଣ ନାୟକ, ବଡ଼ପୁରୁଣାପାଣି ପଞ୍ଚାୟତ ସରପଞ୍ଚ ଚାଙ୍ଗ ଓରାମ, ସମିତି ସଭ୍ୟ ଶୁଶାନ୍ତ ମୁଣ୍ଡାରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲୁଥାର ଓରାମ, ପୂର୍ବତନ ସରପଞ୍ଚ ସାରୁ ଓରାମ, ଭଜନ କିଷାନ ପ୍ରମୁଖ ଉପସ୍ଥିତ ଥିଲେ । ଗମନାଗମନ ଦୃଷ୍ଟିରୁ ହାଟଟି ଉପଯୁକ୍ତ ସ୍ଥାନରେ ବସିଥିବାରୁ ଲୋକଙ୍କ ପାଇଁ ସୁବିଧା ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ହାଟରେ ପନିପରିବାଠାରୁ ଆରମ୍ଭ କରି ଗୃହପାଳିତ ପଶୁପକ୍ଷୀ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାବିକା ହେବ ବୋଲି କୁହାଯାଇଛି । ବଡ଼ପୁରୁଣାପାଣି ପଞ୍ଚାୟତ ପିଇଓ ସମା କେରକେଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପ୍ରଥମ ଦିନରେ ହାଟରେ ଲୋକଙ୍କ ସମାଗମ ସହ ପନିପରିବା କ୍ରୟବିକ୍ରୟ ହୋଇଥିଲା ।

■ ମାଟ୍ରିକ ପାସ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

ଉପକୃତ ହେବେ ଜିଲ୍ଲାର ୧୪୯୩୨ ଛାତ୍ରଛାତ୍ରୀ

ସୁନ୍ଦରଗଡ଼, ୧୩।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଗତବର୍ଷ ମାଟ୍ରିକ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଏଥିରେ ଜିଲ୍ଲାର ୧୪୯୩୨ ଛାତ୍ରଛାତ୍ରୀ ଉପକୃତ ହେବେ । ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ ପାଣ୍ଠିରୁ ଏଥିରେ ବାର୍ଷିକ ୧୨.୯୨ କୋଟି ଟଙ୍କା ପ୍ରଦାନ କରାଯିବ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ପାରାଗ ଗଭାଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଡିଏମଏଫର ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇବାରେ ସାହାଯ୍ୟ କରିବ ବୋଲି କହିଥିଲେ । ତଳସରା ବିଧାୟକ ଭବାନୀଶଙ୍କର ଭୋଇ ପଦକ୍ଷେପକୁ ପ୍ରଶଂସା କରି ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଖଣି ପ୍ରଭାବିତ ବ୍ଲକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବୃଦ୍ଧି କରିବ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଆଜି ଛାତ୍ରଛାତ୍ରୀମାନେ ଯେଉଁ ପରିମାଣର ଅର୍ଥ ପାଉଛନ୍ତି ତାହା ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ସହାୟକ ହେବ ବୋଲି କହିଥିଲେ । ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଶିକ୍ଷା ସର୍ବଦା ସାମାଜିକ ପରିବର୍ତ୍ତନ ପାଇଁ ଏକ ସାଧନ ହୋଇଆସିଛି ଏବଂ ଆମକୁ ଯଥାସମ୍ଭବ ଶିକ୍ଷା କ୍ଷେତ୍ରରେ ବିନିଯୋଗ ଜାରି ରଖିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ୧୯ ଛାତ୍ରଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା । ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୪୦ ହଜାର ଟଙ୍କା, ୮୦ ପ୍ରତିଶତରୁ ୯୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୨୦ ହଜାର ଟଙ୍କା, ୭୦ରୁ ୮୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଥିବା ଛାତ୍ରଚାତ୍ରୀଙ୍କୁ ୧୫ ହଜାର ଟଙ୍କା ଓ ୬୦ରୁ ୭୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୭ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଛି । ଏତଦବ୍ୟତୀତ, ଅତିଥିଙ୍କ ଦ୍ୱାରା ଜିଲ୍ଲାର ଦୃଷ୍ଟିହୀନ ପିଲାମାନଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି ।

ଜମି ଓ ଅନୁଦାନ ଦାବି କଲା ଭୂୟାଁ ସାଂସ୍କୃତିକ ସମାଜ

ସୁନ୍ଦରଗଡ଼, ୧୩।୩(ସମିସ): ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ସଭାପତି ଧ୍ରୁବ କାଲୋ ଓ ଏସଡିସି ଅଧ୍ୟକ୍ଷ ଲକ୍ଷ୍ମୀ ନାଏକଙ୍କ ନେତୃତ୍ୱରେ ଭୂୟାଁ ସମାଜର ପ୍ରତିନିଧି ମଣ୍ଡଳୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରେ ଭୂୟାଁ ସମାଜ ପାଇଁ କେତେକ ଦାବି ଜଣାଇଛନ୍ତି । ଭୂୟାଁ ଭବନ ନିର୍ମାଣ ପାଇଁ ରାଜଧାନୀ ଭୁବନେଶ୍ୱରରେ ୧ ଏକର ଜମି ଓ ୨ କୋଟି ଟଙ୍କା ଅନୁଦାନ ସହ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ମାଦ୍ରି କାଲୋଙ୍କ ନାମରେ ନାମକରଣ କରିବାକୁ ଦାବି କରିଛନ୍ତି । ଆଦିବାସୀ ଭୂୟାଁ ସମାଜର ୨୫ ଲକ୍ଷ ଲୋକେ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ବସବାସ କରୁଛନ୍ତି । ସେହିପରି ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆସାମ ଆଦି ରାଜ୍ୟରେ ମଧ୍ୟ ଏହି ଜାତିର ଲୋକେ ଅଛନ୍ତି । ଭୂୟାଁ ସମାଜର ସଂସ୍କୃତି, ପରମ୍ପରା, ଚାଲିଚଳଣି ଓ ରାଜନୈତିକ ଇତିହାସ ଅତି ଗୁରୁତ୍ୱପୂର୍ଣ୍ଣ । ସମାଜର ଜନନାୟକ ବୀର ଧରଣୀଧର ନାଏକ, ବୀର ରତ୍ନ ନାଏକ ଓ ବିପ୍ଳବୀ ମାଦ୍ରି କାଲୋ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ ସରକାର ବିରୋଧରେ ଲଢ଼ି ବଳିଦାନ ଦେଇଛନ୍ତି । ସମାଜର କେନ୍ଦୁଝର ମାଟିର ଚାଷୀପୁଅ ଦୈତାରୀ ନାଏକ ଜଙ୍ଗଲରେ କେନାଲ ଖୋଳି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ରାଜନୀତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ଅନେକ ନେତା ଓଡ଼ିଶା ବିକାଶରେ ପ୍ରମୁଖ ଭୂମିକା ନିଭାଇଛନ୍ତି ବୋଲି ସେମାନେ ଦର୍ଶାଇଛନ୍ତି । ଏହି ପ୍ରତିଷ୍ଠିତ ଭୂୟାଁ ସମାଜର କେନ୍ଦ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ପରିଚାଳିତ ହେଉଥିବାରୁ ନିଜସ୍ୱ କାର୍ଯ୍ୟାଳୟ ସ୍ଥାପନ ପାଇଁ ଜମି ଓ ଅନୁଦାନ ଯୋଗାଇଦେବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ ନାଏକ, ଉପସଭାପତି ବିଶିକେଶନ ନାଏକ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଶେଖର ଗିରି, କୋଷାଧ୍ୟକ୍ଷ ନବୀନ ଚନ୍ଦ୍ର ଗୁରୁ, ସହ ସମ୍ପାଦକ ମାନସୀ ନାଏକ, ସମ୍ପାଦକ ରାମବାବୁ ନାଏକ, ଭୀମସେନ ନାଏକ, ଜଗଦୀଶ ନାଏକ, ଗୟା ପ୍ରସାଦ ନାଏକ, ମଦନମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ଭାଲୁଡୁଙ୍ଗୁରିରେ ନିମ୍ନମାନର ଛତୁଆ ବଣ୍ଟନ

ଗୁରୁଣ୍ଡିଆ, ୧୩।୩(ସମିସ): ଗୁରୁଣ୍ଡିଆ ବ୍ଲକ ଭାଲୁଡୁଙ୍ଗୁରି ପଞ୍ଚାୟତ ମଙ୍କଡ଼ଚୁଆ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଓ ଗର୍ଭବତୀ ତଥା ପ୍ରସୂତିଙ୍କୁ ଅତ୍ୟନ୍ତ ନିମ୍ନମାନର ଛତୁଆ ବିତରଣ କରାଯାଉଥିବା ଅଭିଯୋଗ ହୋଇଛି । ପୁଷ୍ଟିହୀନତା ଦୂର ପାଇଁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଶିଶୁ, ଗର୍ଭବତୀ, ପ୍ରସୂତି ମାଆଙ୍କୁ ପ୍ରତିମାସ ଛତୁଆ ବଣ୍ଟନ କରାଯାଉଛି । ତେବେ ମାଙ୍କଡ଼ଚୁଆ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଛତୁଆ ଛତୁଆରେ ପୋକ ସାଲୁବାଲୁ ହେଉଥିବା ସହ କୁଟାକାଠି ଆଦି ବାହାରୁଥିବା ଦେଖିବାକୁ ମିଳିଛି । ଏହି ଛତୁଆ ଅତ୍ୟନ୍ତ ଅସ୍ୱାସ୍ଥକର ଓ ନିମ୍ନମାନର ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ଯୋଜନା ଏଠାରେ ଫେଲ୍ ମାରିବା ସହ ଆଗାମୀ ଦିନରେ ଏଭଳି ଅସ୍ୱାସ୍ଥ୍ୟକର ଛତୁଆ ଖାଇ ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ହିତାଧିକାରୀ ଦାବି କରିଛନ୍ତି ।

ଫଳ ଓ ପରିବା ଅମଳ ପରବର୍ତ୍ତୀ ଯତ୍ନ ତାଲିମ

ସୁନ୍ଦରଗଡ଼, ୧୩।୩(ସମିସ): କିରେଇସ୍ଥିତ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ୨୦ ଜଣ ସୁପରଭାଇଜରଙ୍କୁ ନେଇ ଦୁଇ ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ବଳକା ହେଉଥିବା ଫଳ ଓ ପନିପରିବା ଓ ଅଭାବୀ ବିକ୍ରିର ସମସ୍ୟାକୁ ଦୃଷ୍ଟିରେ ରଖି 'ଫଳ ଓ ପନିପରିବାର ଅମଳ ପରବର୍ତ୍ତରୀ ଯତ୍ନ' ସମ୍ପର୍କିତ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ପ୍ରଶିକ୍ଷକ ଭାବେ ଫଳ ଓ ପନିପରିବାର ଅମଳ ପରବର୍ତ୍ତୀ ଯତ୍ନ, ସଂରକ୍ଷଣ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ତଥା ଟମାଟୋ ସସ୍, କେଚଅପ୍, ପ୍ୟୁରି, ପାଉଡର, ସପୁରି ଓ କମଳାର ସ୍କ୍ୱାସ୍ ଓ ଆରଟିଏସ୍ ଉପରେ ତାଲିମ ଦେବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ବୁଝାଇଥିଲେ । କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମ୍‌ସ ବାଗେ ପୋଷଣ ଆବଶ୍ୟତା ଉପରେ ଆଲୋଚନା କରିଥିଲେ । ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ପ୍ରଶାକ୍ଷାର୍ଥୀଙ୍କୁ ବିଭିନ୍ନ ଫଳ ଓ ପନିପରିବା ସଂରକ୍ଷଣର ଆବଶ୍ୟକତା ଓ ପୋଷକତତ୍ତ୍ୱ ବଜାୟ ରଖିବାର ବିଭିନ୍ନ ପଦ୍ଧତି ଉପରେ ଦିଗଦର୍ଶନ ଦେଇଥିଲେ । ଫଳ ଓ ପନିପରିବାକୁ ସାଇତି ରଖିବା ପାଇଁ ବିଭିନ୍ନ ପ୍ୟାକେଜିଂ ପଦାର୍ଥ ପ୍ରଦର୍ଶନ କରାଯାଇଥିଲା । ତାଲିମ ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ରାସାୟନିକ ସଂରକ୍ଷକ ପ୍ରଦାନ କରାଯାଇଛି । ବିଷୟବସ୍ତୁ ବିଶେଷଜ୍ଞ ଡ. ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ଅରୁଣ ମିଶ୍ର, ବିଦ୍ୟାଧର ଟୁଡୁ, ମୟୁଖ ଅଧିକାରୀ, କମଳଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବାପାମାଆଙ୍କ ମୃତ୍ୟୁ ପରେ ଦୁର୍ଦ୍ଦଶାରେ ୨ ନାବାଳକ

ସୁନ୍ଦରଗଡ଼, ୧୩।୩(ସମିସ)

ସୁନ୍ଦରଗଡ଼ ସଦର ବ୍ଲକ ଦେଉଳୀ ପଞ୍ଚାୟତ ମୁଗ୍ରିପଡ଼ାର ଏକ ଗରିବ ଆଦିବାସୀ ଦମ୍ପତିଙ୍କ ଅକାଳ ବିୟୋଗ ପରେ ତାଙ୍କ ୨ ନବାଳକ ପୁଅ ଘୋର ଦୁର୍

ଜେଲ ଗଲେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଭବାନୀପାଟଣା, ୧୩।୩ (ସମିସ): ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଜେଲ୍ ଯିବାକୁ ପଡ଼ିଛି। ତାଙ୍କୁ ଭିଜିଲାନ୍ସ ଗିରଫ କରଥିଲା। ଚଢଉ ବେଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ରୂପେ ୬୫ ଲକ୍ଷ ୭୪ ହଜାର ୪୬୮ ଟଙ୍କା ପାଇଛି; ଯାହାକି ସରକାରୀ ହିସାବ ଅନୁସାରେ ନିଜ ଆୟଠାରୁ ୧୬ଶହ ପ୍ରତିଶତ ଅଧିକ। ଏହା ବ୍ୟତୀତ ଗୋଲାମୁଣ୍ଡା ଷ୍ଟେଟ ବ୍ୟାଙ୍କରେ ୭୨ ହଜାର ଟଙ୍କା ଥିବା ବେଳେ ୨ଲକ୍ଷରୁ ଅଧିକ ଟଙ୍କାର ୩ଟି ବାଇକ୍, ୫୨ଲକ୍ଷର ଏକ ଅଟ୍ଟାଳିକା ଏବଂ କିଛି ପରିମାଣର ସୁନା ଗହଣା, ଜମି ଇତ୍ୟାଦିର କାଗଜ ଭିଜିଲାନ୍ସ ଜବତ କରିଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶବରଖି ପ୍ରତିବାଦ

ବଲାଙ୍ଗିର, ୧୩।୩(ସମିସ): ବୁଧବାର ଅପରାହ୍ନରେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ମୃତଦେହ ରଖି ପ୍ରତିବାଦ କରାଯାଉଥିବା ଦେଖିବାକୁ ମିଳିଥିଲା। ସ୍ପିଡ ବାଇକର୍ସଙ୍କ ବେପରୁଆ ଗାଡିଚାଳନା ପାଇଁ ଏକ ପରିବାରର ରୋଜଗାରିଆଙ୍କ ବ୍ୟକ୍ତିଙ୍କ ଜୀବନ ଗଲା ବୋଲି ପ୍ରତିବାଦ କରୁଥିବା ଲୋକମାନେ କହୁଥିଲେ। ସୂଚନା ଅନୁସାରେ, ସ୍ଥାନୀୟ ସାଲେପାଲିର ହାଡୁ ମହାକୁର ଗତ ଦୁଇଦିନ ତଳେ କାମ କରି ଘରକୁ ଫେରୁଥିଲେ। ଏହି ସମୟରେ ଟ୍ରାନ୍ସପୋର୍ଟ ଗ୍ୟାରେଜ ନିକଟରେ ଏକ ବାଇକ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ, ହାତ, ଗୋଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସେମାନେ ମୃତଦେହ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ସେଠାରେ ଶବ ରଖି ପ୍ରତିବାଦ ଜଣାଇଥିଲେ। ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଡକ୍ରସ ପାଣ୍ଡି ତରଫରୁ ତାଙ୍କର ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରାୟ ଦୁଇଘଣ୍ଟା କାଳ ପ୍ରତିବାଦ କରିବା ପରେ ଅନୁକମ୍ପାମୂଳକ ସହାୟତା ପ୍ରତିଶ୍ରୁତି ପାଇ ଲୋକେ ପ୍ରତିବାଦରୁ ଓହରିଥିଲେ।

ଗୋକୁଳେଶ୍ୱରରେ ବିଜେଡି ବୈଠକ

ଭବାନୀପାଟଣା, ୧୩।୩ (ସମିସ): ଗକୁଳେଶ୍ୱରରେ ସ୍ଥାନୀୟ ଅଧିବାସୀ, ମହିଳା କର୍ମକର୍ତ୍ତା, ସ୍ୱୟଂ ସହାୟକ ଗ୍ରୁପ ଏବଂ ବିଜୁ ପରିବାରର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକ ଯୋଗଦେଇ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଜନାଦୃତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହ 'ଆମ ଓଡ଼ିଶା, ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଲୋକାଭିମୁଖୀ ଯୋଜନା କିଭଳି ହାତ ପାହାନ୍ତାରେ ସମସ୍ତଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ସେହିଭଳି ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ଦୃଢ କରିବା ସହ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ପ୍ରତିଜ୍ଞା ବଦ୍ଧ ହୋଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ 'ୟ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। ରାଜୀବ ଶତପଥୀ, ଲାଲୁ ନିଆଳ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ଆଜି ଆନ୍ଦୋଳନ

ସମ୍ବଲପୁର, ୧୩।୩(ସମିସ): ସମ୍ବଲପୁର ଆର.ଡ଼ି.ସି ଅଫିସ ଘେରିବାକୁ ଜିଲ୍ଲା କୃଷକ ସଂଗଠନ ନିଷ୍ପତ୍ତି ନେଇଛି। ଆସନ୍ତା କାଲି ଦିନ ୧୧ଟାରେ ଘେରାଉ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀର ଦୁର୍ଦ୍ଦଶା ଲାଗି ସରକାର ଦାୟୀ। ରାଜନୈତିକ ଦଳ ଓ ସରକାର ଚାଷୀର ସମସ୍ୟା ଓ ଦାବୀକୁ ନେଇ ନୀରବ ରହୁଛନ୍ତି। ଆନ୍ଦୋଳନରତ ଚାଷୀଙ୍କ ଉପରେ ଚାଲିଛି ଲାଠି ଗୁଳିରେ ଦମନ କରାଯାଉଛି। କେନ୍ଦ୍ରର ୩ କଳା କୃଷି ଆଇନ ପ୍ରତ୍ୟାହର ପାଇଁ ବାଧ୍ୟ ହେଇଥିଲେ। କିନ୍ତୁ ସେ ସମୟରେ ଯାହାଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜିବି ଅପୂରଣୀୟ ହୋଇରହିଛି। ଜାତୀୟ ସଂଯୁକ୍ତ କିସାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ଆନ୍ଦୋଳନ କରାଯିବ। ଏମଏସ୍‌ପିକୁ ଆଇନଗତ ମାନ୍ୟତା, ସ୍ୱାମୀନାଥନ୍‌ଙ୍କ ସୁପାରିଶ ଆଧାରରେ କୃଷିଜାତ ଦ୍ରବ୍ୟର ଦର ସ୍ଥିର(ସି୨+ ୫୦%), ସ୍ୱାମୀନାଥନ ସୁପାରିଶ କାର୍ଯ୍ୟକାରୀନ ହେବାଯାଏଁ ରାଜ୍ୟ ସରକାର କୁଂଟାଲ ପିଛା ୫୦୦ଟଙ୍କା ବୋନସ୍ ପ୍ରଦାନ, ଡ଼ବ୍ଲୁଟିଓ'ର ଚାଷୀ ବିରୋଧୀ ପ୍ରାବଧାନ ରଦ୍ଦ, କୃଷିଋଣ ଛାଡ଼, ଚାଷୀ ଆନ୍ଦୋଳନ ଉପରେ ସରକାରୀ ଦମନ ବନ୍ଦ, ସଂସଦରେ ଥିବା ବିବାଦୀୟ ବିଜୁଲୀ ବିଲ୍ ପ୍ରତ୍ୟାହର, ଓଡ଼ିଶାରେ ଟାଟା ପାୱାର ଶୋଷଣ ବନ୍ଦ କରି ଜଳସେଚନ ପାଇଁ ବ୍ୟବହୃତ ବିଜୁଲୀକୁ ଦେୟମୁକ୍ତ କରିବା, ଅଦିନିଆ ବର୍ଷା ଓ ବାତ୍ୟା ଲାଗି ବାକିଆ ରହିଥିବା କ୍ଷତିପୂରଣ ଶୀଘ୍ର ପ୍ରଦାନ, ରବି ଧାନ ବିକ୍ରିର ଫଜୀକରଣ ଜନିତ ସମସ୍ୟାର ଦୂରୀକରଣ ଓ କୃଷି କ୍ଷେତ୍ରର କମ୍ପାନୀକରଣଜନିତ ଉଦ୍ୟମର ବିରୋଧ ଭଳି ଦାବୀ ରହିବ। ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ବହୁସଂଖ୍ୟାରେ ଚାଷୀମାନେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଅଶୋକ ପ୍ରଧାନ, ସଂଯୁକ୍ତ କିସାନ ମୋର୍ଚ୍ଚାର ଓଡ଼ିଶା ପ୍ରତିନିଧି ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ମିଶ୍ର, ଜିଲ୍ଲା ସମ୍ପାଦକ ଦେବେନ ପ୍ରଧାନ, ସଂଯୋଜକ ବୈ୍ୟମକେଶ ଠାକୁର, ଓ ପ୍ରବକ୍ତା-ସରୋଜ ମହାନ୍ତି ସୂଚନା ଦେଇଛନ୍ତି।

ଅବହେଳିତ ଶୁଆଣୀପୀଠ

ନଷ୍ଟ ହେଉଛି ପ୍ରାଚୀନ ଶିଳାଲେଖ, ସୁରକ୍ଷା ଲୋଡ଼ା

ସମ୍ବଲପୁର, ୧୩।୩ (ସମିସ)

ପଶ୍ଚିମ ଓଡ଼ିଶା ପ୍ରମୁଖ ଜିଲ୍ଲା ସମ୍ବଲପୁରରେ ଅନେକ ମନ୍ଦିର, ଦେବୀପୀଠ, ମଠ, ଶୈବପୀଠ ରହିଛି। ଏହା ସହ ବର୍ଷ ତମାମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ପର୍ଯ୍ୟଟନସ୍ଥଳୀ ରହିଛି। ଘଞ୍ଚ ଜଙ୍ଗଲ ଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଏହି ପର୍ଯ୍ୟଟନ ସ୍ଥଳ ଗୁଡ଼ିକ ରହିଛି। ଏସବୁ ସ୍ଥାନକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ଆସି ସମୟ ଅତିବାହିତ କରନ୍ତି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। କୋଟି ଟଙ୍କା ଅନୁଦାନ ଦେଇ ପର୍ଯ୍ୟଟନ ସ୍ଥଳର ବିକାଶ କରାଯାଉଛି। ପର୍ଯ୍ୟଟକ ମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆସୁଛି। ସ୍ଥାନୀୟ ଲୋକମାନେ ରୋଜଗାର ପାଉଛନ୍ତି। ହେଲେ ଜିଲ୍ଲାରେ କେତେକ ପର୍ଯ୍ୟଟନ ସ୍ଥଳ ଆଜି ମଧ୍ୟ ଦୃଷ୍ଟି ଆଡୁଆଳରେ ରହିଛି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଏହି ପର୍ଯ୍ୟଟନ ସ୍ଥଳ ଅବହେଳିତ ହୋଇ ପଡ଼ିଛି। ଯାହା ଲୋକ ଲୋଚନକୁ ଆସି ପାରିନାହିଁ। ଏଭଳି ଏକ ପର୍ଯ୍ୟଟନ ସ୍ଥଳ ହେଉଛି ରେଢ଼ାଖୋଲ ଉପଖଣ୍ଡର ବଂଶାଜାଲ ଗ୍ରାମରେ ଦେବୀ ଶୁଆଣୀଙ୍କ ପୀଠ। ଯାହା ବିକାଶର ଠାରୁ ବହୁ ଦୂରରେ ରହିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡର ବଂଶାଜାଲ ଗ୍ରାମକୁ ଲାଗି ରହିଥିବା ଘଞ୍ଚ ଜଙ୍ଗଲ ଓ ପାହାଡ଼ ଉପରେ ରହିଛି ଦେବୀ ଶୁଆଣୀଙ୍କ ପୀଠ। ଜଙ୍ଗଲ ଓ ଚିରସ୍ରୋତା ଝରଣା ଏହି ପୀଠକୁ ଅଧିକ ଆକର୍ଷିତ କରି ଆସୁଛି। ଏହି ପୀଠକୁ ଯିବା ପାଇଁ ଜଙ୍ଗଲ ଭିତରେ ରହିଛି ପାଦ ଚଳା ରାସ୍ତା। କେଉଁ ଆବାହମାନ କାଳରୁ ମାଁ ଏଠାରେ ପୂଜା ପାଇଆସୁଛନ୍ତି। ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାରରେ ଏଠାରେ ପ୍ରସିଦ୍ଧ ଶୁଆଣୀ ଯାତ୍ରା ହୋଇଥାଏ। କୁହାଯାଏ ରେଢ଼ାଖୋଲରେ ରାଜା ଶାସନ ଚାଲୁଥିବା ସମୟରେ ଖୁବେଲଗଡ଼ ଜମିଦାରଙ୍କ ତତ୍ତାବଧାନରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ରାଜା ଓ ଜମିଦାରଙ୍କ ପରଠାରୁ ଅଞ୍ଚଳବାସୀ ଏହି ଯାତ୍ରାକୁ ବହୁ ଆଡମ୍ବର ସହ ପାଳନ କରି ଆସୁଛନ୍ତି। ରେଢ଼ାଖୋଲ ସହର ଠାରୁ ମାତ୍ର ୧୭କିମି ଦୂରରେ ବଂଶଜାଲ ଗ୍ରାମ ରହିଛି। ଏଠାରେ ଥିବା ଶୁଆଣୀ ଦେବୀଙ୍କୁ ନେଇ ଅନେକ କିମ୍ବଦନ୍ତୀ ଓ ଲୋକକଥା ରହିଛି। ଦେବୀଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଅପାର ଭକ୍ତି ଓ ବିଶ୍ୱାସ ରହିଛି।

ସାରଳା ଦାସଙ୍କ ମହାଭାରତରେ ମଧ୍ୟ ସ୍ୱର୍ଗାରୋହଣ ପର୍ବରେ ଦେବୀ ଶୁଆଣୀଙ୍କ କଥା ବର୍ଣ୍ଣିତ ଥିବା ଲୋକେ କହନ୍ତି। ବଂଶଜାଲ ଗ୍ରାମ ନିକଟ ଦେଇ ଯାଇଛି ରେଳପଥ। ରେଳପଥ ଠାରୁ ଅଳ୍ପ କିଛି ଦୂରରେ ମାଁ ଶୁଆଣୀ ଦେବୀଙ୍କ ପୀଠ। ତେବେ ଏହି ପୀଠକୁ ଯିବା ପାଇଁ ଏକ ରେଳବାଇ ପୋଲର ଆବଶ୍ୟକତା ରହିଛି। ସେହିପରି ପୀଠକୁ ଯିବା ପାଇଁ ମଧ୍ୟ ଭଲ ରାସ୍ତାଟିଏ ନାହିଁ। ଆବଡ଼ା ଖାବଡ଼ା ପାଦଚଳା ରାସ୍ତାରେ ଜଙ୍ଗଲ ଭିତର ଦେଇ ପୀଠକ ଯିବାକୁ ହେଉଥିବାରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯିବା ପାଇଁ ଚାହିଁ ମଧ୍ୟ ଯା।ଇ ପାରୁ ନାହାନ୍ତି। ଅନ୍ୟପଟେ ରକ୍ଷଣା ବେକ୍ଷଣ ଅଭାବରୁ ମନ୍ଦିର ନିକଟରେ ଥିବା ପ୍ରାଚୀନ ଶୀଳାଲେଖ ମଧ୍ୟ ନଷ୍ଟ ହେବାକୁ ବସିଛି। ଏହା କେଉଁ ଲିପିରେ ଲେଖା ଯାଇଛି ତାହା ଗବେଷଣା ସାପେକ୍ଷ।। ଐତିହାସିକ ମାନେ ଏସମ୍ପର୍କରେ ଗବେଷଣା କରିବାର ଆବଶ୍ୟକତା ରହିଛି। ସରକାର ଓ ପ୍ରଶାସନ ପଦକ୍ଷେପ ଗ୍ରହଣ କଲେ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସି ପାରନ୍ତା ବୋଲି ମତପ୍ରକାଶ ପାଉଛି। ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଏହି ପୀଠର ବିକାଶ ସମ୍ଭବପର ହୋଇ ପାରିବ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇ ପାରିବ ବୋଲି ଗ୍ରାମବାସୀ କହିଛନ୍ତି।

■ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଲୁହା ସାମଗ୍ରୀ ବିକ୍ରି କରିବାକୁ ଡାକିଲେ, ମାରିଦେଲେ

ସମ୍ବଲପୁର, ୧୩।୩ (ସମିସ): ସମ୍ବଲପୁର ଜିଲ୍ଲା ଶାସନ ଥାନା ଶାସନ ଗ୍ରାମରେ ରହୁଥିବା ଉତ୍ତରପ୍ରଦେଶ ମୂଳ ବାସିନ୍ଦା ମହମ୍ମଦ ଫିରୋଜଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ଜଣେ ଯୁବକ ଓ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଛି। ଅଭିଯୁକ୍ତ କତରବଗା ଗ୍ରାମର ଆଶୁତୋଷ ବଡେଇଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଳାଣ କରିଛି। ନାବାଳକଙ୍କୁ ବାଳସୁଧାର ଗୃହ ପଠାଯିବ ବୋଲି ପୁଲିସ କହିଛି। ଘଟଣାରେ ବ୍ୟବହୃତ ପଥର, ବାଡି ଜବତ କରିଛି। ମୃତକ ଲୁଟ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। ସୂଚନା ଯୋଗ୍ୟଯେ, କତରବଗା ଥାନା ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଫିରୋଜଙ୍କ ଶବ ପଡ଼ି ରହିଥିଲା। ଘଟଣା ସ୍ଥଳରେ ସାଇନଟିଫିକ ଟିମ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟା ସନ୍ଦେହରେ ପୁଲିସ ୪ ଜଣ ଯୁବକଙ୍କୁ ଅଟକ ରଖିଥିଲା। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଗତ ଗୁରୁବାର ପରବେଜ ପରିବାର ପାଖରୁ ୧୫ ଶହ ଟଙ୍କା ନେଇ ଏକ ବାଇକ ନେଇ କବାଡି ସମାଗ୍ରୀ କିଣିବାକୁ ବାହାରିଥିଲେ। କତରବଗାରୁ ଅଭିଯୁକ୍ତ ମାନେ ଲୁହା ସାମଗ୍ରୀ ବିକ୍ରି କରିବେ ବୋଲି ଫିରୋଜକୁ ଡାକିଥିଲେ। ହେଲେ ଫିରୋଜ ଜଙ୍ଗଲକୁ ଡାକି ନେଇଥିଲେ। ସେଠାରେ ମୋବାଇଲ ଫୋନ ଓ ଟଙ୍କା ଲୁଟ କରିଥିଲେ। ବାଡିରେ ଆକ୍ରମଣ କରି ଫିରୋଜଙ୍କୁ ଆକ୍ରମଣ କରିଥିଲେ। ଆହତ ହେବା ପରେ ପଥରରେ ଛେଚି ହତ୍ୟା କରିଥିଲେ। ପରିବାର ବର୍ଗ ଦିନକ ପରେ ଗତ ୭ ତାରିଖ ଶାସନ ଥାନାରେ ଅଭିଯୋଗ କରିଥିଲେ। ଶାସନ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ କଲ ଓ ଲୋକେସନକୁ ଆଧାର କରି ୪ ଜଣଙ୍କୁ ଗତ ରାତିରେ ଅଟକ ରଖିଛି। ଏପଟେ ପରିବାର ବର୍ଗ କତରବଗା ଥାନାକୁ ଯାଇଥିଲେ। ହେଲେ ସେମାନଙ୍କୁ ଶବ ପାଖକୁ ଯାଇ ଦିଆଯାଉନଥିବା କହିଛନ୍ତି।

ନାମଯଜ୍ଞ ଦର୍ଶନ କଲେ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ

ବୀରମହାରାଜପୁର, ୧୩।୩ (ସମିସ): ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମରେ ୫୬ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ପ୍ରଥମ ଦିବସରେ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ଦର୍ଶନ କରିଛନ୍ତି। ଦଧିବାମନ ତ୍ରିପାଠୀ, ଅସିତ ଷଡ଼ଙ୍ଗୀ, ସୁରେନ୍ଦ୍ର ପତି, ତ୍ରିଲୋଚନ ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ବିଷ୍ଣୁଚରଣ ପଣ୍ଡା, ଶ୍ୟାମସୁନ୍ଦର ସେଠୀ, ଯୁଗଳ କିଶୋର ମିଶ୍ର, ଶ୍ରୀନିବାସ ଚାନ୍ଦ, କିଶୋର ହୋତା ପ୍ରମୁଖ ଜଷ୍ଟିସ ପୂଜାରୀଙ୍କ ସହ ଉପସ୍ଥିତ ଥିଲେ। ପଣ୍ଡିତ ରାମକୃଷ୍ଣ ପଣ୍ଡା, ଭିକାରୀ ପଣ୍ଡା, ବାମନ ପଣ୍ଡା, ମଧୁସୂଦନ ରଥ, ସଦାନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ନୂଆପଡ଼ା, ୧୩।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀରେ ବୁଧବାର ଖରିଆରରୋଡ୍ ବହୁମୁଖୀ ଇନ୍‌ଡେର ଷ୍ଟାଡ଼ିୟମ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲାପାଳ ହେମକାନ୍ତ ସୟ, ଏସଡିସି ଅଧ୍ୟକ୍ଷ ଭାଗତ ସିଂ ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଖରିଆର ରୋନ୍ ଏନଏସି ନିର୍ବାହୀ ଅଧିକାରୀ କମଳାସନ ରଥ, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ଜୟ ଢୋଲକିଆ, ରାଜେଶ ନିଗମ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ପଟ୍ଟନାୟକ ଉପସ୍ଥିତ ଥିଲେ।

ଉପଖଣ୍ଡସ୍ତରୀୟ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

ଟିଟିଲାଗଡ଼, ୧୩।୩(ସମିସ): ଟିଟିଲାଗଡ ଉପଖଣ୍ଡସ୍ତରୀୟ ଗ୍ରୀଷ୍ମ ପ୍ରବାହ, ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ରେହାନ ଖେତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ପକେଟ ମହଜୁଦ ରଖିବା ପାଇଁ ଉପଖଣ୍ଡ ଚିକିତ୍ସାଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ର ସଫଳ ମୁକାବିଲା ପାଇଁ ପ୍ରତି ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ, ଛକ, ବଜାର, ଜନଗହଳି ସ୍ଥାନରେ ଜଳଛତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟିଟିଲାଗଡ ବିଡିଓ ସୁଶାନ୍ତ ରଣା, ସଇଁତଳା ବିଡିଓ ବିନୟ ଭୋଇ, ସଇଁତଳା ତହସିଲଦାର ଆଶିଷ ଏକ୍କା, ଟିଟିଲାଗଡ ତହସିଲଦାର ଶୁଭାଶିଷ ଶତପଥୀ, ଉପଖଣ୍ଡ ଚିକିତ୍ସାଧିକାରୀ, ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ସିଡିପିଓ ଏବଂ ଅନ୍ୟାନ୍ୟ ଉପଖଣ୍ଡସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

ଟିଟିଲାଗଡ଼ରେ ଡାଇମଣ୍ଡ ସର୍କସ

ଟିଟିଲାଗଡ଼, ୧୩।୩(ସମିସ): ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କଳାକାର ମାନଙ୍କୁ ନେଇ ଚାଲିଛି ଡାଇମଣ୍ଡ ସର୍କସ। ଚଳିତ ବର୍ଷ ଟିଟିଲାଗଡ ସହରକୁ ଆସିଛି ଡାଇମଣ୍ଡ ସର୍କସ। କେନିଆର ୬ ଜଣ ଯୁବକ, ୧ ଇଥୋପିଆ, ମଣିପୁରର

ମାଳିପୁର-ଡାମରପୁର-ବଳଭଦ୍ରପୁର ରାସ୍ତାର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୧୩।୩(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକର ଶାସନ ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତବାସୀଙ୍କୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇ ଦେବା ମାଳିପୁର,-ଡାମରପୁର -ବଳଭଦ୍ରପୁର ରାସ୍ତା ପୁନଃନିର୍ମାଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି। ମାଳିପୁର -ଡାମରପୁର - ବଳଭଦ୍ରପୁର ରାସ୍ତା ପୁନଃନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ହେଲା ଦାବି କରିଆସୁଥିଲେ। ଏଥି ନେଇ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର ଏହି ରାସ୍ତା ନିର୍ମାଣ ପାଇଁ ୬ କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଯାହାଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ଓ ପଟ୍ଟାମୁଣ୍ଡାଇ ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଆଜି ଶୁଭ ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରାସ୍ତାର ଶୁଭ ଶିଳାନ୍ୟାସ କରି ଏହି ନିର୍ମାଣ ସଂପୂର୍ଣ୍ଣ ହେଲେ ଶାସନ,ଡାମରପୁର। ବଳଭଦ୍ରପୁର ପଞ୍ଚାୟତବାସୀ ଉତ୍ତମ ଗମନାଗମନ ସୁବିଧା ପାଇପାରିବେ। ଲଷ୍ଟା ବସ ସେବା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବ୍ଲକ, ଥାନା, ତହସିଲ ସହିତ ଯୋଡିବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମି ମଲିକ , ବ୍ଲକ ବିଜେଡି ଉପସଭାପତି ସୁବାଷ ଦାଶ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ବଳଭଦ୍ର ପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଜିଲ୍ଲା ଯୁବବିଜେଡି ସମ୍ପାଦକ ସୁବ୍ରତ ରାଉଳ,ଶିକ୍ଷାବିତ୍ତ କିଶୋର ସେନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭାଗୀୟ ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଆରମ୍ଭ

ପଟ୍ଟାମୁଣ୍ଡାଇ,୧୩।୩(ସମିସ): ଗତ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନସ୍ତରୀୟ ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡର ଭିଡିଓ କନଫରେନ୍ସ ଯୋଗେ ଶିଳାନ୍ୟାସ କରିଥିଲେ। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବବୃହତ ଅତ୍ୟାଧୁନିକ ସବଡିଭିଜନସ୍ତରୀୟ ସରକାରୀ ବସ୍‌ଷ୍ଟାଣ୍ଡର ନିର୍ମାଣ କାମ ଆରମ୍ଭ ହୋଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ଓ ଏହି ନୂତନ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ଉତ୍ତମ ଗମନାଗମନ ସୁଯୋଗ ପାଇପାରିବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଉତ୍ସବରେ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ସାନିଆ ପରମିନ ସାହେବା, ଲାସ୍ୟମୟୀ ସାହୁ ସୁବାସ ମଲିକ, ସୁଧାମୟ ମଲିକ, ପ୍ରିୟଙ୍କା ସେଠୀ, ରୀନାରାଣୀ ମଲିକ, ଯୁବନେତା ସୂର୍ଯ୍ୟକାନ୍ତ ରାଉତ, ବାବନ ସାହୁ, ଏମଡି ପପୁ, ଦିଲ୍ଲୀପ ସାହୁ, ସୁରେନ୍ଦ୍ର ଗିରି, ସ୍ୱରୂପା ସାମଲ, ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାର୍ଥୀପତ୍ର ଯାଞ୍ଚ୍ ପ୍ରକ୍ରିୟା ନେଇ ପ୍ରଶିକ୍ଷଣ

କେନ୍ଦ୍ରାପଡା,୧୩।୩(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଦାଖଲ ହେବାକୁ ଥିବା ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟାକୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଭୁଲ ଓ ସଠିକ ଢଙ୍ଗର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ବାଚନ ସମୟରେ ନିଷ୍ଠା ଓ ନିରପେକ୍ଷଭାବେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଦଲାର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି କର୍ମଶାଳା

ମହାକାଳପଡ଼ା,୧୩।୩(ସମିସ): ମହାକାଳପଡ଼ା ବ୍ଲକସ୍ତରୀୟ ମିଶନ ଶକ୍ତି କର୍ମଶାଳା ମଙ୍ଗଳବାର ମୋହନମୁରଲୀ ମଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ମିଶନ ଶକ୍ତିର କର୍ମକର୍ତ୍ତା, ସମସ୍ତ ପଞ୍ଚାୟତର ଏମବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର, ସିଆରପିମାନେ ଯୋଗଦେଇ ସେମାନଙ୍କ ଦରମା ବୃଦ୍ଧି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ସ୍ୱରୂପ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମିଶନ ଶକ୍ତି ମା ମାନଙ୍କ ଶୁଭେଚ୍ଛା, ସମ୍ବର୍ଦ୍ଧନାର ବାର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ମହାକାଳପଡ଼ା ପଂଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ବିଡ଼ିଓ ସାଗର କୁମାର ନନ୍ଦ, ସିଡିପିଓ କବିତା ମଲିକ,ଜିଲ୍ଲାପରିଷଦ ସଦସ୍ୟା ଅନୁରାଧା ସ୍ୱାଇଁ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର,ପୂର୍ବତନ ଅଧକ୍ଷା ସରୋଜିନୀ ସେଠୀ, ସୁରଭି ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କବିତା ମଲିକ, ନଳିନୀ ପ୍ରଭା ଚୌଧୁରୀ,ଅମରେନ୍ଦ୍ର ସାମଲ, ଅଶୋକ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ। ମିଶନ ଶକ୍ତି ର ପ୍ରତିନିଧି, କର୍ମକର୍ତ୍ତା ମାନେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହିତ ଆଲୋଚନା କରି ସରକାରଙ୍କ ଏହି ଯୋଜନାର ସଫଳତାର ବାର୍ତ୍ତା ଲୋକମାନଙ୍କ ନିକଟରେ ସଠିକ ଢଙ୍ଗରେ ପହଞ୍ଚା।ଇବା ପାଇଁ ଶପଥ ନେଇଥିଲେ। ସଜନୀ ଦାସ, ପଦ୍ମାବତୀ ହୋତା,ସମ୍ପନ୍ନା ପତି, ଉତ୍ତରା ତରାଇ, ଅର୍ଚନା ସ୍ୱାଇଁ, ସ୍ୱାଗତିକା ଦାସ, ମମତା ମହାପାତ୍ର ପ୍ରମୁଖ ମତାମତ ରଖିଥିଲେ।

ସାହିତ୍ୟିକ ଶରତ ଜେନା ସମ୍ବର୍ଦ୍ଧିତ

ରାଜକନିକା,୧୩।୩(ସମିସ): ସାହିତ୍ୟିକ ତଥା ସାମ୍ବାଦିକ ଶରତ ଜେନାଙ୍କୁ ରେବା ରାୟ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାଣୀପୀଠ କଟକ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଫାଉଣ୍ଡେସନର ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମାବେଶରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦୀର୍ଘ ତିନି ଦଶନ୍ଧିରୁ ଉଦ୍ଧର୍ ଧରି ଆଧୁନିକ ଓଡ଼ିଆ କବିତା, ସାକ୍ଷାତକାର, ସାମ୍ବାଦିକତା ଓ ପିଲାଙ୍କ ସାହିତ୍ୟ ରଚନା କ୍ଷେତ୍ରରେ ନିଜର ସାଧନ ଜାରି ରଖି ଆସିଥିବା ଶ୍ରୀ ଜେନା ବିଭିନ୍ନ ପତ୍ରପତ୍ରିକା ସମ୍ପାଦନା କାର୍ଯ୍ୟ ସମେତ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଛନ୍ତି। ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଆସିଥିବା ଏହି ସାଧକଙ୍କୁ ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯାଗେଦେଇ ସମ୍ବର୍ଦ୍ଧିତ କରିଥିଲେ।

ପଲେଇ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

ଡେରାବିଶ, ୧୩।୩ (ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ ପଡ଼ିଆରେ ଆଜି ପଞ୍ଚାୟତ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟକୁରା କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନ୍‌ଗୋ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ଚରଣ ପାତ୍ର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ଜୟଦେବ ପରିଡ଼ା, କୈଳାସ ଚନ୍ଦ୍ର କର, ରାଜୀବ ଲୋଚନ ମିଶ୍ର, ଜିଲ୍ଲା ପରିଷଦ ପ୍ରାର୍ଥୀ ନିମାଇଁ ଚରଣ ଯେନା, ସସ୍ମିତା ଯେନା ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନରେ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇ ଆଣିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପଞ୍ଚାୟତ ସଭାପତି ପ୍ରମୋଦ କୁମାର ନାଥ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଅଜୟ କୁମାର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶେଖ୍ ହାରୁନ ଅଲ୍ଲି, ଚିତ୍ତରଞ୍ଜନ ରାଉତ, ବିପିନ ବିହାରୀ ଶର୍ମା, ଗଣେଶ ଯେନା, ମାନସ ଯେନା, ଅଶୋକ ବେହେରା, ମାଧବାନନ୍ଦ କର ପ୍ରମୁଖ ପରିଚାଳନା କରିଥିଲେ।

ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ ସଭା

ମହାକାଳପଡ଼ା,୧୩।୩(ସମିସ): ମହାକାଳପଡ଼ା ବ୍ଲକ ବଡଗାଁ ବଜ୍ରମହାକାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶୈଳବାଳା ମହାପାତ୍ରଙ୍କ ସ୍ମୃତିଚାରଣ ସଭା ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରବୀନ୍ଦ୍ର ନାଥ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ପ୍ରବଚକ ହୃଷିକେଶ ରଥ, ଅଧାପକ ଇନ୍ଦ୍ରମଣି ନାୟକ, ଦେବେନ୍ଦ୍ର ମହାନ୍ତି, ଶ୍ରୀଧର ଭୋଳ, ସୁବ୍ରତ ପାଳ, ଦିଗବାସ ସାମନ୍ତରାୟ, ପ୍ରସନ୍ନ କୁମାର ପରିଡ଼ା, କିଶୋର ସାମଲ, ନିରଞ୍ଜନ ବସନ୍ତିଆ, ଅଶୋକ ବେହେରା, ପ୍ରଫେସର ସୋନାଲି ମହାପାତ୍ର, ଡକ୍ଟର ପ୍ରଜ୍ଞା ପରମିତା ମହାପାତ୍ର, କବିତା ମହାନ୍ତି ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଲେଙ୍କା, ବିଦ୍ୟାଳୟ ପରିଚାଳନା ସଭାନେତ୍ରୀ ତଅପୋଇ ଜେନା, ପରିବେଶପ୍ରେମୀ ପ୍ରଫୁଲ୍ଲ ମହାପାତ୍ର, ସତ୍ୟନାଥ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀ ଗାର୍ଗୀ ପ୍ରିୟଦର୍ଶିନୀ ପାଳ, ଆଦର୍ଶ ସାହୁ, ରାଜଲକ୍ଷ୍ମୀ ସାହୁ, ପ୍ରୀତିପ୍ରତିଭା ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ଶକ୍ତିସ୍ୱରୂପ ପ୍ରଧାନ ଓ ଶିକ୍ଷକ ଶ୍ରୀନାଥ ସ୍ୱାଇଁଙ୍କୁ ଶୈଳବାଳା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ବାଇଲୋରେ ବୃଦ୍ଧାନଦୀ ସେତୁର ଶିଳାନ୍ୟାସ

କୁଜଙ୍ଗ,୧୩।୩(ସମିସ): କୁଜଙ୍ଗ ବ୍ଲକ ପୋତାନଈ ପଞ୍ଚାୟତ ବାଇଲୋ ନିକଟରେ ବୃଦ୍ଧା ନଦୀର ଏକ ସେତୁ ନିର୍ମାଣ ପାଇଁ ଆଜି ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ଶିଳାନ୍ୟାସ କରିବା ସହ ଉଭୟ ଏରସମା-ରାହାମା ମଧ୍ୟରେ ଏହା ଯୋଗଯୋଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ପୋତାନଈ ସରପଞ୍ଚ ବ୍ରଜ କିଶୋର ମହାରାଜଙ୍କ ପୌରହିତ୍ୟରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ୍ୟା ନୀନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ୨ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ରବିନାରାୟଣ ସାହୁ, ସମିତି ସଭ୍ୟ ସତ୍ୟବାନ ମୁଦୁଲି, ସାଂସଦଙ୍କ ପ୍ରତିନିଧି ସୁଢଳ ସ୍ୱାଇଁ, ବାଇଲୋ ଗ୍ରାମର ସଭାପତି ଦେବଦତ୍ତ ବିଶ୍ୱାଳ, ମହେଶ୍ୱର ରାଉତ, ଅଜୟ କୁମାର ସ୍ୱାଇଁ, ଶିବ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

୧୯୮୦ ବ୍ୟାଚ୍ ସହପାଠୀଙ୍କ ବନ୍ଧୁମିଳନ

ତିର୍ତ୍ତୋଲ,୧୩।୩(ସମିସ): ତିର୍ତ୍ତୋଲସ୍ଥିତ ମଣିଚରଣ ଶାରଳା ଏକାଡେମୀ ୧୯୮୦ ବ୍ୟାଚ୍ ସହପାଠୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳାଦାସଙ୍କ ସମାଧିପୀଠ ମୁନିଗୋସାଇଁ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାରଳାଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ ଦିବଙ୍ଗତ ଛାତ୍ରଙ୍କ ଉଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଦିକବି ସାଂସ୍କୃତିକ ପରିଷଦର ସମ୍ପାଦଜ ଚିତ୍ତରଞ୍ଜନ ପରିଜା ଉପସ୍ଥିତ ଥିଲେ। ତେନ୍ତୁଳିପଦା ନାଏବ ସରପଞ୍ଚଅ ମହେନ୍ଦ୍ର ରାଉତ, ସନ୍ଧ୍ୟା ମହାପାତ୍ର,ଏନଟିପିସିର ଅଧକ୍ଷ ସୁରେନ ପାଲ, ଉଦ୍ୟୋଗପତି ତଥା ତିର୍ତ୍ତୋଲ ବଜାର କମିଟି ସଭାପତି ବିଜୟ ସାହୁ, ପରିସଂଖ୍ୟାନ ବିଭାଗର ଅଧକ୍ଷ ଅରୁଣ ମଲ୍ଲିକଙ୍କ ସମେତ ପୁରାତନ ସହପାଠୀମାନେ ଯୋଗଦେଇ ବିଦ୍ୟାଳୟ ଦିନର ସ୍ମୃତିଚାରଣ କରିଥିଲେ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ବିରେନ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଲିଙ୍ଗୀୟ ସମ୍ବେଦନଶୀଳତା ଆଧାରିତ କର୍ମଶାଳା

ଜଗତସିଂହପୁର,୧୩।୩(ସମିସ): ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରରେ ଓଡିଶା ଜେଣ୍ଡର୍ ରିସୋର୍ସ ସେଣ୍ଟର ଓୟୁଏଟି ତରଫରୁ ଲିଙ୍ଗୀୟ ସମ୍ବେଦନଶୀଳତା ଉପରେ ଦିନିକିଆ କର୍ମଶାଳା ଆୟୋଜନ ହୋଇଯାଇଛି। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଉପନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର୍ ମହାନ୍ତି ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜୀତ୍ ସେନ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସରୋଜ ସତଦଳ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଶୁଭଶ୍ରୀ ପାଣିଗ୍ରାହୀ, ବ୍ୟାସ ଫାଉଣ୍ଡେସନର ମୁଖ୍ୟ ରଶ୍ମିତା ନାୟକ, ଜିଲ୍ଲା ସଂଯୋଜକ (ଜେଣ୍ଡର୍) ଜଗତସିଂହପୁର ପ୍ରିୟସ୍ମିତା ପ୍ରଧାନ, ବ୍ୟାସ ଫାଉଣ୍ଡେସନର ସଭାପତି ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଲିଙ୍ଗୀୟ ସମ୍ବେଦନଶୀଳତା କର୍ମଶାଳା ଉପରେ ଆଲୋକପାତ କରିଥିଲେ। କିଭଳି ଭାବେ ସମାଜରୁ ଲିଙ୍ଗୀୟ ଅସମାନତାକୁ ଦୂରେଇ ଲିଙ୍ଗଗତ ଭେଦଭାବ କୁ ଦୂରେଇ ରଖି ସମାଜର କଲ୍ୟାଣ କରି ହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ କୃଷିଜୀବୀ ମହିଳାମାନଙ୍କ ପାଇଁ ଉପଯୁକ୍ତ ଯନ୍ତ୍ରପାତି ବିଷୟରେ ଆଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରୋଗ ପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡା,ମତ୍ସ୍ୟ ବୈଜ୍ଞାନିକ ସରିତା ଦାସ ଓ ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷା ଗାରର ସହାୟିକା ବିଜୟନୀ



ଆଇନଷ୍ଟାଇନ୍‌ଙ୍କ ଭଳି କେଶ

ଅନେକ ସମୟରେ ସୋସିଆଲ ମିଡିଆରେ ବହୁ ଅଜଣା ବ୍ୟକ୍ତିଙ୍କ ବିଷୟରେ ଲୋକେ ଜାଣିବାକୁ ପାଇଥା'ନ୍ତି । ଯେଉଁମାନେ ନିଜର ସ୍ୱତନ୍ତ୍ରତା ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ଏହିକ୍ରମରେ ଏବେ ୩ ବର୍ଷର କୁନି ପିଲାଟିଏ ଏବେ ଚର୍ଚ୍ଚାରେ ରହିଛି । ଏହି କୁନି ପିଲାଟିର କେଶ ବେଶ୍ ଅସାଧାରଣ ଅଟେ । ପିଲାଟିର କେଶ ସର୍ବଦା ଠିଆ ହୋଇ ରହିଥାଏ । ଯେତେ ଚେଷ୍ଟା କଲେ ବି ଏହି ଶିଶୁଟିର ମା' ତା'ର କେଶକୁ କୁଣ୍ଡାଇ ସଜାଇ ପାରନ୍ତି ନାହିଁ । କାରଣ ଶିଶୁଟି ଏକ ଦୁର୍ଲ୍ଲଭ ରୋଗରେ ପୀଡ଼ିତ । ଏହି ଶିଶୁଟିର କେଶ ଧଳା ହେବା ସହ ସବୁବେଳେ ଠିଆ ହୋଇ କି ରହୁଥିବାରୁ ତାକୁ ସମସ୍ତେ ଆଇନଷ୍ଟାଇନ୍ ବୋଲି ଚିଡ଼ାଇଥାଆନ୍ତି । ଲୈଲା ଡେବିସ୍ ନାମକ ଏହି ଶିଶୁ କନ୍ୟାଟିର କେଶ ପାଇଁ ତାର ସାଙ୍ଗମାନେ ତାକୁ ଫୁଫି ବୋଲି ଡାକନ୍ତି । ଲୈଲା 'ଅନ୍‌କମ୍ବେବୁଲ୍ ହେୟାର୍ ସିଣ୍ଡ୍ରୋମ' ନାମକ ଏକ ବିରଳ ରୋଗରେ ଆକ୍ରାନ୍ତ । ଲୈଲାର କେଶକୁ ପାନିଆରେ ଯେତେ କୁଣ୍ଡାଇଲେ ବି ସିଧା କରି ହୁଏ ନାହିଁ । ଏହି ରୋଗ ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୧୨ ବର୍ଷ ପର୍ଯ୍ୟନ୍ତ ପିଲାଙ୍କଠାରେ ଦେଖାଯାଏ । ବିଶ୍ୱରେ ଏମିତି ଶିଶୁ କେବଳ ୧୦୦ ଜଣ ରହିଥିବା ଜଣାପଡ଼ିଛି । ଲୈଲାଙ୍କ ମା ସାରଲେଟ୍ ଡେଭିସ୍ ନିଜ ଝିଅର ଏଭଳି କେଶକୁ ନେଇ କୁହନ୍ତି ଯେ, ତାଙ୍କ ଝିଅର କେଶ ଟିକେ ବଡ଼ ହେଲେ ବି ସାଧାରଣ କେଶ ନୁହେଁ । ପିଲାଟିର କେଶର ଯତ୍ନକୁ ନେଇ ତାଙ୍କୁ ଯେତିକି କଷ୍ଟ ନ ହୁଏ ଅନ୍ୟ ପିଲାମାନେ କେଶକୁ ନେଇ ଚିଡ଼ାଇଲେ ସେ ବ୍ୟସ୍ତ ହୋଇ ପଡ଼ନ୍ତି । ତାଙ୍କ ଝିଅକୁ ତା'ର ସାଙ୍ଗମାନେ ବୋରିସ୍ ଜନ୍‌ସନ୍ ଓ ଆଲବର୍ଟ ଆଇନଷ୍ଟାଇନ୍ ନାମ ମଧ୍ୟ ଦେଇଛନ୍ତି । ଏତେ ସବୁ କଟାକ୍ଷ ପରେ ବି ଲୈଲା ଅନ୍ୟମାନଙ୍କ ସହ କଥା ହେବାକୁ ସଙ୍କୋଚ କରି ନ ଥାଏ । ଏହି ରୋଗ ବୟସ ବଢିବା ସହ ଠିକ୍ ହୋଇଯାଏ । ଯାହାକୁ ଲୈଲାଙ୍କ ମା' ସଲେଟ୍ ଅପେକ୍ଷା କରିଛନ୍ତି ।

ବାୟୋପିକ୍‌କୁ ନେଇ ବିମୁଖ ଜିନତ୍

ବଲିଉଡ୍‌ର ଭେଟେରାନ୍ ଅଭିନେତ୍ରୀ ଜିନତ୍ ଅମାନ୍ ତାଙ୍କର ବୋଲ୍ଡ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ସେ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାଆନ୍ତି । ନିକଟରେ ରାଜୀବ ଚୌଧୁରୀ ଜିନତ୍‌ଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ପାଇଁ ଘୋଷଣା କରିଛନ୍ତି । ଏଥିରେ ଜିନତ୍‌ଙ୍କ ଭୂମିକାରେ ଅଭିନେତ୍ରୀ ପାୟଲ ଘୋଷ ଦେଖାଯିବେ । କିନ୍ତୁ ଫିଲ୍ମକୁ ନେଇ ଖୁସି ନାହାନ୍ତି ଜିନତ୍ । ନିକଟରେ ନିଜେ ଜିନତ୍ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏ ବିଷୟରେ ସୂଚନା ଦେଇଛନ୍ତି । ଏଥିରେ ସେ ଲେଖିଛନ୍ତି ଯେ, 'ଆପଣ ଏହାକୁ ଜଣେ ବୁଢ଼ୀ ମହିଳାଙ୍କ ଅଭିଯୋଗ କହି ପ୍ରତ୍ୟାଖ୍ୟାନ କରିପାରିବେ । କିନ୍ତୁ ମୋତେ ସାମିଲ୍ ନ କରି ମୋ କାହାଣୀ ନ ଶୁଣି ମୋର ବାୟୋପିକ୍ ନିର୍ମାଣ କରିବା ମୂର୍ଖାମିର ପରିଚୟ । ଇଣ୍ଟରନେଟ୍‌ରେ ମୋ ଉପରେ ଯେଉଁସବୁ ତଥ୍ୟ ଦିଆଯାଉଛି, ସେଥିରେ କେତେ ସତ୍ୟତା ଅଛି ତାହା କେବଳ ମୁଁ ଜାଣିଛି । ମୋ କଥା ନ ଶୁଣି ମୋ ଜୀବନ ଉପରେ ଗବେଷଣା କରା ନ ଯାଇ ଯଦି କୌଣସି ବାୟୋପିକ୍ ନିର୍ମାଣ କରାଯାଉଛି, ତେବେ ତାହା ବାୟୋପିକ୍ ହେବ ନାହିଁ । ମୁଁ ଯେପରି ମୋ ନିଜକୁ ଜାଣିଛି, ସେପରି ମୋତେ ଆଉ କେହି ଜାଣି ନାହାନ୍ତି ।'

ଜିନତ୍‌ଙ୍କ ଅଭିନୀତ ଫିଲ୍ମ 'ସତ୍ୟମ୍ ଶିବମ୍ ସୁନ୍ଦରମ୍', 'ହରେ ରାମା ହରେ କ୍ରିଷ୍ଣା', 'ଡନ୍' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି ।

ଆଜିର ଇତିହାସ

- ୧୮୮୩- ମହାନ୍ ଦାର୍ଶନିକ କାର୍ଲ ମାର୍କସ୍‌ଙ୍କ ଦେହାନ୍ତ ।
- ୧୯୩୧- ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲମ୍‌ଆରା'ର ପ୍ରଦର୍ଶନ କଲା ।
- ୧୯୮୮- ପ୍ରଥମ ଥର ଗଣିତ ପ୍ରେମୀଙ୍କ ଉଦ୍ଦେଶ୍ୟରେ ପାଇ ଡେ'ର ପାଳନ କରାଗଲା ।
- ୧୯୯୮- ସୋନିଆ ଗାନ୍ଧୀ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଅଧ୍ୟକ୍ଷା ହେଲେ ।
- ୨୦୧୬- ରୁଷ୍ ସିରିଆରୁ ତାର ସେନା ପ୍ରତ୍ୟାହାର କଲା ।

ଛତୁଉଠା ବେଙ୍ଗ

ବେଙ୍ଗ ଶରୀରରେ ଛତୁ ଫୁଟିବା ଭଳି ଏକ ଦୁର୍ଲଭ ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ନିକଟ ଅତୀତରେ କର୍ଣ୍ଣାଟକରେ ଗୋଟିଏ ବେଙ୍ଗ ଦେଖିବାକୁ ମିଳିଛି, ଯାହାର ଶରୀରର ବାମପାର୍ଶ୍ୱରେ ଛୋଟିଆ ଛତୁଟିଏ ଫୁଟିଛି । ତେବେ ବୈଜ୍ଞାନିକଙ୍କ ଅନୁସାରେ, ଏହା ହେଉଛି ଅତ୍ୟନ୍ତ ବିରଳ ଓ ଦୁର୍ଲଭ ଘଟଣା । କାରଣ ଏଭଳି ଛତୁ ପଚାଶଡ଼ା ଜିନିଷ ଉପରେ ଫୁଟିଥାଏ । ଜୀବିତ ବେଙ୍ଗ ଶରୀରରେ ଛତୁ ଫୁଟିବା ଘଟଣା ସେମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । କୌଣସି ଜୀବିତ ଉଭୟଚର ପ୍ରାଣୀ ଉପରେ ଫଙ୍ଗସ୍ ବା ଛତୁ ଉଠିବା ଏହା ପ୍ରଥମ ଘଟଣା ବୋଲି ବୈଜ୍ଞାନିକମାନେ କହିଛନ୍ତି । ୱାର୍ଲଡ୍ ୱାଇଲ୍ଡ ଲାଇଫ୍ ଫଣ୍ଡର ବୈଜ୍ଞାନିକମାନେ ପ୍ରଥମେ ଏଭଳି ଆଶ୍ଚର୍ଯ୍ୟକର ଘଟଣା ଦେଖିବାକୁ ପାଇଛନ୍ତି । ତେବେ ଏହି ସୁନେଲି ରଙ୍ଗର ବେଙ୍ଗ କେବଳ କର୍ଣ୍ଣାଟକ,କେରଳ ତଥା ପଶ୍ଚିମଘାଟ ପର୍ବତମାଳାରେ ହିଁ ଦେଖିବାକୁ ମିଳିଥାନ୍ତି । ଗତବର୍ଷ ଜୁନ୍ ୧୯ରେ ବୈଜ୍ଞାନିକମାନେ କର୍ଣ୍ଣାଟକର କରକଲାରେ ଏଭଳି ବିଚିତ୍ର ଘଟଣା ସଂସ୍ପର୍ଶରେ ଆସିଥିଲେ । ସଡ଼କ ନିକଟରେ ଥିବା ଏକ ପୋଖରୀରେ ସେ ସୁନେଲି ରଙ୍ଗର ୪୦ଟି ବେଙ୍ଗ ଦେଖିଥିଲେ । ୪୦ଟି ବେଙ୍ଗ ମଧ୍ୟରୁ କେବଳ ଗୋଟିଏ ବେଙ୍ଗ ଶରୀରରେ ଛତୁ ଫୁଟିଥିବାର ସେମାନେ ଦେଖିଥିଲେ । ଏହି ଛତୁ ଜୀବିତ ଓ ସୁସ୍ଥ ଥିବାରୁ ବୈଜ୍ଞାନିକଙ୍କୁ ଏ ବାବଦରେ ଜାଣିବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଛି । ବୈଜ୍ଞାନିକମାନେ ଆହୁରି ମଧ୍ୟ କହିଛନ୍ତି ଯେ,ଜଳବାୟୁ ପରିବର୍ତ୍ତନ ପାଇଁ ଏପରି ଘଟଣା ଦେଖିବାକୁ ମିଳୁଛି । ଏଥିସହ ଉଭୟଚର ଓ ଫଙ୍ଗସ୍‌ଙ୍କ ସମ୍ପର୍କ ଉପରେ ନୂଆ ତଥ୍ୟ ଉନ୍ମୋଚିତ ହୋଇଛି । ବେଙ୍ଗ ଉପରେ ନଜର ଆସିଥିବା ଛତୁ ବୋନେଟ ପ୍ରଜାତିର ଅଟେ । ଅନ୍ୟପକ୍ଷରେ ବେଙ୍ଗଟି କୌଣସି ରୋଗରେ ପୀଡ଼ିତ ଥିବାରୁ ଏହା ଉପରେ ଛତୁ ଉଠିଛି ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ବେଙ୍ଗର ଏକ ଭିଡିଓକୁ ସେୟାର୍ କରାଯାଇଛି ।

ରାଶିଫଳ

ମେଷ: ଦିନଟି ହସଖୁସିରେ ଅତିବାହିତ ହେବ । ଘର ପାଇଁ ନୂଆ ଜିନିଷ କିଣିପାରନ୍ତି । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

ବୃଷ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ ।

ମିଥୁନ: ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି ।

କର୍କଟ : ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ଚାକିରିର ସୁଯୋଗ ଜୁଟିବ । ଗୁରୁଜନଙ୍କ ସହଯୋଗ ମିଳିବ । ଅଯଥା ଖର୍ଚ୍ଚ ନ କରିବା ଭଲ ।

ସିଂହ: ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । କୌଣସି ନୂଆ ଦାୟିତ୍ୱ ତୁଲାଇବେ । ବ୍ୟବସାୟ ସମୃଦ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ ।

କନ୍ୟା: ଘରକୁ ଅତିଥି ଆଗମନ କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଟକି ରହିଥିବା ଧନର ଆଗମନ ହେବ । କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ । ପୂଜାର୍ଚ୍ଚନାରେ ଦିନ ବିତିବ ।

ତୁଳା: ମନର ମଣିଷଙ୍କୁ ନିଜ ମନକଥା କହିବେ । ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ । ପରିବାରରେ ହସ ଖୁସି ଲାଗି ରହିବ । ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି । ଶିବ ପୂଜାର୍ଚ୍ଚନା କରନ୍ତୁ ।

ବିଛା: ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

ଧନୁ: ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ସତର୍କତା ସହ ଯାନବାହନ ଚଳାନ୍ତୁ ।

ମକର: ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

କୁମ୍ଭ: ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ । ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଜମି କ୍ରୟ କରିପାରନ୍ତି । କୌଣସି ଦିଗରୁ ଧନ ମିଳିପାରେ ।

ମୀନ: ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ । ରାଜନୀତିରେ ସଫଳତା ମିଳିବ । ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ ।

ମୋ ହାଣ୍ଡିଶାଳରୁ...

ଭେଜ୍ ଫିସ୍ ତରକାରୀ

ଆବଶ୍ୟକ ସାମଗ୍ରୀ

ସୋୟାବିନ୍ ବଡ଼ି- ୨୦୦ ଗ୍ରାମ୍, ସିଧା ଆଳୁ – ଦୁଇଟା, ଅଦାରସୁଣବଟା – ଏକ ଚାମଚ, ପିଆଜ ବଟା ଅଧା କପ୍, କଟା ପିଆଜ – ଅଳ୍ପ, କନ୍‌ଫ୍ଲୋର୍ – ଏକ ଚାମଚ, ଟମାଟୋ କଟା – ଅଧା କପ୍, ହଳଦୀ ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ- ଅଧା ଚାମଚ, କଟା କଞ୍ଚାଲଙ୍କା- ୨ଟି, ଜିରା - ଅଧା ଚାମଚ, ଗରମମସଲା – ଅଳ୍ପ, ରାଶି- ଅଧା ଚାମଚ, ଗୋଟା ଗରମ ମସଲା- ଅଳ୍ପ, ସ୍ୱାଦ ଅନୁସାରେ- ଲୁଣ, ତେଲ-ଆବଶ୍ୟକତାନୁସାରେ ।

ପ୍ରସ୍ତୁତି ପ୍ରଣାଳୀ

ଚୁଲି ଲଗାଇ କଡ଼େଇ ବସାନ୍ତୁ । ପ୍ରଥମେ ଗରମ ପାଣି କରି ସେଥିରେ ସୋୟାବିନ୍ ବଡ଼ି ପକାନ୍ତୁ । ସୋୟାବିନ୍‌କୁ ପାଣିରୁ ଛାଣି ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ସେଥିରେ ଦୁଇଟି ସିଧା ଆଳୁ, କଟା ପିଆଜ, କଟା କଞ୍ଚାଲଙ୍କା, ହଳଦୀଗୁଣ୍ଡ, ଲଙ୍ଗାଗୁଣ୍ଡ, ଗରମମସଲା ଓ ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହି ଚକଟାକୁ ହାତ ସାହାଯ୍ୟରେ ମାଛଖଣ୍ଡ ଆକାର ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ୨ ଚାମଚ, କନ୍‌ଫ୍ଲୋର ଗୁଣ୍ଡ ନିଅନ୍ତୁ, ସେଥିରେ ଅଳ୍ପ ପାଣି ହଳଦିଗୁଣ୍ଡ, ଲଙ୍ଗାଗୁଣ୍ଡ ଓ ସାମନ୍ୟ ଲୁଣ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଚୁଲିରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ରାଶି ଦିଅନ୍ତୁ । ଏହା ପରେ ମାଛକୁ କନ୍‌ଫ୍ଲୋର ପେଷ୍ଟରେ ବୁଡ଼ାଇ ତାୱାରେ ଭାଜନ୍ତୁ । ଆଉ ଏକ କଡ଼େଇ ବସାଇ ସେଥିରେ ଅଳ୍ପ ତେଲ ଦିଅନ୍ତୁ । ଏହା ପରେ ଗୋଟା ଗରମମସଲା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ପିଆଜବଟା ପକାଇ ଭାଜନ୍ତୁ । ପରେ ସେଥିରେ ଅଦା ରସୁଣ ବଟା ପକାନ୍ତୁ । ଏହାପରେ କଟା ଟମାଟୋ ପକାଇ ମସାଲାକୁ ଭଲ ଭାବରେ କଷନ୍ତୁ । ମସଲା କଷି ହୋଇଯିବା ପରେ ସେଥିରେ ପାଣିଦେଇ କିଛି ସମୟ ଫୁଟାନ୍ତୁ । ଏହା ପରେ ସେଥିରେ ମାଛଖଣ୍ଡ ଆକୃତିର ସୋୟାବିନ୍ ଚକଟା ସବୁକୁ ପକାନ୍ତୁ । ଏସବୁ ଫୁଟିଯିବା ପରେ ଗରମ ମସଲା ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଭେଜ୍ ଫିସ୍ ତରକାରି' ।

ବିନା ମେକ୍‌ଅପ୍‌ରେ ଉଜ୍ଜ୍ୱଳ ତ୍ୱଚା

ସାଧାରଣତଃ ସମସ୍ତେ ସୁସ୍ଥ ଓ ଉଜ୍ଜ୍ୱଳ ତ୍ୱଚା ଚାହାଁନ୍ତି । ଏଥିପାଇଁ ମହିଳାମାନେ ପାର୍ଲରରେ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରିଥାନ୍ତି । ତା'ସହ ଅନେକ ମହିଳା ଘରୋଇ ଉପାୟ ଆପଣାଇଥାନ୍ତି । ଯଦି ପ୍ରାକୃତିକ ଉପାୟରେ ତ୍ୱଚାରେ ଚମକ ଆଣିବାକୁ ଚାହାଁନ୍ତି, ଏଥିପାଇଁ ଦୈନନ୍ଦିନ ଜୀବନରେ କିଛି ଉପାୟ ଆପଣାଇବାକୁ ପଡ଼ିଥାଏ । ଏବେ ଜାଣିବା ସେସବୁ ବିଷୟରେ ।

ଠିକ୍ ଦିନଚର୍ଯ୍ୟା ଆପଣାନ୍ତୁ

ସୁସ୍ଥ ଓ ଉଜ୍ଜ୍ୱଳମୟ ତ୍ୱଚା ଚାହୁଁଥିଲେ ରାତି ନଅଟାରୁ ଦଶଟା ମଧ୍ୟରେ ଶୋଇବା ଉଚିତ । ସକାଳୁ ଶୀଘ୍ର ଉଠିବା ଅଭ୍ୟାସ କରନ୍ତୁ । ଏପରି କରିବା ଦ୍ୱାରା ପୂରା ଦିନ ଆରାମ ଓ ଚିନ୍ତାମୁକ୍ତ ରହିବେ । ତା'ସହ ସକାଳ ଜଳଖିଆରୁ ଆରମ୍ଭ କରି ରାତ୍ର ଭୋଜନ ପର୍ଯ୍ୟନ୍ତ ଠିକ୍ ଦିନଚର୍ଯ୍ୟାକୁ ଆପଣାନ୍ତୁ ।

ଗ୍ରୀନ୍-ଟି ପିଅନ୍ତୁ

ପ୍ରତିଦିନ ସକାଳୁ ଉଠି ଚା' ଓ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେଣୁ ଏହା ପରିବର୍ତ୍ତେ ଗ୍ରୀନ୍-ଟି ପିଅନ୍ତୁ । ଏହା ତ୍ୱଚାରେ ଚମକ ଆଣିବା ସହ ଶରୀରକୁ ସୁସ୍ଥ ରଖିଥାଏ ।

ପ୍ରଚୁର ପାଣି ପିଅନ୍ତୁ

ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ । ଏହା ଦ୍ୱାରା ତ୍ୱଚାରେ ଚମକ ଆସିବା ସହ ଶରୀର ସୁସ୍ଥ ରହିଥାଏ ।

ଗୋଲାପ ଜଳ ଲଗାନ୍ତୁ

ଗୋଲାପ ଜଳ ତ୍ୱଚା ପାଇଁ ଖୁବ୍ ଗୁଣକାରୀ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାଇଲେ ବିଭିନ୍ନ ପ୍ରକାର ତ୍ୱଚା ଜନିତ ସମସ୍ୟା ଦୂର ହୋଇଥାଏ ଏବଂ ମୁହଁରେ ଉଜ୍ଜ୍ୱଳତା ବୃଦ୍ଧି ପାଏ ।

ସୁଶ୍ରୀ

ତନ୍ତରେ ତଲ୍ଲୀନ କଳ୍ପନା

ଏକାଧାରାରେ ସେ ଜଣେ ସଂଗଠିକା, ସମାଜସେବୀ ଓ ତନ୍ତ କାରିଗର । ତେବେ ବୟନକଳା ଦେଇଛି ତାଙ୍କୁ ସ୍ୱତନ୍ତ୍ର ପରିଚୟ । ଏ କ୍ଷେତ୍ରରେ ସେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାରକ୍ଷମ କରିବାରେ ସାହାଯ୍ୟ କରିଛନ୍ତି । ନାବାର୍ଡ ପକ୍ଷରୁ ମନୋନୀତ ଦୁଇଜଣ ଶ୍ରେଷ୍ଠ ବୁଣାକାରଙ୍କ ମଧ୍ୟରେ ସେ ସମ୍ମାନିତ ହୋଇଛନ୍ତି । ଏହି ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ୍ ଭଣ୍ଡଗାଁର ୩୨ ବର୍ଷିୟା କଳ୍ପନା ପାତ୍ର ।

କୌଳିକ ବୃତ୍ତିର ପୁନରୁଦ୍ଧାର

ପୂର୍ବରୁ ଅଧିକାଂଶ ଲୋକ ହସ୍ତତନ୍ତରେ ବୁଣାବୁଣି କରି ଜୀବିକା ନିର୍ବାହ କରୁଥିଲେ । ବୟନକଳା ଥିଲା ସେମାନଙ୍କର କୌଳିକ ବୃତ୍ତି । କିନ୍ତୁ,ପରବର୍ତ୍ତୀ ପର୍ଯ୍ୟାୟରେ ପାୱାରଲୁମ୍ ଆସିବା ଫଳରେ ହସ୍ତତନ୍ତର ଚାହିଦା କମିଯାଇଥିଲା । ଦୀର୍ଘ ୩୦ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବା ହସ୍ତତନ୍ତ କେନ୍ଦ୍ରକୁ ୨୦୨୨ ମସିହାରେ ମୌନଧ୍ୱନି ଫାଉଣ୍ଡେସନ ସହାୟତାରେ ପୁନରୁଦ୍ଧାର କରିଥିଲେ କଳ୍ପନା । ମହିଳାଙ୍କୁ ହସ୍ତତନ୍ତରେ ବୁଣାବୁଣି ପ୍ରଶିକ୍ଷଣ ଦେଇ ଅର୍ଥ ଉପାର୍ଜନ କରିବା ଦିଗରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ ।

ବୁଣା କାର୍ଯ୍ୟରୁ ମହିଳା ସ୍ୱାବଲମ୍ବୀ

କଳ୍ପନାଙ୍କ ସମେତ ଗାଁ ର ଅନ୍ୟ ୨୫ ଜଣ ମହିଳା ଏକତ୍ର ହୋଇ ହସ୍ତତନ୍ତ ମୌଳିକ ତାଲିମ୍ ନେଇ ଗାମୁଛା, ଷ୍ଟଲ୍, ଶାଢି, ଡାଏରୀ କଭର, ବେଡ୍‌ସିଟ୍ ଆଦି ବୁଣି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ସୂତା କିମ୍ବା ତନ୍ତ ବିଷୟରେ କିଛି ଧାରଣା ନଥିବା ମହିଳାମାନେ ଏହି କାର୍ଯ୍ୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି । କଳ୍ପନା ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ତନ୍ତସାଥୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ୮ମାସ ପ୍ରଶିକ୍ଷଣ ନେଇ ଗ୍ରାମର ହସ୍ତତନ୍ତ କେନ୍ଦ୍ରର ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି । ଏଥି ସହ ଅନ୍ୟ ଏକ ଗ୍ରାମରେ ମଧ୍ୟ ନୂତନ ହସ୍ତତନ୍ତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନା ପାଇଁ ନେତୃତ୍ୱ ନେଇ କାର୍ଯ୍ୟ କରି ଆସୁଛନ୍ତି ।

ବହୁମୁଖୀ କାର୍ଯ୍ୟରେ ଯୋଗଦାନ

ନିଜକୁ କେବଳ ହସ୍ତତନ୍ତ କଳାରେ ସୀମିତ ରଖିନାହାନ୍ତି ଗାଁ କୁ ନିଶାମୁକ୍ତ କରିବା ସହ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷାପ୍ରଦାନ କରିବାରେ କଳ୍ପନା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏଥିସହିତ ସେ ନିଜ ଗାଁ ତଥା ଆଖପାଖ ଗ୍ରାମର ମହିଳାଙ୍କୁ ନେଇ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଯଥା ଜଙ୍ଗଲପୋଡ଼ି ରୋକିବା, ବୃକ୍ଷରୋପଣ, ଜଳ ସଂରକ୍ଷଣ, ରକ୍ତଦାନ, ସଡ଼କସୁରକ୍ଷା ଆଦି ସହିତ ସେ ଗାଁ ଲୋକଙ୍କ ଦ

ପ୍ୟାରିସ୍ ଅଲିମ୍ପିକ୍ସ ଲାଗି କିଶୋର ଜେନାଙ୍କ ଆଶା

ଜାଭେଲିନ୍‌ରେ ଭାରତ ଏକାଧିକ ପଦକ ଜିତିପାରିବ

ଚଣ୍ଡିଗଡ, ୧୩।୩(ଏଜେନ୍ସି)

ଜାଭେଲିନ୍ ଖେଳରେ ଭାରତ ଏବେ ଏକ ଶକ୍ତିରେ ପରିଣତ ହୋଇଛି। ଆମ ନିକଟରେ ଏକାଧିକ ପ୍ରତିଭାବାନ ଖେଳାଳି ରହିଛନ୍ତି। ସବୁଯଦି ଠିକ୍ ଠାକ୍ ଚାଲେ ତେବେ ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଏକାଧିକ ପଦକ ଜିତିବ ବୋଲି ଆଶା ପ୍ରକାଶ କରିଛନ୍ତି ଉଦୀୟମାନ ଜାଭେଲିନ୍ ତାରକା କିଶୋର କୁମାର ଜେନା। ଏଠାରେ ମଙ୍ଗଳବାର ଅନୁଷ୍ଠିତ ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରରେ ଓଡ଼ିଶାର ଏହି ନମ୍ବରୱାନ୍ ଆଥ୍‌ଲେଟ କିଶୋର ଜେନା ଏହି ମତପ୍ରକାଶ କରିଛନ୍ତି। ଏହା ସହ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି କିଶୋରଙ୍କୁ ମନ୍ତ୍ରୀ ଠାକୁର ଶୁଭକାମନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।

ପ୍ୟାରିସ୍‌ରେ ହେବାକୁ ଯାଉଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ଆଉ ମାତ୍ର ୧୩୦ରୁ କିଛି ଅଧିକ ଦିନ ରହିଛି। ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋର ଜେନା ବିଶ୍ୱର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଜୋରଦାର

ଅଭ୍ୟାସ କରୁଛନ୍ତି। ଏହି ଅଲିମ୍ପିକ୍ସକୁ ସ୍ମରଣୀୟ କରିବା ଲାଗି ଉଭୟ କିଶୋର ଓ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା କଠିନ ଅଭ୍ୟାସ କରୁଛନ୍ତି। ଏବେ ପଟିଆଲାର ନେତାଜୀ ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ କିଶୋର ଅଭ୍ୟାସ କରୁଛନ୍ତି। ଉଭୟ ପ୍ରତିଯୋଗୀ ପୁରୁଷ ଜାଭେଲିନ୍ ଥ୍ରୋ'ରେ ପ୍ୟାରିସ୍‌ରେ ପଦକ ଆଶା କରୁଛନ୍ତି। ଏହା ମଧ୍ୟ ସମ୍ଭବ ହେବ ବୋଲି କିଶୋର କହିଛନ୍ତି।

ବୁଦାପେଷ୍ଟ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ନୀରଜଙ୍କ ସହ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ଅର୍ଜନ କରି ସମସ୍ତଙ୍କ ନଜରକୁ ଆସିଥିଲେ। ଏହା ପରେ ୨୦୨୩ ହାଙ୍ଗଝୋଉ ଏସିଆନ ଗେମ୍ସରେ ନୀରଜ ଚୋପ୍ରାଙ୍କ ସହ ୧-୨ ସ୍ଥାନ ଲାଗି ଲଢ଼େଇ ତାଙ୍କ ଜଣେ ଶ୍ରେଷ୍ଠ ଆଥଲେଟ୍‌ରେ ପରିଣତ କରିବା ସହ ଦେଶରେ ଲୋକପ୍ରିୟକରାଇଥିଲା। ପ୍ରଥମେ କିଶୋର ଆଗୁଆ ରହିଥିଲେ ମଧ୍ୟ ନୀରଜ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଥିରେ ୮୭.୫୪ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କିଶୋର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏସିଆନ ଗେମ୍ସ ଇତିହାସର ପୁରୁଷ ଜାଭେଲିନ୍ ଥ୍ରୋ'ରେ ପ୍ରଥମଥର ଭାରତର ଦୁଇ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଥିଲେ।

କିଶୋରଙ୍କ ମତରେ ୨୦୨୪ ମୋ ଲାଗି ଭଲ ରହିଛି। ଏହି ବର୍ଷ ଭଲ ଅଭ୍ୟାସ ହେଉଛି। ମୋତେ ସବୁଆଡୁ ସମର୍ଥନ ଓ ସହଯୋଗ ମିଳୁଛି। ସାଇ, ଟସ୍ସ ଓ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ନିକଟରୁ ସମର୍ଥନ ମିଳିଛି। ମୁଁ ଦୃଢ଼ ନିଶ୍ଚିତ ଯେ ମୋର ପ୍ରଦର୍ଶନରେ ଢ଼େର ଉନ୍ନତି ଘଟିଛି। ସବୁ ଠିକ୍ ଠାକ ଚାଲିଛି। ବାକି ସବୁ ଈଶ୍ୱରଙ୍କ ଉପରେ ବୋଲି କିଶୋର କହିଛନ୍ତି। ଚଳିତ ବର୍ଷ ଡାଏମଣ୍ଡ ଲିଗରୁ କିଶୋର ତାଙ୍କ ଅଭିଯାନ ଆରମ୍ଭ କରିବେ। ଏହି ପ୍ରତିଯୋଗିତା ମେ' ମାସ ଦୋହାରୁ ଆରମ୍ଭ ହେବ। ଦୋହା ଲିଗ୍‌ରେ ଭଲ କରିବାକୁ କିଶୋର ଆଶାବାଦୀ ଅଛନ୍ତି। ନିକଟରେ ସେ ତାଙ୍କ ପ୍ରଶିକ୍ଷକ ସିମରନଜିତ ସିଂ ମାଲିଙ୍କ ସହ ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ଏଠାରେ ପ୍ରଶିକ୍ଷଣ ସମୟରେ କିଛି ଟେକ୍‌ନିକ ପରିବର୍ତ୍ତନ ଓ କାନ୍ଧରେ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବାରେ କିଶୋର ପ୍ରଥମ ଓଡ଼ିଆ ଜାଭେଲିନ୍ ଫିଙ୍ଗାଳି ହୋଇଛନ୍ତି।

ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ଯୁବ ଓପନର ଶେଫାଳି ବର୍ମା (୩୭ ବଲ୍‌ରେ ୭୧ ରନ୍, ୭ ଚୌକା, ୫ଛକା) ଓ ଜେମିମା ରୋଡ୍ରିଗ୍ସେଜ୍ (୨୮ ବଲ୍‌ରେ ୩୮*)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଗୁଜରାଟ ଜାଏଣ୍ଟସକୁ ୭ ୱିକେଟରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ମହିଳା ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ ପରେ ଦିଲ୍ଲୀ ୮ମ ମୁକାବିଲାରୁ ୬ଷ୍ଠ ବିଜୟ ସହ

ମହିଳା ପ୍ରିମିୟର ଲିଗ୍

ଦିଲ୍ଲୀ ୧୨ ପଏଣ୍ଟ ହାସଲ କରି ପଏଣ୍ଟ ସାରଣୀରେ ପ୍ରଥମ ସ୍ଥାନରେ ରହିଛି। ପଏଣ୍ଟ ସାରଣୀର ଦ୍ୱିତୀୟ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ ଓ ତୃତୀୟ ସ୍ଥାନରେ ଥିବା ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ୧୫ ତାରିଖ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଦିଲ୍ଲୀ ୧୭ ତାରିଖ ରବିବାର ଫାଇନାଲ ଖେଳିବ। ଏଠାରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୯ ୱିକେଟରେ ୧୨୬ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୩.୧ ଓଭରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା।

● ଆଇସିସି ଟେଷ୍ଟ ମାନ୍ୟତା

ବୁମ୍‌ରାଙ୍କୁ ହଟାଇ ଅଶ୍ୱିନ ନଂ ୧

ଦୁବାଇ,୧୩।୩(ଏଜେନ୍ସି): ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ମାନ୍ୟତାରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି। ସେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ହଟାଇ ନଂ ୧ ସ୍ଥାନ ହାସଲ କରିଛନ୍ତି। ଗତ ସପ୍ତାହରେ ସେ ଧର୍ମଶାଳାରେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିଥିଲେ। ବୁମ୍‌ରା ଦୁଇଟି ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ୍ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା କାଗିସୋ ରାବାଡ଼ା ଚତୁର୍ଥ, ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ୫ମ ସ୍ଥାନରେ ରହିଛନ୍ତି। ସେହିପରି ସ୍ପିନର ରବିନ୍ଦ୍ର ଜାଡେଜା ୭ମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ଶ୍ରେଷ୍ଠ-୧୦ରେ ୩ଜଣ ଭାରତୀୟ ସ୍ଥାନିତ ହୋଇଛନ୍ତି।

ଅଶ୍ୱିନ ଷଷ୍ଠଥର ପାଇଁ ଶୀର୍ଷରେ ପହଞ୍ଚିଲେ

ଏଥିସହ ଅଶ୍ୱିନ ଷଷ୍ଠଥର ପାଇଁ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ସେ ପ୍ରଥମଥର ପାଇଁ ୨୦୧୬ରେ ନଂ୧ ସ୍ଥାନରେ ପହଞ୍ଚିଥିଲେ। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟରେ ସେ ମୋଟ୍ ଉପରେ ୯ଟି ୱିକେଟ ନେଇଥିଲେ। ଭାରତ ଏହି ସିରିଜରେ ୪-୧ରେ ବିଜୟୀ ହୋଇଥିଲା। ଅନ୍ୟତମ ସ୍ପିନର କୁଲଦୀପ ଯାଦବ ୧୫ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚିଛନ୍ତି।

ବ୍ୟାଟିଂ ତାଲିକାରେ ରୋହିତ, ଗିଲ, ଯଶସ୍ୱୀଙ୍କ ଉନ୍ନତି

ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଅଧିନାୟକ ରୋହିତ ଶର୍ମା, ଓପନର ଯଶସ୍ୱୀ ଜୟସ୍ୱାଲ ଓ ଶୁବମାନ ଗିଲଙ୍କ ଉନ୍ନତି ହୋଇଛି। ରୋହିତ ୫ଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଗିଲ୍ ୧୧ଟି ସ୍ଥାନ ଉପରକୁ ଉଠି ବିଂଶତମ ସ୍ଥାନରେ ପହଞ୍ଚିଛନ୍ତି। ସେହି ଜୟସ୍ୱାଲ ଦୁଇଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ସୁପରଷ୍ଟାର ବିରାଟ କୋହଲି ୯ମ ସ୍ଥାନରେ ସ୍ଥିର ରହିଛନ୍ତି। ବ୍ୟାଟିଂ ତାଲିକାରେ ଶ୍ରେଷ୍ଠ ୧୦ରେ ୩ଜଣ ଭାରତୀୟ ରହିଛନ୍ତି।

ଅଲରାଉଣ୍ଡର ମାନ୍ୟତାରେ ୩ ଭାରତୀୟ

ଅଲରାଉଣ୍ଡର ମାନ୍ୟତାରେ ୩ଜଣ ଭାରତୀୟ ସ୍ଥାନ ବଜାୟ ରଖିଛନ୍ତି। ରବିନ୍ଦ୍ର ଜାଡେଜା ଶୀର୍ଷ ସ୍ଥାନରେ ରହିଥିବା ବେଳେ ଅଶ୍ୱିନ ଦ୍ୱିତୀୟ ଓ ଅକ୍ଷର ପଟେଲ ଷଷ୍ଠ ସ୍ଥାନରେ ରହିଛନ୍ତି। ବାଂଲାଦେଶ ସାକିବ ଅଲ ହାସନ ତୃତୀୟ ସ୍ଥାନରେ ରହିଛନ୍ତି।

ଆଇପିଏଲ୍‌ରୁ ଓହରିଲେ ହ୍ୟାରି ବ୍ରୁକ୍

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇଂଲଣ୍ଡ ତାରକା ବ୍ୟାଟର ହ୍ୟାରି ବ୍ରୁକ୍ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ବ୍ୟକ୍ତିଗତ କାରଣ ଦର୍ଶାଇ ବିଶ୍ୱର ସବୁଠାରୁ ଏହି ଧନୀ କ୍ରିକେଟ ଲିଗ୍‌ରୁ ନିଜର ନାମ ଫେରାଇ ନେଇଛନ୍ତି। ଫଳରେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସକୁ ଶକ୍ତ ଧକ୍କା ଲାଗିଛି। ଇଂଲଣ୍ଡର ଚତୁର୍ଥ କ୍ରିକେଟର ଭାବେ ସେ ଆଇପିଏଲରୁ ଓହରିଯାଇଛନ୍ତି। ୨୫ ବର୍ଷୀୟ ବ୍ରୁକ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଗତ ନୀଲାମିରେ ୪ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଏପର୍ଯ୍ୟନ୍ତ ତାଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ।

ରିଚାର୍ଡ ହାଡ୍‌ଲି ପଦକ ଜିତିବାରେ ରଚିନ ସର୍ବକନିଷ୍ଠ

ୱେଲିଂଟନ,୧୩।୩(ଏଜେନ୍ସି): ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ରଚିନ ରବିନ୍ଦ୍ର ସମ୍ମାନଜନକ ସାର୍ ରିଚାର୍ଡ ହାଡଲି ପଦକ ତଥା ପୁରସ୍କାର ହାସଲ କରିଛନ୍ତି। ଏହି ପଦକ ହାସଲ କରିବାରେ ରଚିନ ସର୍ବକନିଷ୍ଠ ସାବ୍ୟସ୍ତ ହୋଇଛନ୍ତି। ୨୪ ବର୍ଷୀୟ ରଚିନ୍ ନିଜକୁ ରେଡ୍ ଓ ହ୍ୱାଇଟ୍ ବଲ୍ କ୍ରିକେଟରେ ନ୍ୟୁଜିଲାଣ୍ଡ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଭାବେ ପ୍ରତିଷ୍ଠିତ କରିଛନ୍ତି। ଭାରତରେ ଅନୁଷ୍ଠିତ ଗତ ଦିନିକିଆ ବିଶ୍ୱକପ୍‌ରେ ସେ ୬୪ ରନ ହାରରେ ମୋଟ୍ ଉପରେ ୫୭୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୩ଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ମୁକାବିଲାରେ ସେ ଅପରାଜିତ ୧୨୩ ରନର ଶତକୀୟ ପାଳି ଖେଳିଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA